ମଧୁମାୟା

ଶ୍ରୀ ନୃସିଂହଚରଣ ଦାଶ ବି. ଏ.

Digitized by srujanika@gmail.com

ମଧୁମାୟା

ଶ୍ରୀ ନୃସିଂହଚରଣ ଦାଶ ବି. ଏ.

୧ମ ସଂସ୍କରଣ

ପ୍ରକାଶକ
ଶ୍ରୀ ବୈଦ୍ୟନାଥ ରଥ
ଦି ସିଟି ବୁକ୍ ଡିପୋ
ନିମଚଉଡ଼ି, କଟକ—୨

ମୂଲ୍ୟ ୧ ୨୫

Digitized by srujan ka@gmail.com

ପ୍ରଥମ ପ୍ରକାଶ—୧୯୫୬

ସନ୍ନିବେଶିତ ଗଳ୍ପଗୁଡ଼ିକ 'ଝଙ୍କାର', 'ଉତ୍କଳ ସାହିତ୍ୟ' 'ନବ ଜୀବନ', 'ଆସନ୍ତାକାଲି' ଓ 'ରବିବାର ପ୍ରଜାତନ୍ତ୍ର' ପ୍ରଭୃତି ଉତ୍କଳର ବିଭିନ୍ନ ପତ୍ରପତ୍ରିକାରେ ଏଥିପୂର୍ବରୁ ପ୍ରକାଶିତ ହୋଇସାରିଛି

Digitized by srujan ka@gmail.com

ମୋ’

ବୋଉ

ପାଖରେ —

Digitized by srujan ka@gmail.com

ସୂଚୀ

ବିଷୟ	ପୃଷ୍ଠାଙ୍କ
୧ । ମହାନଗରୀର ଛାତ ଉପରେ	୧
୨ । ଉପସୀର ଉପାୟନ	୧୫
୩ । କଳାଶ୍ରୀ	୨୬
୪ । ସମ୍ପାଦକ	୪୦
୫ । ନୀଳ ତରଙ୍ଗର ସ୍ୱର	୪୯
୬ । ଚାବା ଓ ଜୟ	୫୮
୭ । ମଧ୍ୟପଦଲୋପୀ କର୍ମଧାରୟ	୭୩
୮ । ଜଳମ ମୂନର ବିପ୍ଳବ	୮୬
୯ । ପ୍ରତିଶୋଧ	୯୫
୧୦ । ପ୍ରତିଫଳନ	୧୦୫
୧୧ । ଗୀତଶ୍ରୀ ଘର	୧୧୨

Digitized by srujan ka@gmail.com

ମହାନଗରୀର ଛାତ ଉପରେ

କ୍ଲାନ୍ତ ପାଦ ଦୁଇଟିକୁ ଆଗକୁ ଠେଲି ଠେଲି ଚାଲିଛନ୍ତି ଶ୍ରାନ୍ତ ଶଙ୍କର—ଚାଲିବାଟା ତା ଜୀବନରେ ଅତି ମାମୁଲି । ଦୈନନ୍ଦିନ ରୁଟିନ୍‌ବନ୍ଧା ଜୀବନରେ ତାର ଏହା ଏକ ବିଶେଷ କାର୍ଯ୍ୟକ୍ରମ । ସେହି ରାସ୍ତା, ସେହି ନଗରୀ, ସେହି ଧୂଳିମାଟି ସହିତ ଶଙ୍କର ଏକାନ୍ତ ପରିଚିତ ।

ଆଇ.ଏ. ପାଶ୍ କରି ସାରିବା ପରେ ସରକାରୀ ଚାକିରୀ କରିବାର ସ୍ୱପ୍ନ ଦେଖି ଦେଖି ସହରର ଧୂଳିମାଟି ସହିତ ବିଶେଷ ପରିଚିତ ହୋଇଥିଲା ଶଙ୍କର । କିନ୍ତୁ ଇଣ୍ଟରଭିଉର ତାଡ଼ନା ପାଇ ପାଇ ସେ ସ୍ୱପ୍ନରେ କଳଙ୍କି ଲାଗିଗଲାଣି । ପୂର୍ବ ସ୍ନିଗ୍ଧତା ଆଉ ନାହିଁ । ସ୍ୱପ୍ନହିଁ ତା ନିକଟରେ ଚିରଦିନ ସ୍ୱପ୍ନ । ତା ପରେ ବାପା ବୋଉଙ୍କର ଟଙ୍କା ପାଇଁ ଦାବୀ, ସ୍ତ୍ରୀଙ୍କର ଅନବରତ ବାକ୍ୟ ବିସ୍ଫୋରଣ—ଏ ସମସ୍ତରୁ ନିଜକୁ ମୁକ୍ତ କରି ପାରିଲା ନାହିଁ ଶଙ୍କର । ତାର ପକ୍ଷ ଅବଦ୍ଧ । ବାପା ବୋଉ ସ୍ନେହର ଆଧିକ୍ୟରେ ତାକୁ ଯେ ଅଳ୍ପ ବୟସରେ ବିବାହ ଦେଇଥିଲେ ତାର ପ୍ରତିଫଳ ସ୍ୱରୂପ ବର୍ତ୍ତମାନ ସେ ତିନିଗୋଟି ସନ୍ତାନର ପିତା ।

Digitized by srujan ka@gmail.com

ଶେଷରେ ସର୍ବୋତ୍କୃଷ୍ଟ ପନ୍ଥା ରୂପେ ଶଙ୍କର ବାଛି ନେଲା ଏହି ଜୀବନ—ସହରର ଧୂଳିମାଟିର ମୋହ ତାରଦାନ ପାଇଁ ତାକୁ ଅବୋଧ ରଖିଲା । ସେ ଟିଉସନ କରିବ । ଉପାର୍ଜିତ ଅର୍ଥରେ ନିଜର ଜୀବନ ନୌକା ବାନ୍ଧିନେବ ।

କିନ୍ତୁ ଶଙ୍କର ଦେଖିଲା—ସହରରେ ପାଞ୍ଚଜଣିଆ ତାର କ୍ଷୁଦ୍ର ସଂସାର । ନା, ନା—କ୍ଷୁଦ୍ର ତ ନୁହେଁ—ଖୁବ୍ ବଡ଼ ଶଙ୍କର ନିକଟରେ, ଯେତେ ବଡ଼ ବୋଲି ମନୁଷ୍ୟ କେବେ ଆଶା କରେ । ଆଉ ଘରେ ବାପା ବୋଉଙ୍କ ପ୍ରତି କର୍ତ୍ତବ୍ୟବୋଧ—ତାର ଉପାର୍ଜନ ଯଥେଷ୍ଟ ନୁହେଁ । ଧନଆଳୟ ଗୁଳା ଗୁଳି ଟିଉସନରୁ ଯାହା କିଛି ପାଏ, ତାହା ଆଦୌ ସନ୍ତୋଷଜନକ ନୁହେଁ । ତଥାପି ସେ ଚଳୁଛି ।

ସମୟ ସମୟରେ ଶଙ୍କର ମନ ବିକ୍ଷେଇ ଉଠେ । ଭାବି ଭାବି ତିକ୍ତତାରେ ହୃଦୟ ଭରି ଉଠେ । ବାସ୍ତବିକ ନିଃସ୍ୱ ଜୀବନରେ ପିତୃତ୍ୱ ଏକ ଅଭିଶାପ । ସନ୍ତାନ କାମନା ଏକ ଭ୍ରାନ୍ତ ଧାରଣା । ନିଃସ୍ୱ ଜୀବନରୁ ଯଦି କାମ ଓ କାମନାର ଲୋପ ପାଇଯାନ୍ତା··· !!!

ଚାଲି ଚାଲି ଶଙ୍କରର ଆଖି ଦୁଇଟା ରାସ୍ତା ପାର୍ଶ୍ୱର ବୈଭବ ଉପରେ ଥରେ ଥରେ ଘୂରି ଆସେ, ଖୁବ୍ ନିଃସହାୟ ଭାବରେ । ତା ପରି ଦୁଃଖି ଆଉ କଣ କେହି ନାହିଁ ? ସହାୟହୀନ ଅବସ୍ଥାରେ ମନୁଷ୍ୟ ପ୍ରାୟ ତା ପରି କେତୋଟି ସାଥୀ ଖୋଜି ବୁଲେ । ଆଗରେ ଚିପୁଙ୍କି କଲୋନି······

ରାଜପଥ ପାର୍ଶ୍ୱର ଏହି କ୍ଷୁଦ୍ର ପ୍ରାନ୍ତରଟି । କେତେ ଗୋଟି ବଡ଼ ବଡ଼ ଅର୍ଜୁନ ଗଛ ତା ଉପରେ ପକ୍ଷ ବିସ୍ତାର କରି ଛାୟା ଦାନ କରିଛି । ନିସ୍ୱର ବାସସ୍ଥାନ । ତାରି ତଳେ ମନୁଷ୍ୟାକୃତି ଅବହେଳିତ କେତୋଟି ଜୀବ ଆଶ୍ରୟ ନେଇଛନ୍ତି ।

Digitized by srujan ka@gmail.com

ବାସ୍ତବିକ୍ କହିବାକୁ ଗଲେ ସେଇଟା ରିଫ୍ୟୁଜି କଲୋନି ନୁହେଁ—ବେସରକାରୀ, ତଥାପି ସେମାନଙ୍କ ପଳାତକ···ଯାଯାବର··· ସର୍ବହରା । ଜୀବନ ସଂଗ୍ରାମ ମଧ୍ୟରେ କ୍ଷତ ବିକ୍ଷତ ହୋଇ ଏହି ଅବ୍ୟବହୃତ ପ୍ରାନ୍ତରଟିକୁ ସେମାନଙ୍କର ଶେଷ ଓ ଶ୍ରେଷ୍ଠ ବାସସ୍ଥାନ ରୂପେ ବାଛି ନେଇଛନ୍ତି ।

ପ୍ରତିଦିନ ଶଙ୍କର ସେମାନଙ୍କୁ ଦେଖେ । ଆହା ! ସେମାନେ ବି ତା ପରି ଦୁଃଖୀ··· ? ଉଃ···ବସି ପଡ଼ିଲା ଶଙ୍କର । ଚପଲଟା ପୁରୁଣା ନଷ୍ଟ ହୋଇ ଗଲାଣି । ବାହାରିଥିବା କଣ୍ଟାଟାଏ ଗୋଇଠିରେ ଫୁଟିଗଲା । ଦୁଇବର୍ଷ ତଳେ କିଣା ହୋଇଥିଲା । ଘୋରି ହୋଇ ଗୋଇଠିରୁ ଅଧେ ନାହିଁ । ଆଉ କାମରେ ଆସିବନି । ତଥାପି ଖାଲି ପାଦରେ ଚାଲିବା କଦାପି ସ୍ୱାସ୍ଥ୍ୟର ଅନୁକୂଳ ନୁହେଁ···

ମହାନଗରୀଟି କିପରି ଅସ୍ୱାଭାବିକ ରୂପେ ନିସ୍ତବ୍ଧ ହୋଇ ଉଠିଲାଣି । ସମସ୍ତେ ନୀରବ, ନିଶ୍ଚଳ, ସୁପ୍ତ । ଆଃ ! ଆଜି ବହୁତ ଡେରି ହୋଇଗଲାଣି··· !

ତରତରରେ ଉଠି ଚାଲିବାକୁ ଆରମ୍ଭ କଲା ଶଙ୍କର । ଆଜି ଘରେ କିଛି ନ ଥିଲା । ଉପବାସ ! ଉପବାସଟା ତା ଜୀବନରେ ଆଦୌ ନୂତନ ନୁହେଁ । ପିଲା ତିନୋଟି ହୁଏତ ମା ପାଖରେ କାନ୍ଦି କାନ୍ଦି ଶୋଇ ଯିବେଣି । ସ୍ତ୍ରୀ ରମା ହୁଏତ ତା ପଥକୁ ଆଶାୟୀ ଦୃଷ୍ଟିରେ ଚାହିଁ ରହିଥିବ । ନଗରୀର ଉନ୍ମୁକ୍ତ ନର୍ଦ୍ଦମା ସ୍ରୋତ ଉପରେ ଚନ୍ଦ୍ରର ରକ୍ତହୀନ ଶେତାଳିଆ କିରଣର ଲହଡ଼ି । ନିଜର ଛାଇକୁ ଅଶାନ୍ତ କରି ଚାଲୁଚାଲୁ ହଠାତ୍ ଚମକି ଉଠିଲା ଶଙ୍କର, ଢ଼ଣ୍ଡାରେ ତାର ନାଁପିବା କୁଣ୍ଠିତ ହୋଇ ଉଠିଲା—ବୃକ୍ଷର ଛୋଟ ଛୋଟ ଅସଂଖ୍ୟ ପତ୍ରଗହଳି ଦେଇ ତଳକୁ ଲମ୍ବି ଆସିଥିବା ଛାପ-ଛାପିଆ

Digitized by srujan ka@gmail.com

ଚନ୍ଦ୍ରକିରଣରେ ସ୍ଥାନଟି ଝଟକ ସ୍ପଷ୍ଟ । ସେଥିରେ ସେ ଦେଖିଲ—ଅଳ୍ପ ଦୂରରେ ଦୁଇଟି ଲୋକ ଶୋଇଯାଇଛନ୍ତି—ପୁରୁଷ ଓ ସ୍ତ୍ରୀ—ଖୁବ ନିକଟରେ । ସ୍ୱାମୀ ଓ ସ୍ତ୍ରୀ ହେବେ ବୋଧେ । ପାଖରେ ଦୁଇ ତିନି ମାସର ଗୋଟିଏ ଶିଶୁ । ଏଁ···ଇସ୍···କୁଷ୍ଠରୋଗୀ···!!!

ହୁଃ—ହୁଃ—ରୋଗର ତୀବ୍ର ଯନ୍ତ୍ରଣା ମଧ୍ୟରେ ମଧ୍ୟ ମନୁଷ୍ୟ କାମର ମୋହ ତ୍ୟାଗ କରି ପାରନି···???

ଶଙ୍କରର ମନେ ପଡ଼ିଲା—ସେ ଦିନ ସମ୍ବାଦପତ୍ରରେ କୁଷ୍ଠ ନିବାରଣ ପାଇଁ ଯେଉଁ ନଉଷ୍ଟମ୍ବୀ କଳ୍ପନା ଜଳ୍ପନା ଏଠାରେ ଦେଖିଲେ କ୍ଷଣକ ମଧ୍ୟରେ ଧୂଳିସାତ୍ ହୋଇଯାଉଛି··

ଶଙ୍କର ଚାହିଁଲା—ଖୁବ୍ ଭଲ କରି ଆଉ ଥରେ ଚାହିଁଲା ଏହି ସର୍ବହରାଙ୍କ ଆଡ଼େ । ମନେହେଲା ଯେପରି ଜୀବନର ବିସ୍ୱାଦ ମଧ୍ୟରେ ସ୍ୱାଦ ଉପଭୋଗ କରିବାକୁ ବ୍ୟଗ୍ର—ରୋଗ, ଶୋକ ନିର୍ବିଶେଷରେ ବଞ୍ଚି ରହିବାକୁ ଲାଳାୟିତ ।

ଅଟୋଡ୍ ଭିତର ମଧ୍ୟରୁ ପୁଣି ଭାସି ଆସିଲା କାଶର ଝଙ୍କାର—ଦମାପଟଳ ଦମା । ଯକ୍ଷ୍ମା ରୋଗୀଟିଏ ହେବ ବୋଧେ···!!!

ଶଙ୍କର ଚାହିଁଲା—ଅଦୂରରେ ଗଛର ଝାପ୍‌ସା ଅନ୍ଧାର ମଧ୍ୟରେ ଘୁମ୍ପାହିଏ—ଠିକ୍ ସେଇଠି ସ୍ତ୍ରୀ ଲୋକଟିଏ କାଶି କାଶି ବେଦମ ହୋଇଯାଉଛି । ପ୍ରତି ସେକେଣ୍ଡରେ ଲକ୍ଷ ଲକ୍ଷ ବିଷାକ୍ତ ଜୀବାଣୁ ବାୟୁମଣ୍ଡଳ ସହିତ ଖେଳି ଖେଳି ମିଳାଇ ଯାଉଛନ୍ତି । ପାଖରେ ପୁରୁଷଟିଏ ଆଉଁସି ଦେଉଛି ତାର ଛାତିକୁ । ତାର ସ୍ୱାମୀ ହେବ ବୋଧେ । ଏ ପର୍ଯ୍ୟନ୍ତ ବି ତାର ଜୀବନର ମୋହ ତ୍ୟାଗ କରି ପାରିନି !!!

Digitized by srujan ka@gmail.com

“ପ୍ରତିଦିନ ଶହ ଶହ ଲୋକ ଯକ୍ଷ୍ମାରୋଗରେ ପ୍ରାଣତ୍ୟାଗ କରୁଛନ୍ତି···! ! !

ଆଗକୁ ପାଦ ପକାଇଚାଲିଲା ଶଙ୍କର । ତାର ମନେ ହେଲା ଏଇ କ୍ଷୁଦ୍ର ପ୍ରାନ୍ତରଟି ଯେପରି ବିଭିନ୍ନ ପ୍ରକାର ରୋଗର ଜୀବାଣୁକୁ ନେଇ ଗୋଟିଏ ଗନ୍ତାଘର ପାଲଟି ଯାଇଛି ।

କେତେଟା ଲାଇଟ୍‌ପୋଷ୍ଟ ଗୋଟିକ ପରେ ଗୋଟିଏ ଅତିକ୍ରମ କରି ଗଲା ଶଙ୍କର । ଆଜି ବତୀଗୁଣ୍ଡରେ ବଲ୍‌ବ୍‌ର ଆଲୋକ ନାହିଁ । ଜ୍ୟୋତ୍ସ୍ନା । ରାତି ଯୋଗୁ ରାସ୍ତା ପାର୍ଶ୍ୱରେ ଆଲୋକର କୌଣସି ଆବଶ୍ୟକତା ନାହିଁ ।

ହଠାତ୍ ଶଙ୍କର ଅଟକିଗଲା । ରାଜପଥ ପାଖକୁ ଲାଗି ଶୋଇ-ଯାଇଛି ଝିଅଟିଏ—ଆଠ ନ’ ବର୍ଷର ହେବ । ସେ ତାକୁ ଚିହ୍ନି—ଚିହ୍ନି ପାରିଲା ମଧ୍ୟ । ହଁ—ଠିକ୍ ସେଇତ···!

ଷ୍ଟେସନରେ ବୁଲିବୁଲି ହଠାତ୍ ଏଇ ଝିଅଟିକୁ ଦେଖିଥିଲା ଶଙ୍କର । “ବାବୁ ! ପଇସାଟିଏ ଦିଅ···”—ଝିଅଟିର ଅନୁନୟ କଣ୍ଠସ୍ୱର ତାର ଦୃଷ୍ଟି ଆକର୍ଷଣ କଲା ।

ପାଖରେ ଠିଆ ହୋଇଥିବା କେତେଜଣ କଲେଜ ଛାତ୍ର ବିରକ୍ତ ହୋଇ ଦୂରକୁ ଚାଲିଗଲେଣି । ଘୃଣାରେ ସେମାନଙ୍କର ନାସିକା ରୁମାଲ ଦ୍ୱାରା ଆବୃତ—ଇସ୍ କି ଅପରିଷ୍କାର ! ଅପରିଷ୍କାର ହାତଟା ଦେହରେ ବାଜି ଯାଇପାରେ··!

ଯେଉଁ ଦେଶରେ ପିଲାଟିଏ ମଧ୍ୟ ଗଣ୍ଡାଏ ଖାଇବାକୁ ନପାଇ ଭିକ୍ଷା କରେ ସେ ଦେଶର ଭବିଷ୍ୟତ କ’ଣ ?? ତଥାପି କୌତୂହଳୀ ହେଲା ଶଙ୍କର । ବେକାର ଅର୍ଥହୀନ ଶଙ୍କର ତାକୁ ପାଖକୁ ଡାକି ଧୀର ସ୍ୱରରେ ପଚାରିଲା—‘ତୋ ନାଁ କ’ଣ ?’

Digitized by srujan ka@gmail.com

—ଚନ୍ଦା

—ଚନ୍ଦା ! ବେଶ୍, ଖୁବ ସୁନ୍ଦର । ଅଚ୍ଛା—ତୋର ଅଜ୍ଞ କିଏ ଅଛି ?

—ଆମ୍ମା···

—ପଇସା ନେଇ କ'ଣ କରିବୁ ?

ଚନ୍ଦା ଶୀଘ୍ର ଛୋଟ ଚିରା ଫ୍ରକ୍ ତଳେ ପେଟରେ ଅଭ୍ୟସ୍ତ କାଇଦାରେ ହାତ ବୁଲାଇ ଆଣି କହିଲା—ଖାଇବି ବାବୁ ! ଆମ୍ମାକୁ ଭାରି ଜର । ଦୁଇଦିନ ହେଲା କିଛି ଖାଇନୁ । ଭୋକରେ ପେଟ ଜଳି ଯାଉଛି । ଗୋଟିଏ ପଇସା ଦିଅ ବାବୁ ! ବଞ୍ଚି ଯିବୁ···

ହଁ, ମିଛ କହୁଛ ? ଆଜି ସକାଳେ ପରା ତୋ ଆମ୍ମା ସାଙ୍ଗରେ ଏଠି ବୁଲୁଥିଲୁ···?

—ନାହିଁ ବାବୁ···

—ନାହିଁ ବାବୁ କ'ଣ ? ମୁଁ ପରା ନିଜେ ଦେଖିଛି । ତୁ ଏଇଠି ତୋ ଆମ୍ମା ସାଙ୍ଗରେ ଠିଆ ହୋଇ ନଥିଲୁ···?

ନୀରବ ରହିଲା ଚନ୍ଦା । ଦୋଷୀ ଆସାମୀ ପରି ତଳକୁ ମୁହଁ ପୋତି ଠିଆହୋଇ ରହିଲା ! ଚକ୍ଷୁରେ କରୁଣ ଦୃଷ୍ଟି । ଶଙ୍କରର ଗୁଳାକ ପାଖରେ ଚନ୍ଦାର ଛୋଟ ମୁଣ୍ଡର ବୁଦ୍ଧି ଧରା ପଡ଼ିଯାଇଛି । ହୁଏତ ପଇସା ପାଇବାର ଆଶା ଆଉ ନାହିଁ । ଅନେକ ତାକୁ ଏହିପରି ବହୁତ ପ୍ରଶ୍ନ ପଚାରିଛନ୍ତି—କିନ୍ତୁ ସେ ପାଇନି କିଛି । ପଳାଇ ଯିବାକୁ ବସିଲା ଚନ୍ଦା—ହଠାତ୍ ପକେଟରୁ ସୁଜକଟିଏ କାଢ଼ି ଧରିଲା ଶଙ୍କର । ଚନ୍ଦାର ଆଖିଦୁଇଟା ସୁଜକ ଉପରେ ଜଳଉଠିଲା—କ୍ଷୁଧାର୍ତ୍ତ କୁକୁରର ଆଖି ପରି । ଗୁର'ଣ୍ଡା ପଇସା ଏକାଥରକେ ପାଇବ । ସେ

Digitized by srujan ka@gmail.com

ବିଶ୍ୱାସ କରି ପାରିଲାନି । ଆଜି ପର୍ଯ୍ୟନ୍ତ କେବେ ପାଇନି ମଧ୍ୟ । ଶଙ୍କର ପୁଣି କହିଲା—

—ତାହାହେଲେ ତୁ କାହିଁକି ମିଛ କହିଲୁ ? କହ—ସତ କହିଲେ ଆହୁରି ବେଶି ପଇସା ଦେବି···

ଚନ୍ଦା ଶଙ୍କିତ ସ୍ୱରରେ କହିଲା—ନାଇଁ ବାବୁ ! ଏଇଆ କହିବାକୁ ଅମ୍ମା କହିଛନ୍ତି । ନ ହେଲେ ମାରିବ—ଖାଇବାକୁ ଦେବନି । ଏଇଆ ନ କହିଲେ କୁଆଡ଼େ ବାବୁମାନେ ପଇସା ଦେବେନି···!

—ହଉ ଚାଲ୍ ତୋ ଅମ୍ମାକୁ ପଚାରିବା ତ···?

ଚନ୍ଦାର ମୁହଁ ଶେତା ପଡ଼ି ଆସିଲା । ସତେ ଯେପରି ଭୟରେ ସେ ଅଳ୍ପ ସମୟ ମଧ୍ୟରେ ମରିଯିବ—

ହସି ହସି ମୁଞ୍ଜକାଠା ଚନ୍ଦା ହାତକୁ ପକେଇ ଦେଲା ଶଙ୍କର । ଆଖି ପିଛୁଳାକେ ମୁଞ୍ଜକାଠା ନେଇ ଲୋକ ଗହଳି ମଧ୍ୟରେ ଲୁଚିଗଲା ଚନ୍ଦା । ଯାହାହେଉ ପେଟ ପାଇଁ ପ୍ରତ୍ୟେକ ଗୋଟାଏ ଗୋଟାଏ ପନ୍ଥା ବାଛି ନେଇଛନ୍ତି । କିନ୍ତୁ କି ନିର୍ମମ ପ୍ରତାରଣା···!!!

ଏଇ ସେଇ ଚନ୍ଦା—ଖାଲି ମାଟି ଉପରେ ନିଘୋଡ଼ ନିଦରେ ଶୋଇଯାଇଛି । ଦେହରେ ନାଗ ଫ୍ରକ । ମୁଣ୍ଡବାଳ ତେଲ ନ ପାଇ କହରା ବୃଢ଼ିଆଣୀ ବସା ପରି ଅଡ଼ୁଆ । ଆଉ ମେନା ? ହଁ—ତାର ସାଥୀ ମେନା, ଠିକ୍ ଏହି ଚନ୍ଦା ପରି ହେବ । ସେଦିନ ତାର କାକୁର ପାଇଁ ବିସ୍କୁଟ୍ ଆଣିନି ବୋଲି କାନ୍ଦ କାନ୍ଦ ଅସ୍ଥିର ହୋଇ ପଡ଼ିଥିଲା । ଚଉକି ଉପର ଅପରିଷ୍କାର ଥିଲା ବୋଲି ବରୁଣ ଗୁରୁଙ୍କଠି ମାଡ଼ ଖାଇଲା, ବିଚାରି···!!!

ଶଙ୍କରର ଇଚ୍ଛା ହେଲ ଚନ୍ଦାକୁ ଉଠାଇ ପୁଣି ପଗ୍ଗୃରନ୍ତା । ହୁଏତ ଏତେ ରାତିରେ ତାକୁ ଏଠାରେ ଦେଖି ସେହି ପଇସା ପାଇଁ ଉତ୍ସାହିତ ହୋଇ ପଡ଼ନ୍ତା । ନା—ସେ ତା ନିଦରେ ବାଧା ଦେବନି । ତାର ମା' ପାଖରେ ନାହିଁ । ହୁଏତ ନିଶାଙ୍କରେ ମଧ୍ୟ କେଉଁଠି ନିଜର ପନ୍ଥା ଆଦର ନେଇଥିବ···ଘୃଡ଼—

ପ୍ରକୃତିର ମୁକ୍ତ ସାମିଆନା ତଳର ଏହି ଅସ୍ତିତମାନଙ୍କ ପ୍ରତି ଶେଷ କରୁଣ ଦୃଷ୍ଟିପାତ କରି ଆଗକୁ ପାଦ ବଢ଼ାଇଲା ଶଙ୍କର ।

ରାଜପଥଟା ଆହୁରି ନିର୍ଜନ ହୋଇ ଉଠିଲଣି । କେତେବେଳେ ଅବା ରହି ୨ ଦୁଇ କୁକୁରଟା ଭୁକି ଉଠୁଛି । ଝିଙ୍କିଭଉଟାଏ ଝାଁ ଝାଁ ମୁକ୍ତ ଆକାଶ ବକ୍ଷରେ ପକ୍ଷ ବିସ୍ତାର କରୁଛି । କେତେ ଜଣ ଭାବନା ଗୋଟିକ ପରେ ଗୋଟିଏ ତା ମୁଣ୍ଡ ଉପରେ ଚଳଚିତ୍ର ପରି ଆସି ଚାଲିଯାଉଥିଲେ—ରମା ହୁଏତ ତାକୁ ଖୋଜି ଖୋଜି ବ୍ୟସ୍ତ ହୋଇ ପଡ଼ିବଣି । ଅତଙ୍କିତ ହୋଇ ପଡ଼ୁଥିବ ମଧ୍ୟ···ଶଙ୍କର କେବେ ଏତେ ବିଳମ୍ବ କରେନି···ନିଦର ଆବେଶରେ ଅବଶ ଆଖିପତା ଦୁଇଟା ଢାଙ୍କି ହୋଇ ପଡ଼ୁଥିବ···ମଝିରେ ମଝିରେ ପିଲାଗୁଡ଼ାଙ୍କ ଭୋକ ବିକଳରେ ଚିତ୍କାର କରି ଉଠୁଥିବେ···ଭାବନାରେ ବାଧା ପଡ଼ିଲା···ଗୁଞ୍ଜନ···

—କେତେ···?

—ଟଙ୍କାଏ···

—ନା···

—ତେବେ ଅଠଣା···

—ନା···

—ତେବେ ଚୁରଣା···

ଛୁଃ ଛୁଃ — ନନ୍‌ସେନ୍‌ସ … ଉତ୍କଟ ରୋଗ ଜୀବାଣୁର ବାହକଗଣ ! ପଲ ପଲ ଜନ୍ମ ମହାନଗରୀର ବକ୍ଷଟାକୁ ଶଙ୍କାସ୍ପଦ ଚିତ୍ରରେ ବିଷାକ୍ତ କରି ପକାଉଛ…!!!

ଠିକ୍ ଆଗରେ—ସେଇ ଡଷ୍ଟବିନ୍‌ଟାକୁ ଲଗି ଶୋଇଛି ପିଲଟିଏ । ଚାରି ଛ' ବର୍ଷର ପିଲ—ମୁଣ୍ଡରେ କହରା କହରା ବାଳ… ମୁଣ୍ଡ ତଳେ ଗୋଟାଏ ଚିରା ମଳି ବ୍ୟାଗ୍…ଦେହରେ ଚିରା ସାର୍ଟ ଓ ପାଣ୍ଟ୍…ଆର୍ଦ୍ଧାର…

କିନ୍ତୁ କାହିଁକି ହସି ପାରିଲନି ଶଙ୍କର । ତାର ହୃଦୟର କେଉଁ ନିଭୃତରେ ଯନ୍ତ୍ରଣା ଅନୁଭବ କଲା ସେ । ଯେଉଁଦିନ ତାର ସାନପୁଅଟି…ବଞ୍ଚିଥିଲେ ଆଜି ହୁଏତ ଏତିକି ବଡ଼ ହୁଅନ୍ତାଣି… ଜ୍ୱର ସର୍ଦ୍ଦିରେ ପଡ଼ି ଶେଷ ନିଶ୍ୱାସ ତ୍ୟାଗ କଲା, ସେଦିନ ଶଙ୍କରର ମେଡ଼ିକାଲ୍‌କୁ ନେବାର ଶକ୍ତି ନ ଥିଲା । ସେଦିନ ଜନମତ ପ୍ରସରିଗଲା—ଆହା ! ପିଲାଟା ଅବହେଳାରେ ମରିଗଲା…। କିନ୍ତୁ ଏମାନଙ୍କର ତତ୍ତ୍ୱ ନେଉଛନ୍ତି କିଏ ?

ପାତଳା ପବନ ମଧ୍ୟଦେଇ ଡଷ୍ଟବିନ୍‌ର ଅସହ୍ୟ ଦୁର୍ଗନ୍ଧ ଖେଳି ଯାଉଛି ଚାରିଆଡ଼କୁ, ରୁମାଲ୍ କାଢ଼ି ନାକରେ ଦେଲା ଶଙ୍କର । ତଥାପି ତା ପାଖରେ ମଣିଷ ବଞ୍ଚିରହି ପାରୁଛନ୍ତି ତ ! !

ସ୍ୱାସ୍ଥ୍ୟ ସପ୍ତାହ ପାଳିତ ହୋଇଛି । ନଗରୀର ପ୍ରତ୍ୟେକ ଗଳିକନ୍ଦିରେ ଏବେ ବି ପାମ୍ପଲେଟ୍‌ମାନ ବଣ୍ଟା ଚାଲିଛି—ମଟର ଚକ ଓ ଦେହରେ ମଧ୍ୟ ନାଟକର ବିଜ୍ଞାପନ ପରି । ମଟର ଉପରେ ମଟର ଶୋଭାଯାତ୍ରା କରି ଡାକବାଜି ଯନ୍ତ୍ର ଦ୍ୱାରା ନଗରୀର ବକ୍ଷରେ କମ୍ପନ ସୃଷ୍ଟି କରୁଛନ୍ତି, କିନ୍ତୁ ଫଳ ? ଏମାନେ…ଏକ୍‌ସେପ୍‌ସନ୍…

Digitized by srujan ka@gmail.com

ପୁଣି ଆଗକୁ ପାଦ ବଢ଼େଇଲା ଶଙ୍କର । ଆଗରେ ବଡ଼ ସିନେମା ହାଉସ୍ 'ଦ୍ୱନ୍ଦ୍'—ଆଧୁନିକ ରୁଚି ଅନୁସାରେ ପ୍ରସ୍ତୁତ । କିନ୍ତୁ ଅନେକ ବେଳୁ ସେକେଣ୍ଡ୍ ସୋ ଶେଷ ହୋଇଗଲାଣି । ସ୍ଥାନଟି ନୀରବ, ନିଃସ୍ପନ୍ଦ । ସାମନା ସିମେଣ୍ଟ କାନ୍ଥରେ କେତେ ଅଭିନେତା ଆଉ ଅଭିନେତ୍ରୀଙ୍କର ଭଙ୍ଗିଲ ପ୍ରତିଛବି ଲଗି ରହିଛନ୍ତି । ଚମତ୍କାର ! କିନ୍ତୁ ଶଙ୍କର ସେମାନଙ୍କୁ ଚିହ୍ନେନା । ଠିକ୍ ମନେ ପଡ଼େ—କଲେଜରେ ପଢ଼ିବା ସମୟରେ ସେମାନଙ୍କ ସହିତ ତାର ବେଶ୍ ପରିଚୟ ଥିଲା । ସେମାନଙ୍କ ଜୀବନୀ ମଧ୍ୟ ସଂଗ୍ରହ କରି ରଖିଥିଲା । କିନ୍ତୁ ଏବେ ଆଉ ତାର ଆବଶ୍ୟକତା ନାହିଁ ।···ପରିବର୍ତ୍ତନ ମଧ୍ୟ । ସେ ଆଉ ଚିହ୍ନିପାରୁନି—

ଠିକ ପାଖରେ ସେ ଯେଉଁ କାନ୍ଥଟା—ରଙ୍ଗୀନ ସିନେମା ପୋଷ୍ଟରରେ ଭରପୁର । ଖୁବ୍ ସୁନ୍ଦର ସମ୍ମାର୍ଜିତ ପରିବର୍ଦ୍ଧିତ ପ୍ରତିଛବିଟିଏ ଲାଗିଛି—କୌଣସି ନବ ତାରକାର ହେବ ବୋଧେ ଓଷ୍ଠରେ ରଂଜନୀ, ଅଙ୍ଗରେ କି ଆଲିଙ୍ଗନମୟୀ ଭଙ୍ଗୀ !!! ମୁଖରେ କି ଉଦ୍ଦୀପିତ ଆମନ୍ତ୍ରଣ !!

ଠିକ୍ ସେହି ଛବିର ଓଷ୍ଠ ସହିତ ନିଜର ଓଷ୍ଠ ଅତି ନିବିଡ଼ ଭାବରେ ମିଳେଇ ଦେଇଛି ଗୋଟିଏ ଚଉଦ ପନ୍ଦର ବର୍ଷର ନବଯୁବକ । ଯୌନ ବିକୃତିର ଏକ ଜୀବନ୍ତ ନିଦର୍ଶନ !

ଶଙ୍କରର ମନେ ହେଲା ଯୁବକର କାନ ମୋଡ଼ି ଦୁଇଗୁଣ ଚଟକଣା ଦେବ···କି ଅଭଦ୍ର ! କିନ୍ତୁ ସେତେବେଳକୁ ଅନ୍ଧାରିଆ ଗଳି ମଧ୍ୟରେ ଯୁବକଟି ଆତ୍ମଗୋପନ କରି ସାରିଥିଲା । ଏଥିରେ ସେ ସିଦ୍ଧହସ୍ତ । ଛିଃ—ଛିଃ—କି ନୈତିକ ଅଧୋଗତି !! କେଉଁ ଦିନ ଏ ଜାତି ମାତୃଜାତିକୁ ସମ୍ମାନ ଦେବାକୁ ଆଉ ଶିଖିବ···??

Digitized by srujan ka@gmail.com

ଚଳ ନିକଟକୁ ଯାଇ ଭଲ କର ଗୃହ୍ଣାଲ ଫଙ୍କର । ଛକଟିର ଓସ୍କରେ ମଧ୍ୟ ଭୂସ୍ପାତ୍ତି ଓସ୍ଥର ଅଦ୍ଧ୍ରିତା ଲଗ ଯାଇ ଅଦ୍ର । ଏ ବ ଏକ ଯୌନ ସନ୍ତୁଷ୍ଟି !!! ସେଦିନ ସମ୍ବାଦପତ୍ରରେ ପ୍ରକାଶ ପାଇଥିଲ—

ବମ୍ବେ—

ରୂପର ନଗରୀ ବମ୍ବେ ଅସ୍ୱାଭାବିକ ରୂପେ ସଜୀବ ହୋଇ ଉଠିଛି । ବମ୍ବେ ସହରର ଏହା ନିତ୍ୟନୈମିତ୍ତିକ ଘଟଣା । ତଥାପି ଏ ଶୃଙ୍ଖଳା କାହିଁକି ? ଛାତ୍ର ସ୍କୁଲକୁ ଯାଇନ କି କଲେଜକୁ ଯାଇନ, କର୍ମଚାରୀ ଅଫିସକୁ ଯାଇନାହାନ୍ତି । ଦୋକାନ ବଜାର ସମସ୍ତ ବନ୍ଦ— ତଥାପି ରାସ୍ତାପାର୍ଶ୍ୱରେ ଅସମ୍ଭବ ଜନଗହଳି । ପ୍ରତି ମୁହୂର୍ତ୍ତରେ ଶାନ୍ତି ଭଙ୍ଗର ଆଶଙ୍କା ।

ଦେଶର ଶ୍ରେଷ୍ଠ ନେତା, ଶ୍ରେଷ୍ଠ ଜନନାୟକ ଆସୁନାହାନ୍ତି କି ବିଦେଶର ଶ୍ରେଷ୍ଠ ବୈଜ୍ଞାନିକ ବା ଶ୍ରେଷ୍ଠ ବ୍ୟକ୍ତି ଆସୁନାହାନ୍ତି । ତଥାପି ଏ ଶୃଙ୍ଖଳା କାହିଁକି ? ଏ ନୂତନତ୍ୱ କାହିଁକି ? ନେତା ବା ଜନନାୟକ ଉପସ୍ଥିତ ତ କେବେ ଏପରି ଶୃଙ୍ଖଳା ଆଣି ପାରିବେନି !! ସମସ୍ତଙ୍କ ଦୃଷ୍ଟି ଏକ ଦିଗରେ ନିବଦ୍ଧ···

ବନ୍ୟା ସାହାଯ୍ୟ ପାଣ୍ଠି···ବନ୍ୟା ପ୍ରପୀଡିତମାନଙ୍କୁ ସାହାଯ୍ୟ··· ଶହ ଶହ ଗ୍ରାମ ବନ୍ୟାର ବିକଟ ଗର୍ଭରେ ସମାଧି ନେଇଛି···ଲକ୍ଷ ଲକ୍ଷ ଲୋକ ଆଶ୍ରୟହୀନ ହୋଇଯାଇଛନ୍ତି···ସେମାନଙ୍କୁ ସାହାଯ୍ୟ··· ଦୁଃସ୍ଥଙ୍କୁ ସାହାଯ୍ୟ···ସୁନ୍ଦର—ସୁନ୍ଦର ପରିକଳ୍ପନା ।

ବୃଦ୍ଧଭିକ୍ଷୁକି କଲେଜ ଛାତ୍ର ଆଗରେ ହାତପାତି ଦେଉଛି··· ଅର୍ଦ୍ଧନଗ୍ନା ଭିକ୍ଷୁଣୀଟି ଭଦ୍ରଲୋକଙ୍କ ଆଗରେ ହାତପାତି ଦେଉଛି··· ଅବସର ଦେଖି ସେମାନେ ମଧ୍ୟ ସେମାନଙ୍କର ଛଳନା ଆରମ୍ଭ କରି

Digitized by srujan ka@gmail.com

ଦେଇଛନ୍ତି—"ବାବୁ ! ଏକ ପଇସା ଦେ ଦେ···" କିନ୍ତୁ ଶୁଣୁଛି କିଏ ? ସମସ୍ତଙ୍କ ଦୃଷ୍ଟି ସୀମିତ । ସୁନ୍ଦର—ସୁନ୍ଦର ଏ ପରିକଳ୍ପନା···

ହଠାତ୍ ଜନତା ଉଚ୍ଛୃଙ୍ଖଳ ହୋଇ ଉଠିଲେ । ଜନତା ଭିଡ଼ କାଟି ଆଗେଇ ଆସୁଛି କେତେଟା ଓପନ୍ କାର୍ ଓ ମଟର । ଚିତ୍ର ତାରକାମାନେ ସେଥିରେ ଅଛନ୍ତି—ନର୍ଗିସ୍, ସୁରେୟା, ମଧୁବାଳା, ନିମ୍ମି, ନଳିନୀଜୟନ୍ତ, ମୀନାକୁମାରୀ, ରାଜକପୁର, ଦେବାନନ୍ଦ, ଦିଲୀପ··ବନ୍ୟା ସାହାଯ୍ୟ ପାଣ୍ଠି ପାଇଁ ଏମାନେ ସାହାଯ୍ୟ ଭିକ୍ଷା କରୁଛନ୍ତି । ସୁନ୍ଦର···ସୁନ୍ଦର ପରିକଳ୍ପନା···

ବୁଢ଼ିଭିକ୍ଷୁଣୀ ଆଉ ଥରେ ଜୋରରେ ଡାକିଲା—"ଏକ ପଇସା ଦେ ଦେ । ବାବୁ !" କିନ୍ତୁ ଶୁଣୁଛି କିଏ ?

ନଭଶ୍ଚୁମ୍ବୀ ପ୍ରସାଦମାଳାରୁ ବର୍ଷାର ଅନବରତ ଝରଣା ପରି ଝରି ପଡ଼ିଲା ବସ୍ତ୍ର, ଅର୍ଥ, ଖାଦ୍ୟର ଦାନ । କି ମହତ ଏ ଦାନ (?)··· ସତେ ଯେପରି ଆଶୀର୍ବାଦ···ଜନତା ହୃଦୟରୁ ଏପରି ବିଚଳିତ··· ନନ୍ଦନ କାନନର ପୁଷ୍ପବୃଷ୍ଟି···ଚିରଦିନ ବର୍ଷିଚାଲ ତୁମେମାନେ··· ହେ ଦିଗ୍ବିଜୟୀ !···ହେ ମନ-ବିଜୟୀ···ହେ ହୃଦ-ବିଜୟୀ !···

ନର୍ଗିସ୍ ହସ୍ତ ପ୍ରସାରଣ କରୁଛି । ମଧୁବାଳା ଓ ଅନ୍ୟମାନେ ମଧ୍ୟ, ମିନାକୁମାରୀ ନିଜର ପଣତ ବିସ୍ତାର କରୁଛି···

ଆରେ ବାଃ—ଜିତେ ରହୋ! 'ବଇଜୁ ବାଉରା' ର ମୀନା— କହୁଛି ସୁରତ ହୋ—ଲୁଙ୍ଗି ଝିକାଳି ମୋହିତ ହୋଇ ସର୍ବସ୍ୱ ସାଇଁତା ନୂଆ ଲୁଙ୍ଗି ଫିଙ୍ଗିଦେଲା, ତାର ଦଣ୍ଡିରହୁବାର ସର୍ବସ୍ୱ ବୋଲି ସେ ଆଦୌ ଦ୍ୱିଧା କରିନି । ବରଂ ଦୁଇଦିନ ଉପବାସ ରହିଯିବ···

ସ୍କୁଲ ଛାତ୍ର ଫିଙ୍ଗିଦେଲା ପାଠ୍ୟପୁସ୍ତକ ଗୁଚ୍ଛକ । କଲେଜ ଛାତ୍ର ନୂଆ ଖରିଦ କରିଥିବା ଏକାନ୍ତ ପ୍ରୟୋଜନୀୟ ଚପଲହଳକ ଦାନ କଲା । କି ମୁକ୍ତ ହସ୍ତରେ ଦାନ···!!

Digitized by srujan ka@gmail.com

"ଧନ୍ୟବାଦ ! ଆପଣ ବହିଗୁଡ଼ିକ ପଢ଼ିବାକୁ ରଖନ୍ତୁ । ଆପଣଙ୍କ ଦାନ ପାଇଁ ଆଉ ଥରେ ଧନ୍ୟବାଦ···"—ନର୍ଗୀସର ମଧୁର ସ୍ୱରର ମଧୁର ଉଚ୍ଛ୍ୱାସ । ଶଙ୍କରଙ୍କ ହାତ ଉପରେ ଗୁଞ୍ଜି ଧରିଲେ ବହିଗୁଡ଼ିକ—କେତେ ସୁନ୍ଦର ତୁମ୍ ନର୍ଗିସ୍ !! ହାତ ଭିତରେ ସେ ଦେହର ନର୍ଗିସର ସ୍ପର୍ଶ ଅନୁଭବ କରୁଛନ୍ତି···

ବୃଦ୍ଧ ଭିକ୍ଷୁ ହସ୍ତରୁ ଟିଣଟି ଖସି ପଡ଼ୁଛି । ଭିଡ଼ ମଧ୍ୟରେ ନିଜକୁ ରକ୍ଷାକରି ନ ପାରି ପଡ଼ିଯାଇଛନ୍ତି ସେ । କିନ୍ତୁ ସେଥିପ୍ରତି କେହି ଦୃଷ୍ଟି ଦେଇନି—

ଟ୍ରକ୍ ପଛେ ପଛେ ଜନତାର କୋଳାହଳ ଆଗେଇ ଯାଉଛି—

ହସ ଲାଗିଲା—ଦୁଃଖ ମଧ୍ୟ ଲାଗିଲା ଶଙ୍କରଙ୍କୁ । ଆଉଥରେ ସେହି ଛବିକୁ ଭଲ ଭାବରେ ଚାହିଁଲେ । ଦୋଷ କାହାର ? ନାରୀ ପ୍ରଗତି ପାଇଁ ଚିତ୍କାର କରୁଛନ୍ତି, ସମ୍ମାନ ପାଇଁ ଦାବୀ କରୁଛନ୍ତି । କିନ୍ତୁ ଯେଉଁ ହାସ୍ୟମୟୀ ନାରୀ ଚିରଦିନ କାମୋଦ୍ଦୀପକ କଟାକ୍ଷପାତ କରି ପୁରୁଷର ହାତ ଭିତରେ ସ୍ପନ୍ଦନ ତୋଳିବାକୁ ବ୍ୟଗ୍ର, ସେ କି ପୂଜନୀୟା ? ସେ କି ପ୍ରଗତିର ହକ୍‌ଦାର ?

ଜୋରରେ ହସି ଉଠିଲେ ଶଙ୍କର·········

'ଏକ ପଇସା ଦେ ଦୋ ବାବୁ···ଭଗବାନ୍ ତେରେ ଭଲାଇ କରେଗା । ଚାହିଁଲେ । ଭଲକରି ଚାହିଁଲେ ଶଙ୍କର । ଆଗରେ ବୃଦ୍ଧ ଭିକ୍ଷୁଟିଏ ହାତପାତି ଦେଇଛନ୍ତି ଭିକ୍ଷା ଆଶାରେ, ଲମ୍ବିତ ପଳିତ ଶ୍ମଶ୍ରୁ ଓ କେଶ ତଳୁ କ'ଣ ଲକ୍ଷ୍ୟ କଲେ ଶଙ୍କର—ପକେଟରେ ହାତ ମାରିଲେ—ନୋଟ ତିନିଖଣ୍ଡ ନାସପଦରେ ଅଛି—ତିରିଶ ଟଙ୍କା । ତାର ମାସକର ଲୁହକଟିଂର ପାରିଶ୍ରମିକ ତିରିଶ ଟଙ୍କା । ତେଣେ ରମା

Digitized by srujan ka@gmail.com

ହୁଏତ ଅଶ୍ରୁଳ ନେତ୍ରରେ ତାର ପଥକୁ ଚାହିଁ ବସିଥିବ । ନିଶାର୍ଦ୍ଧର ମହାନଗରୀର ଛାତ ଉପରେ ମଧ୍ୟ ସେହି ତାଣ୍ଡବ ନୃତ୍ୟ ।

ଆଗରେ ଲମ୍ବିତ କଳା କଳା ପିଚୁରାସ୍ତା, ରହସ୍ୟମୟୀ ମହାନଗରୀରେ ଲାସ୍ୟମୟୀ ଭଙ୍ଗୀ ପେଟରେ ଅତୃପ୍ତ କ୍ଷୁଧା...

Digitized by srujan ka@gmail.com

ଉଷସୀର ଉପାୟନ

ଆସନ୍ନ ସନ୍ଧ୍ୟା—

ଚଟାଣ ଉପରେ ଧୀରେ ପଦଗୂରଣ କରୁଥିଲି ଶୈଳକାନ୍ତ ଦିନର କ୍ଲାନ୍ତି ଓ ଅବସାଦକୁ ବିସ୍ମରଣ କରିବା ପାଇଁ—ଦିନ ଗୋଟିକର ଅଭିବ ଅଭୁବ୍ୟା ଶୁଣି ଶୁଣି ମନଟା ତାର ତିକ୍ତତାରେ ଭରି ଉଠିଛି । ପ୍ରତ୍ୟେକଙ୍କର କିଛି ନା କିଛି ଗୋଟାଏ ଅଭିଯୋଗ ସେ ଶୁଣିଛି । ତାକୁ ଶୁଣିବାକୁ ହେବ କର୍ତ୍ତବ୍ୟ, ଜମିଦାରୀ କାର୍ଯ୍ୟ—

ଗୃହ ଛଅ ଗୋଟି ଦେବଦାରୁ ଓ ବଉଳଗଛର ପରିବେଷ୍ଟନୀ ମଧ୍ୟରେ ଦ୍ୱିତଳ ପ୍ରସାଦଟି—ଆଗରେ ଚଉରା । ତୁଳସୀ ଗଛଟି ବୋଧହୁଏ 'ଅନେକ ଦିନରୁ ମରି ଯାଇଛି, ତା' ଆଗକୁ ଛୋଟେ ଗୋଟି ସମାଧି—

ମହାନଦୀ କୂଳ—ବିସ୍ତୃତ ବାଲୁକା ପ୍ରାନ୍ତର ନିଜ ପ୍ରକୃତିର ପରିଚୟ ଦିଏ । ଜଳ ଓ ବାୟୁର ଘାତପ୍ରତିଘାତରେ ବାଲି ଓ ସ୍ତୂପୀକୃତ । ତାରି ଗୁଡ ଉପରେ ମୁଣ୍ଡଟେକି ଠିଆ ହୋଇଛି ଦ୍ୱିତଳ ପ୍ରସାଦଟି ପ୍ରାନ୍ତର ମଧ୍ୟରେ ନିଜର ବୈନ୍ୟର ପରିଚୟ ଦେଇ । ନିଧାନ ଏକାକୀ—ନିଧାତ ନିସଙ୍ଗ—ଜନବସତିଠାରୁ ଦୂରରେ । କାନ୍ଥର ଶ୍ୱେତ ଆବରଣ, ଝରକା ଓ ପରିପେଟ୍ ପ୍ରଭୃତି ଝରି ପଡ଼ିଛି ।

Digitized by srujan ka@gmail.com

ସ୍ଥାନେ ସ୍ଥାନେ ବର୍ଷା ପାଣିର ଧାର ଛୁଟି ଶିଉଳର ଗୋଟିଏ ଗୋଟିଏ ମାଳ ଅବିରତ ବସି ଯାଉଛି । ସଂଗ୍ରାମରେ କ୍ଷତ ବିକ୍ଷତ ପଙ୍ଗୁ ସୈନିକ ପରି ବିକୃତ । ପ୍ରକୃତିର ସଂଗ୍ରାମରେ ତାକୁ ହାରିଯିବାକୁ ପଡ଼ିଛି—

ଦୀର୍ଘ ସମୟ ଧରି ଗୃହଟି ନିର୍ଜ୍ଜନ ଓ ଅବ୍ୟବହୃତ । କିଏ ଏଠାରେ ବାସକରୁଥିଲା ଏବଂ କେବେଠାରୁ ଏହା ନିର୍ଜନ ତାହା ଶୈଳକାନ୍ତ ଜାଣେନା—ଜାଣିବାର କୌଣସି ସୁବିଧା ପାଇ ନାହିଁ ମଧ୍ୟ । ସେ ଏ ସ୍ଥାନରେ ଏକାନ୍ତ ନବାଗତ – ସମସ୍ତ ବିଷୟରେ ଅଜ୍ଞ । କେବଳ କାଗଜ ପତ୍ର ମଧ୍ୟରୁ ସେ ଏତିକି ମାତ୍ର ଆବିଷ୍କାର କରି ପାରିଛି ଯେ—ଗୃହଟି ମୃତ ଜମିଦାର ସୁବୋଧ ଚୌଧୁରୀଙ୍କର । କିନ୍ତୁ ତାଙ୍କର କଣ କେହି ଉତ୍ତରାଧିକାରୀ ନାହାନ୍ତି ? ଆଉ ବା ଏପରି ଏକ ନିର୍ଜ୍ଜନ ସ୍ଥାନରେ ଗୃହଟି ପ୍ରସ୍ତୁତ କରିଥିଲେ କାହିଁକି ? ବୋଧହୁଏ ସେ ନିର୍ଜନତା ପ୍ରିୟ ଥିଲେ ।

ଆଉ ବିଶେଷ କିଛି ଭାବିନି ଶୈଳକାନ୍ତ—ଭାବିବାର ଆବଶ୍ୟକତା କେବେ ଅନୁଭବ କରିପାରିନି । ସେ କେତେବେଳେ ଭାବୁକ ନୁହେଁ—କବି ବା ଲେଖକ ମଧ୍ୟ ନୁହେଁ । ତା'ର ଜୀବନ ନିହାତ ନୀରସ, ଶୁଷ୍କ···ଗଦ୍ୟ, ଜୀବନବ୍ୟାପୀ ସେ କେବଳ ଫାଇଲ୍ ଓ ଆଇନ୍ ବହି ଘାଣ୍ଟି ଆସିଛି । ସେତିକି ମାତ୍ର ହିଁ ତାର ଉପଜୀବିକା—

ଦିନଥିଲା—ଜମିଦାରମାନେ ବିଳାସ ବ୍ୟସନ ମଧ୍ୟରେ ନିଜକୁ ହଜାଇ ଦେଇଥିଲେ—ନିର୍ଜନ ସ୍ଥାନରେ ସୁରମ୍ୟ ଅଟ୍ଟାଳିକା ନିର୍ମାଣ କରି ଅଭ୍ୟାଗତଙ୍କର ସଂଖ୍ୟା ବୃଦ୍ଧି କରୁଥିଲେ । ଏହାହିଁ ତାର ଏକ ନିଦର୍ଶନ ମଧ୍ୟ ହୋଇ ପାରେ । ମନୁଷ୍ୟ ଯେତେବେଳେ

Digitized by srujan ka@gmail.com

ପ୍ରାଚୀର ମଧ୍ୟରେ ଜୀବନ ଅତିବାହିତ କରେ ସେତେବେଳେ ଏହି ସମସ୍ତ ଚିନ୍ତା କେଶବ ମନେ କରେ—

କିନ୍ତୁ ଆଜ ଜମିଦାରୀ ଉଚ୍ଛେଦ ଘଟିଛି, ଜମିଦାରମାନେ ନିଜର କ୍ଷମତା ଓ ପ୍ରତିପତ୍ତି ହରେଇଛନ୍ତି । ସରକାର ଆଜି ନିଜେ ଜମିଦାର । ଲୋକ ସାଧାରଣଙ୍କର ସୁବିଧା ନିମିତ୍ତ ସବୁ କରାଯାଉଛି । ଆଉ ନିଜେ ସେ ସରକାରଙ୍କର ପ୍ରତିନିଧି ହିସାବରେ ଜମିଦାର— ଅଞ୍ଚଳ ଅଧିକାରୀ । ସେ ଆଜି ଗୋଟାଏ ଅଞ୍ଚଳର ମାଲିକ । ଲୋକଙ୍କର ଅଭାବ ଅଭିଯୋଗ ଶୁଣିବାକୁ ପଡ଼ୁଛି, ସେ ଶୁଣି ଶୁଣି ବ୍ୟସ୍ତ ହୋଇ ପଡ଼ୁଛନ୍ତି— କିନ୍ତୁ ଅଭିଯୋଗର ଶେଷ ନାହିଁ ।

ଏହି ପ୍ରାସାଦଟି ଆଜି ସରକାରଙ୍କ ଅଧୀନରେ ଅଞ୍ଚଳ ଅଫିସ, ପୁଣି ତାର ନୂତନ ଭାଗ୍ୟ ବଦଳିଛି—ନୂତନ ସଂସ୍କାର ଘଟିଛି······

ଭିତରୁ ଲୋକମାନଙ୍କର ମିଶ୍ରିତ କଣ୍ଠ ସ୍ୱରର ଶବ୍ଦ ଶୁଣାଯାଉଛି—ଖଜଣା ଆଦାୟ ଚାଲିଛି—ହସି ଉଠିଲେ ଶୈଳକାନ୍ତ—

ବାସ୍ତବିକ୍ କି ବିରାଟ ପରିବର୍ତ୍ତନ ! ସେହି ଲୋକ··· ସେହି ଅବସ୍ଥା······ସେହି ଦେଶ—ସବୁ ସେହିପରି ଅଛି । କେବଳ ଗୋଟିଏ ରୂପ ଅନ୍ୟ ରୂପରେ ରୂପାନ୍ତରିତ ହୋଇଯାଇଛି ମାତ୍ର । ସେଥିରେ ପୁଣି ଏ ବିରାଟ ପରିବର୍ତ୍ତନ । ଦିନେ ଜମିଦାର ନିଜେ ପ୍ରଜାର ଘରକୁ ଧାଇଁ ଧାଇଁ ଖଜଣା ଗଣ୍ଡାକ ଆଦାୟ କରି ପାରୁ ନ ଥିଲେ । ଦଶ, କୋଡ଼ିଏ ବର୍ଷର ଖଜଣା ବାକୀ । ଅନନ୍ୟୋପାୟ ହୋଇ କଚେରୀରେ ଆଶ୍ରୟ ନେବାକୁ ପଡ଼ୁଥିଲା । କିନ୍ତୁ ଆଜି ସାତ, ଆଠ ମାଇଲ୍ ଦୂରରୁ ନିଜେ ଧାଇଁ ଆସିଛନ୍ତି, ଖଜଣା ଦେବାକୁ । ଖାଲି ହୋଇ ଆସୁଥିଲେ ମଧ୍ୟ କ୍ଳାନ୍ତି ନାହିଁ, ଅବସାଦ ନାହିଁ । ଯେପରି

Digitized by srujan ka@gmail.com

ଅଜ ରାଜସ୍ୱ ଦେବାକୁ ସେମାନେ ପାଗଳ—ସ୍ୱାଧୀନ ଦେଶର ନାଗରିକ ଭାବରେ ନିଜର ସଚ୍ଚୋଟତା ପ୍ରକାଶ କରିବାକୁ ବ୍ୟଗ୍ର —ହାୟରେ ମୋ ଦେଶର ଜନତା । ଅଇନହିଁ ତୁମକୁ ଶାସନ କରିବାର ପ୍ରଧାନ ଅସ୍ତ୍ର । ଟିକିଏ ସୁବିଧା ପାଇଲେ ମନଭରି ସେହି ସୁବିଧା ଉପଭୋଗ କରିବାକୁ କେବେ ହେଲେ ଭୁଲନା···

ଭିତରୁ ପୂର୍ବପରି କୋଳାହଳ ଶୁଣାଯାଉଥିଲା—

ଦିଗ୍‌ବଳୟ ତଳେ ଅସ୍ତ ସୂର୍ଯ୍ୟର ଶେଷ ରଶ୍ମି···ଅବଶି ଜଳଭଣ୍ଡାର ଉପରେ ସ୍ୱର୍ଣ୍ଣାଭ ପ୍ରତି ଫଳିତ ପ୍ରାସାଦ ଓ ଦେବଦାରୁ ବୃକ୍ଷମାଳାର ଅଗ୍ରଭାଗରେ ଡାଆଣିଆ ଖସି—

ଶୈଳକାନ୍ତ ପୂର୍ବପରି ଚଟାଣ ଉପରେ ପଦଚାରଣ କରୁଥିଲା—

'ଜୟସୀ···।'

ଜୟସୀ ପରିଚାରିକା--

'ଜୟସୀ କାର୍ଯ୍ୟ କରିବାକୁ ଭିତରକୁ ଚାଲି ଯାଉଥିଲା । ଫେରିଆସି କହିଲା—"ବାବୁ···।"

—"ଜାଣୁ ଜୟସୀ । ଏ ଘରଟାରେ କିଏ କେବେ ରହୁଥିଲେ ?"

ଜୟସୀ ଟିକେ ନୀରବ ରହିଲା । କିଛିକ୍ଷଣ ପରେ କହିବାକୁ ଆରମ୍ଭ କଲା—"ହଁ"—ବାବୁ । ଏ ଘରେ ଜଣେ ଜମିଦାର ବାବୁ ରହୁଥିଲେ -- ଖୁବ୍ ଭଲଲୋକ । ଏ ଅଞ୍ଚଳର ସମସ୍ତେ ତାଙ୍କୁ ଖୁବ୍ ସ୍ନେହ କରୁଥିଲେ—ଭକ୍ତି କରୁଥିଲେ, ବୟସ ବେଶୀ ନୁହେଁ—ତିରିଶ ଭିତରେ । ଏଇଟା ତାଙ୍କର କଟେଜ୍ ଘର ଥିଲା । ଖୁବ୍ ବଡ଼ ଜମିଦାର, ଏ ଜାଗାଟା କୁଆଡେ ତାଙ୍କୁ ଖୁବ୍ ଭଲ ଲାଗୁଥିଲା । ତେଣୁ ସେ ବରାବର ଏଠାରେ ରହୁଥିଲେ । ସେତେବେଳେ ମୋ ମା' ତାଙ୍କ

Digitized by srujan ka@gmail.com

ପାଖରେ କାମ କରୁଥିଲା, ଆଉ ମୋ ମା' ମଲା ପରେ ମୁଁ କାମ କରି ଆସୁଥିଲି । ତା ପରେ—

ଏତକ କହି ପୁଣି ନୀରବ ହେଲା ସେ । ଯେପରି ସେ କିଛି କହିବାକୁ ଚେଷ୍ଟା କରି ମଧ୍ୟ ପାରୁ ନ ଥିଲା—

ଶୈଳକାନ୍ତ ପଚାରିଲେ "— ତା'ପରେ କ'ଣ ହେଲା···?"

ସେ ପୁନଶ୍ଚ ଆରମ୍ଭକଲା—ଖୁବ୍ ଆର୍ଦ୍ର କଣ୍ଠରେ କହିବାକୁ ଲାଗିଲା—"ଦିନେ ପୁଲିସ ଆସି ତାଙ୍କୁ ବାନ୍ଧିନେଲେ—ସେ କୁଆଡ଼େ କଂଗ୍ରେସୀ ଥିଲେ । ବ୍ରିଟିଶ ସରକାରଙ୍କ ବିରୁଦ୍ଧ କାମ କରୁଥିଲେ । ଅନେକ ଦିନ ତାଙ୍କୁ ଜେଲ୍‌ରେ ରଖିଲେ । ତାଙ୍କ ଦେହ କ'ଣ ଖରାପ ହେଲା । ଆଉ ଦିନେ ଖବର ଆସିଲା ଯେ···"

ପୁଣି ସେ ନୀରବ ରହିଲା । ତାର କଣ୍ଠ ରୁଦ୍ଧ ହୋଇ ଆସୁଥିଲା । ତଥାପି ଅବଗୁଣ୍ଠନ ତଳେ ସେ ସମସ୍ତ ଗୋପନ ରଖିବାକୁ ଚେଷ୍ଟା କରୁଥିଲା—

ଆଶ୍ଚର୍ଯ୍ୟ ହେଲେ ଶୈଳକାନ୍ତ—ବ୍ରିଟିଶ ସରକାର ଯେତେବେଳେ ଜମିଦାରମାନଙ୍କୁ ହାତବାରିସୀ କରି ରଖିଥିଲା । ତଥାପି ଜଣେ ନିଜର ଦେଶପ୍ରେମ ପାଇଁ କ'ଣ ଏହି ଶାସ୍ତି ପାଇବ ? ବ୍ରିଟିଶ ସରକାରଙ୍କର ସ୍ୱେଚ୍ଛାଚାରିତା ବିପକ୍ଷରେ ତାର ହୃଦୟ ବିଦ୍ରୋହୀ ହୋଇ ଉଠିଲା—

"ଆଚ୍ଛା'—ତାଙ୍କର କ'ଣ କିଛି ପିଲାଛୁଆ ନ ଥିଲେ···?"

"-ନା- ବାବୁ ! ସେ ଆଦୌ ବିବାହ କରି ନ ଥିଲେ···"

ଏତକ କହି ଉପସୀ ଭିତରକୁ ଚାଲିଗଲା —

ଓଃ, ତାହାହେଲେ ସେହି ଭଦ୍ରବ୍ୟକ୍ତି ସୁବୋଧ ଚୌଧୁରୀ । ତାଙ୍କର ମୃତ୍ୟୁ ପରେ ଉତ୍ତରାଧିକାରୀ ଅଭାବରେ ଗୃହଟି ଅବ୍ୟବହୃତ

Digitized by srujan ka@gmail.com

ହୋଇ ପଡ଼ିଥିଲା । ଆଜି ପୁଣି ସରକାର ତାକୁ ଅଧିକାର କରିଛନ୍ତି । ଦେଶପ୍ରେମୀ ସୁବୋଧ ବାବୁଙ୍କ ପ୍ରତି ତାଙ୍କର ମସ୍ତକ ନଇଁ ଆସୁଥିଲା —

କିନ୍ତୁ ଏ ତପସୀ କିଏ ? ଏ ଘରେ ପ୍ରଥମ ଥରହିଁ ତପସୀକୁ ଆବିଷ୍କାର କରିଥିଲା । ତା'ର ବ୍ୟବହାର ଓ କାର୍ଯ୍ୟ ଯୋଗୁଁ ତାକୁ ଗୃହର ପରିଚାରିକା ରୂପେ ନିଯୁକ୍ତ କରିଥିଲା । ବାସ୍ତବିକ୍ ସେ ବି ଖୁବ୍ ବିଶ୍ୱସ୍ତ ଓ କର୍ମନିଷ୍ଠ, କିନ୍ତୁ ସେତ ଏ ଘରର ପ୍ରତ୍ୟେକ କୋଣ ସହିତ ପରିଚିତ । କାହିଁକି ସେ ଏ ଘରର ମମତା ତ୍ୟାଗ କରି ପାରିନି । ହିଁ —ଭିତ୍ତିର ଗୋଟାଏ ଅଂଶ ଧରିଛି - ଯେତେବେଳେ ଦିନେ ସେ ଏ ଘରର ପରିଚାରିକା ଥିଲା—ପୂର୍ବର ଗୋଟାଏ ମୋହ ମାୟା—

କବର ଗୁଡ଼ିକ ନିକଟକୁ ଗଲା ଶୈଳକାନ୍ତ । ବଉଳ ଗଛ ମୂଳରେ କବର ଗୁଡ଼ିକ—କେତେ ଗୁଡ଼ାଏ ପ୍ରସ୍ତରର ସମଷ୍ଟି । କିନ୍ତୁ ତା ଭିତରେ ଭିତରେ ଲୁଚି ରହିଛି କେତେ ସ୍ମୃତି—କେତେ କାରୁଣ୍ୟ !!

ଝରି ବଉଳଫୁଲର ଗୋଟାଏ ଆସ୍ତରଣୀ କବର ଗୁଡ଼ିକ ଉପରେ ବିଛୁଡ଼ି ହୋଇ ପଡ଼ିଛି । ତା ସହିତ ବଉଳ ଫୁଲର ସୁଗନ୍ଧ । ସେମାନେ ମଧ୍ୟ ପ୍ରକୃତିର ଉପାସନା ପାଇ ପାରୁଛନ୍ତି । ପାଖ ଦେବଦାରୁ ଗଛ ଉପରେ ବାଦୁଡ଼ି ଗୁଡ଼ିକ ଫଡ଼୍ ଫଡ଼୍ ହୋଇ ଚକ୍କର ମାରି ଘୁରି ବୁଲୁଛନ୍ତି—

ହଠାତ୍ ନଇଁ ପଡ଼ିଲା ଶୈଳକାନ୍ତ । ଆଶ୍ଚର୍ଯ୍ୟରେ ତାର ଭ୍ରୂକୁଞ୍ଚିତ ହୋଇ ଉଠୁଥିଲା । ଅର୍ଦ୍ଧଦଗ୍ଧ ଫିକା ସଳିତା !! ଏ ପୁଣି ଏଠାକୁ ଆସିଲା କୁଆଡ଼ୁ ? କିଏ ବା ନିଜ ନୈବେଦ୍ୟ ବାଢ଼ିଛି—ପୁଣି ଗୋଟାଏ କବର ନିକଟରେ ? କାହିଁ—ଅନ୍ୟ ଗୁଡ଼ିକ ନିକଟରେ ତ ନାହିଁ—ତେବେ ଏ ଗୋଟିକ ପାଖରେ କାହିଁକି ? ଗତ ରବିର ଘଟଣାଟି ମନେ ପଡ଼ି ଶିହରି ଉଠିଲା ଶୈଳକାନ୍ତ —

Digitized by srujan ka@gmail.com

ରାତିର ଉତ୍ତାପ ସାମାନ୍ୟ ବଢ଼ିଯାଇଥିଲା—ଖୁବ୍ ଗରମ ଲାଗୁଛି । କିପରି ଗୋଟାଏ ଅସ୍ୱସ୍ତିରେ ଶୋଇ ପାରୁ ନଥିଲା ଶୈଳକାନ୍ତ । ହଠାତ୍ ବାତାୟନ ଦେଇ କ'ଣ ଗୋଟାଏ ତା'ର ଦୃଷ୍ଟି ଆକର୍ଷଣ କଲା—ଏକ ସ୍ତିମିତ ଆଲୋକ ଶିଖା, ଥଉ କିଏ ଯେପରି ଏହି କବର ନିକଟରେ ପ୍ରଜ୍ୱଳିତ ବାତି ଧୀରେ ଅପସରି ଗଲା ଠିକ୍ ଏହି ବାଲୁକା ସ୍ତୂପ ମଧ୍ୟରେ—କିନ୍ତୁ ସେ ବାତାୟନ ନିକଟରେ ପହଞ୍ଚିବା ପୂର୍ବରୁ ଛାୟାଟି ଅଶରୀରୀ ଅନ୍ଧକାର ମଧ୍ୟରେ ମିଳାଇ ଯାଇଥିଲା - ଗୋଟିଏ କୃଷ୍ଣ ଛାୟାମୂର୍ତ୍ତି···

ତପସୀ ନୈମିତ୍ତିକ କାର୍ଯ୍ୟ ଶେଷକରି ଫେରି ଯାଉଥିଲା । ତା' ଘର ନିକଟବର୍ତ୍ତୀ ଏହି ଗାଁରେ । ଶୈଳକାନ୍ତ ଡାକିଲା —
“ତପସୀ ··· ।”
“ବାବୁ !”

“— ଆଚ୍ଛା — କହିପାରିବୁ ତପସୀ । ଏଠାରେ ପ୍ରତିଦିନ ଅଧରାତିରେ ଆସି କିଏ ସଞ୍ଜ ଦିଏ ··· ?”

ତପସୀ ନେତ୍ର ଯୁଗରେ ଆଶ୍ଚର୍ଯ୍ୟର ଆଲେଖ୍ୟ ଫୁଟାଇ କହିଲା—“ମୁଁ ତ କିଛି ଜାଣେନା ବାବୁ । ତେବେ କୁଆଡ଼େ ଏଠି ଯେଉଁ ବାବୁ ଥିଲେ, ସେ ଏହି ଗାଁର ଗୋଟିଏ ଝିଅକୁ ଖୁବ୍ ଭଲ ପାଉଥିଲେ । କିନ୍ତୁ ଗରିବ ବୋଲି ବିବାହ କରି ପାରି ନ ଥିଲେ । ବାବୁଟି ମରିଯିବା ପରେ ଝିଅଟି ପାଗଳ ହୋଇ କୁଆଡ଼େ ଚାଲିଗଲା । କିଏ କହେ ସେ ପାଣିକି ଡେଇଁ ପଡ଼ିଲା—କିଏ ବା କହେ ସେ ଏବେ ମଧ୍ୟ ବଞ୍ଚିଛି । ତେବେ ସେ ଆଉ ଫେରିନି । କିନ୍ତୁ ଲୋକେ ଅନେକ ଥର ଦେଖିଛନ୍ତି—ରାତିରେ ଗୋଟାଏ କଳାଛାଇ ପରି ମୂର୍ତ୍ତି କବର ପାଖକୁ ଆସେ—ସେଠି ଆଲୁଅ ଜାଳେ—ଅନେକ ଥର

Digitized by srujan ka@gmail.com

କାନ୍ଦୁଥିବାର ଲୋକେ ଶୁଣିଛନ୍ତି । ଆଉ ତ କିଛି ମୁଁ ଜାଣିନାହିଁ ବାବୁ…”

ଏତକ କହି ସାର ବିଦାୟ ନେଇଗଲା ତପସୀ । ଓଠ କୂଳ ପରି ଠିଆ ହୋଇଥିବା ବାଳି ମଧ୍ୟରେ ଲୁଚିଯିବା ପର୍ଯ୍ୟନ୍ତ ଗୃହିଁ ରହିଲା ଶୈଳକାନ୍ତ ।

ବାସ୍ତବିକ୍—ଏଇ ତପସୀ ଖୁବ୍ ସୁନ୍ଦର ଝିଅଟିଏ । ଯୌବନ ଝଡ଼ି ଯାଇନି—ବର୍ତ୍ତମାନ ବିଦାୟ ନେବାକୁ ଆରମ୍ଭ କରି ଦେଇଛି ମାତ୍ର । ତଥାପି ଦୁଃଖାପ୍ଳୁତ ତାର ଜୀବନ ଓ ଯୌବନ । ବୈଧବ୍ୟ ମଧ୍ୟରେ ଜୀବନଟା ଉପଭୋଗ କରି ପାରିନି ଆଦୌ—ଅଭିଶପ୍ତ· ·

ତା ସହିତ ଶୈଳକାନ୍ତର ମନଟା ଦବି ଦବି ଯାଉଥିଲା । ଗତ ରାତ୍ରିର ଘଟଣାଟା ତାକୁ ଅଧିକ ବିବ୍ରତ କରି ଦେଉଥିଲା । ଅସମ୍ଭବ ମଧ୍ୟ ନୁହେଁ । ଯେତେବେଳେ ଗୋଟିଏ ଆତ୍ମା ଅସନ୍ତୁଷ୍ଟ ଥାଏ—ସେତେବେଳେ ପୂର୍ଣ୍ଣତା ପ୍ରାପ୍ତି ପର୍ଯ୍ୟନ୍ତ ତାହା ଲକ୍ଷ୍ୟହୀନ ଭାବରେ ବୁଲି ବୁଲେ । ତା ସହିତ ଏ ନିର୍ଜ୍ଜନ ସ୍ଥାନ ! ! କିନ୍ତୁ· · କିନ୍ତୁ ପ୍ରେତ କ’ଣ ସନ୍ଧ୍ୟା ଦେଇପାରେ· · ·???

“ବାବୁ ! ଚା’ ଖାଇବେ ଆସନ୍ତୁ । ଅନେକବେଳୁ ତିଆରି ହେଲାଣି । ଥଣ୍ଡା ହୋଇଯିବ”—ପୂଝାରୀ ଆସି ଡାକିଲା—

ସନ୍ଧ୍ୟା ହୋଇଗଲାଣି କେତେବେଳୁ । କଟକ ସହରର ବିଦ୍ୟୁତ୍ ଅଲୋକମାଳା ଓ ଯୋବ୍ରାର ଉଚ୍ଚ ସ୍ତମ୍ଭ ସମସ୍ତ ସନ୍ଧ୍ୟାର ଶ୍ୟାମଳିମା ମଧ୍ୟରେ ମିଳିଯାଇଛି ଛବି ପରି ଦେଖାଯାଉଛନ୍ତି—

Digitized by srujan ka@gmail.com

ନୀରବରେ ଫେରି ଆସିଲା ଶୈଳକାନ୍ତ । ଘଟଣାଟା ତାକୁ ବହୁତ କରି ଦେଉଥିଲା । ତଥାପି ସେ ନିଶ୍ଚସ୍ତ ଜାଣିବ—

× × × ×

ଆକାଶରେ ଚନ୍ଦ୍ର ଉଠିଛନ୍ତି—ନୀଳ ଚନ୍ଦ୍ର—ଇସ୍ କି ସୁନ୍ଦର !! ଚାରିଆଡ଼େ ଖାଲି ମେଞ୍ଚା ମେଞ୍ଚା ନୀଳ ଜ୍ୟୋସ୍ନା ଝରି ଝରି ପଡ଼ୁଛି । ତା ତଳେ ସୁନ୍ଦର ନଦୀଟିଏ—ନୀଳ କାଚ ପରି ପାଣି ଗୁଡ଼ାକ । ଗୋଟିଏ ଡଙ୍ଗା ଉପରେ ବସିଛନ୍ତି ସେ ଦୁହେଁ—ଯୁବକ ଓ ଯୁବତୀ । ଛୋଟ ଛୋଟ ଅସଂଖ୍ୟ ତରଙ୍ଗ ଛୋଟ ପାହାଡ଼ ପରି ମୂର୍ତ୍ତି ହୋଇ ମିଳି ଯାଉଛନ୍ତି । ଦୁଇ ଡଙ୍ଗାଟି ଭାସିଚାଲିଛି ଧୀରେ ଧୀରେ—

ପବନ ବହୁଛି—ଖୁବ୍ ଧୀରେ—କିନ୍ତୁ ଯୁବତୀର ପରିଧାନକୁ ଅସଜ୍ଜିତ କରି ଦେଉଛି । ଚାରିଆଡ଼େ ଅସଂଖ୍ୟ ଫୁଲର ଭିଡ଼—କେତେ ରଙ୍ଗର ଫୁଲ । ଯୁବତୀଟି ଗୋଟିଏ ଫୁଲ ତୋଳି ଆଣିବାକୁ ହସ୍ତ ପ୍ରସାରଣ କରୁଛି—କିନ୍ତୁ ତୋଳି ଆଣି ପାରୁନି । ଯୁବକଟି ତୋଳି ଆଣୁଛି । ହସି ହସି ପ୍ରିୟାର ଗଣ୍ଡରେ ଖୋସି ଦେଉଛି । ପୁଣି ଗୋଟାଏ ଆଣିବାକୁ ହାତ ବଢ଼ାଉଛି···

ଆଃ—ଚିତ୍କାର କରି ଉଠିଲା ଯୁବତୀଟି—ପ୍ରେମିକ ତାର କାହିଁ ! ଏଇ ତ ବର୍ତ୍ତମାନ ଏଇଠି ଥିଲା ! ମଗରଟା ଭିଡ଼ି ଭିଡ଼ି ତାକୁ ନେଇ ଯାଉଛି, ଅତଳ ପାଣି ମଧ୍ୟକୁ । ସେ ମୁକ୍ତି ପାଇଁ ଚେଷ୍ଟା କରୁଛି—ନା—ସେ ଆଉ ଆସି ପାରିବନି । ଅତଳତଳ ମଧ୍ୟକୁ ଡେଇଁ ପଡ଼ୁଛି ଯୁବତୀଟି···ଯୁବତୀର ଗଣ୍ଡର ଫୁଲଟି ଖସିଯାଇ ପୁଣି ନାଡ଼ ସହିତ ସଂଯୋଗ ଘଟିଛି—ଯୁବକ ଫେରି ଆସିଛି—ଗୋଟାଏ ସୁନ୍ଦର ଅଶ୍ୱ ଉପରେ—ଯୁବତୀକୁ ବସାଇ ଅଶ୍ୱ ଚାଲିଛି—ଉଡ଼ିଯାଉଛି ଅଶ୍ୱଟି ଶୂନ୍ୟରେ—ଇସ୍—ହଠାତ୍ ଯୁବତୀଟି ଖସି ପଡ଼ୁଛି ପୁଣି ଜଳ ମଧ୍ୟରେ—

Digitized by srujan ka@gmail.com

ଚିତ୍କାର କରି ଉଠିଲା ଶୈଳକାନ୍ତ ? ଛାତିଟା ତା'ର ଖୁବ୍ ଜୋର୍‌ରେ ଥରୁଛି । ଇସ୍—କି ଖରାପ ସ୍ୱପ୍ନଟାଏ । କାହିଁକି ସେ ଏପରି ଭୟଙ୍କର ସ୍ୱପ୍ନ ଦେଖିଲା ସତେ ? ନା—ସେ ଆଉ ଏଠାରେ ରହିବନି—ଯେତେ ଶୀଘ୍ର ପାରେ ବଦଳି ହେବାକୁ ଚେଷ୍ଟା କରିବ—କି ହାତ ଭୟାନକ ସ୍ଥାନ···ଶୋଷରେ କଣ୍ଠ ଶୁଖି ଶୁଖି ଆସୁଛି—ଭାରି ଗରମ ଲାଗୁଛି—

ଝରକାଟା ଖୋଲିଦେଲା ଶୈଳକାନ୍ତ—

ବାହ୍ରୁ ଘଣ୍ଟାରେ ବାଜିଲା ଦୁଇ······

ହଠାତ୍ ଚମକି ପଡ଼ିଲା—ଏଁ—ଏ କ'ଣ ? ଏ କିଏ ? ସମାଧି ନିକଟରେ ଏକ ସ୍ତିମିତ ଆଲୋକ ଶିଖା ପବନର ଆଘାତରେ—ଅଶାନ୍ତ ହୋଇ ଉଠୁଛି । ଆଉ ତା ନିକଟରେ ପ୍ରଣତ ଏକ କୃଷ୍ଣ ମୂର୍ତ୍ତି···

ତା'ର ହୃତ୍ ସ୍ପନ୍ଦନ ଯଥେଷ୍ଟ ବଢ଼ିଗଲା । ନା—ତଥାପି ତାକୁ ଅନୁସନ୍ଧାନ କରିବାକୁ ହେବ । ସାହସ ସଞ୍ଚୟ କଲା ଶୈଳକାନ୍ତ । ହାତରେ ଲମ୍ବା ଡନସେଲିଅ ଟର୍ଚ୍ଚ ଓ ଛ'ଗ୍ରେଟିଅ ପିସ୍ତଲ, ନିଶୁଣିରେ କ୍ଷିପ୍ରଗତିରେ ତଳକୁ ଓହ୍ଲାଇଗଲା ଶୈଳକାନ୍ତ—

ଛାୟା ମୂର୍ତ୍ତିଟି ସେହିପରି ପ୍ରଣତ—ସ୍ତିମିତ ଆଲୋକ ଶିଖା··· ଟର୍ଚ୍ଚର ଶକ୍ତିଶାଳୀ ଶୁଭ୍ର ଆଲୋକ ଧୂମକେତୁର ପୁଚ୍ଛ ପରି ଲମ୍ବିଗଲା ଆଗକୁ—

ଛାୟା ମୂର୍ତ୍ତିଟି କ୍ଷିପ୍ରଗତିରେ ଅପସରି ଯିବାକୁ ଚେଷ୍ଟା କଲା—ଟ୍ରିଗାର ଉପରେ ଶୈଳକାନ୍ତର ହସ୍ତ ସକ୍ରିୟ ହୋଇ ଉଠିଲା··· ବାଲୁକା ସ୍ତୁପ ମଧ୍ୟରୁ ଏକ କରୁଣ ଚିତ୍କାର ଭାସି ଆସିଲା ।

Digitized by srujan ka@gmail.com

ଆଗେଇ ଗଲା ଶୈଳକାନ୍ତ । ଟର୍ଚ୍ଚର ଶୁଭ୍ର ଆଲୋକରେ ଚିତ୍କାର କରି ଉଠିଲା—'ତପସ୍ୱୀ' ? ତପସ୍ୱୀର ଅଙ୍ଗଲତା ବାଲୁକା ଶଯ୍ୟା ଉପରେ ଢଳି ପଡ଼ିଥିଲା—ତପସ୍ୱୀ ଆଉ ନଥିଲା—ଅଳ୍ପ ଦୂରରେ ଲୁଚିକି ପଡ଼ିଥିଲା ତା'ର ଜୀବନର ଆଧାର—କ୍ଷୁଦ୍ର ଦୀପଟି···

ଶୈଳକାନ୍ତର ଚକ୍ଷୁରୁ ବହି ଆସୁଥିଲା ଧାର ଧାର ଅଶ୍ରୁ— "ହାୟ—ହତଭାଗିନୀ । ପ୍ରେମିକକୁ ହରାଇ ମଧ୍ୟ ଶେଷ ନୈବେଦ୍ୟ ମନଭରି ଦେଇ ପାରିଲୁନି··"

କବର ନିକଟରେ ସ୍ତିମିତ ଆଲୋକ ଶିଖା ଲିଭି ଯାଇଥିଲା ସେତେବେଳକୁ— ✵

[ତା ୧୭-୧୮ ଫେବୃଆରୀ ୧୯୫୫ 'ରବିବାର ପ୍ରଜାତନ୍ତ୍ର'ରେ ପ୍ରକାଶିତ]

Digitized by srujan ka@gmail.com

କଳାଶ୍ରୀ

କଳାକାର ତାର ସର୍ବହରା ଯାଯାବର ଜୀବନ ଭିତରେ ହଠାତ୍ ଦିନେ କଳାଶ୍ରୀକୁ ଅବସ୍ଥାର ଭଲ ପାଟଣା ଜେନେରାଲ ହସପିଟାଲ୍‌ରେ। ଲୌହ ଖଟିଆ ଉପରେ ନିମିଳିତ ନେତ୍ରରେ ଶୋଇ ରହିଥିଲା। କଳାଶ୍ରୀ—ମୁଖ ମଣ୍ଡଳରେ ଅସୁସ୍ଥତା ଓ ଯନ୍ତ୍ରଣାର ଚିହ୍ନ ସୁସ୍ପଷ୍ଟ···

ବାସ୍ତବିକ୍ ଗୋଟିଏ ଅଦ୍ଭୁତ ଝିଅ ଏ କଳାଶ୍ରୀ। ଚାଲିଚଳନ ବା କଥାବାର୍ତ୍ତାରୁ ତା ବୟସରେ ଗୋଟାଏ କିଛି ସ୍ଥିର କରି ହୁଏନା। ଇଂରେଜ ଝିଅଙ୍କ ପରି ସମସ୍ତଙ୍କ ସାଙ୍ଗରେ ଖୁବ୍ ମୁକ୍ତ ଭାବରେ ମିଳାମିଶା କରେ—ଅଟୋ ଲଜ୍ଜା କରେନା···କାଶ୍ମୀରି ଝିଅଙ୍କ ପରି ଲୋଭନୀୟ ତନୁର ତନିମା···ବିଭିନ୍ନ ଭାଷା ଖୁବ୍ ସୁନ୍ଦର କହିପାରେ···· କେତେବେଳେ ଖାଣ୍ଟି ବଲ୍ଲଡ ଝିଅ ପରି ପୋଷାକ ପିନ୍ଧି ବାହାରେ ପଡ଼େ···କେତେବେଳେ ବା ସେଲଓ୍ୱାର ପ୍ୟାଣ୍ଟ ଓ ପଞ୍ଜାବୀ, ଠିକ୍ କାଶ୍ମୀରି ଝିଅଙ୍କ ପରି, ତା ଉପରେ ବକ୍ଷୋଜକୁ ବେଷ୍ଟନ କରି ଅଲମ୍ବିତ ରଙ୍ଗୀନ ଦୁପଟ୍ଟା···ଆଉ କେତେବେଳେ ବା ଶାଢ଼ୀ ଓ ବ୍ଲାଉଜ୍—ପାତଳା କଳାରଙ୍ଗର ଶାଢ଼ୀ ଓ ବ୍ଲାଉଜ ତା'ର ହେମଗୌର ତନୁକାନ୍ତିକୁ ଅଧିକ ଲୋଭନୀୟ କରିଦିଏ। ସବୁବେଳେ ନିଜକୁ ପ୍ରଜାପତି ପରି ସଜାଇବାକୁ ସେ ଭଲପାଏ। ସବୁଗୁଡ଼ାକ ତା' ଦେହକୁ ଚମତ୍କାର ଦେଖାଯାଏ ବାସ୍ତବିକ। ଗରମ ଗୋଲାପି ଓଠ ଦୁଇଟିରେ ଲାଗି ରହିଥାଏ ମନମତାଣିଆ ହସର ଝଲକ···

Digitized by srujan ka@gmail.com

ଲକ୍ଷ୍ନୌ କଳା ଭବନରେ ଏକ ବିବିକ୍ତ ପ୍ରକୋଷ୍ଠରେ ଖୁବ୍ ନିଦଧ୍ୟାସନରେ ବସି ଚିନ୍ତା କରୁଥିଲା ମୃଣ୍ମୟ ।—ହୁଏତ ଭବିଷ୍ୟତର କଳାକାର ଜୀବନର କର୍ମପନ୍ଥାକୁ ନେଇ ସେ ଚିନ୍ତା କରୁଥିଲା—ଓଡ଼ିଶାରେ ଗୋଟାଏ କଳାଶିକ୍ଷାର କେନ୍ଦ୍ର ନାହିଁ···କଳାର ସାଧନା କରିବାକୁ ଦୂର ଦେଶକୁ ଆସିବାକୁ ପଡୁଚି ଏହି ଦୂରଦେଶରେ ଖର୍ଚ୍ଚ ବହନ କରିବାକୁ ଅସମର୍ଥ ହୋଇ କେତେ ଯେ ଗରିବ କଳା-ପ୍ରେମୀ ଛାତ୍ର ବନଫୁଲ ପରି ନିଜର ସୌରଭ ବିତରଣ କରିବାକୁ ଅସମର୍ଥ ହୋଇ ଅକାଳରେ ମଉଳି ପଡୁଛନ୍ତି !! ନା—ସେ ଫେରି-ଯିବା ପରେ ଓଡ଼ିଶାରେ ଗୋଟିଏ ଆର୍ଟ ସ୍କୁଲ ସ୍ଥାପନ ପାଇଁ ପ୍ରାଣପଣେ ଚେଷ୍ଟା କରିବ । ତା' ଦେଶରେ ଏହା ଗୋଟାଏ ବିରାଟ ଅପୂରଣୀୟ ହୋଇ ରହିଯାଇଛି···

'ନମସ୍କାର—ମୃଣ୍ମୟ ବାବୁ !'

ଭାବନାଟା ସେତିକିରେ ଅଟକି ଗଲା । ଆଗନ୍ତୁକଙ୍କ କୋମଳ କଣ୍ଠର ଅଭିବାଦନରେ ସାମାନ୍ୟ ଅପ୍ରତିଭ ହୋଇ ପଡ଼ିଲା ମୃଣ୍ମୟ ! ଦରଜା ନିକଟରେ ଅନୁମତି ପ୍ରତୀକ୍ଷା କରି ଠିଆ ହୋଇଥିଲେ ମିସ୍ ସୀତା—ଲକ୍ଷ୍ନୌ ଆର୍ଟ କଲେଜର ଜଣେ ଛାତ୍ରୀ···

ପ୍ରକୋଷ୍ଠ ମଧ୍ୟରେ ବିଦ୍ୟୁତ୍ ଆଲୋକ ଅତି ନୀରବ ଓ ନିସ୍ପନ୍ଦ ଭାବରେ ଝରି ଝରି ପଡୁଥିଲା । ଦୁଇଟି ଚଉକି ଉପରେ ବସି ରହିଥିଲେ ମୃଣ୍ମୟ ଓ ମିସ୍ ସୀତା···

"—ଦିଲ୍ଲୀ ଠାରେ ହେଉଥିବା ନିଖିଳ ଭାରତ ଆର୍ଟ ଏକ୍ଜି-ବିସନ୍‌କୁ ଆପଣ ତ ନିଶ୍ଚୟ ଆପଣଙ୍କର ଆର୍ଟ ଗୁଡ଼ିକ ପଠାଉଛନ୍ତି । ତେବେ ସେଗୁଡ଼ିକ ଦେଖାଇବାରେ ଆପଣଙ୍କର କୌଣସି ଆପତ୍ତି ଅଛି କି···?"—ସ୍ମିତ ହାସ୍ୟ ଫୁଟାଇ କହିଲେ ମିସ୍ ସୀତା ।

Digitized by srujan ka@gmail.com

ଚକ୍ଷୁରେ ପ୍ରଶ୍ନବାଚୀ ତୋଳି ଚାହିଁ ରହିଥିଲି ମୃଣ୍ମୟ । ହୁଏତ ଜଣେ ସ୍ୱଳ୍ପ ପରିଚିତାଙ୍କଠାରୁ ଏପରି ଏକ ପ୍ରଶ୍ନର ମର୍ମ ସେ ଉପଲବ୍ଧି କରି ପାରୁ ନ ଥିଲା । ଶୁଷ୍କ ହାସ୍ୟ ଫୁଟାଇ କହିଲା—"ନା—ମିସ୍ ସୀତା ! ଆପଣଙ୍କ ଅନୁମାନକୁ ମୁଁ ସମର୍ଥନ କରି ପାରୁନି । ମୋ ପରି ଜଣେ ଅଖ୍ୟାତନାମା ଶିଳ୍ପୀ ଯେ କାହିଁକି କେତେଗୁଡ଼ିଏ ଚିତ୍ର ପଠାଇବାର ଦୁଃସାହାସ କରି ନିଜକୁ ହାସ୍ୟାସ୍ପଦ କରିବ, ତାହା ମୁଁ ବୁଝି ପାରେନା । ଅଭାବ ଅନାଟନର ଜଟିଳ ସଂଗ୍ରାମ ମଧ୍ୟରେ କ୍ଷତ ବିକ୍ଷତ ହୋଇ ବଞ୍ଚି ରହିବାର ଯେଉଁ ଅଦମ୍ୟ ପ୍ରୟାସ, ସେଥିରୁ ବାସ୍ତବତାକୁ ଏଡ଼ାଇ ଦେଇ କଳ୍ପନା ରାଜ୍ୟରେ ଭ୍ରମଣର ଅବସର ଖୁବ୍ କମ୍···"

ହସି ଉଠିଲେ ମିସ୍ ସୀତା । ନରମ ଚପଳ ହସର ଧ୍ୱନି ପ୍ରକୋଷ୍ଠ ମଧ୍ୟରେ ପ୍ରତିଧ୍ୱନି ସୃଷ୍ଟି କରୁଥିଲା । ସେ ହସି ହସି କହିଲେ—"ବାସ୍ତବିକ ଖୁବ୍ ହସ ଲାଗେ ମୃଣ୍ମୟ ବାବୁ ! ବିଶିଷ୍ଟ କଳାକାର ଭାବରେ ଖ୍ୟାତି ଅଛି କି ନା—ତେଣୁ ଛଳନା ତ ସ୍ୱାଭାବିକ । ଅନ୍ୟ କେହି ନିଜର ସୁନାମରେ ଭାଗୀଦାର ହେବାର ଭୟ ତ ପୁଣି ଅଛି··· ! ତା ସହିତ ଅଭାବ ଅନାଟନର ଆଉ ଗୋଟାଏ ଛଳନା···" ।

ମିସ୍ ସୀତାଙ୍କ ମୁଖମଣ୍ଡଳରେ ଚପଳତାର ଜୁଆର·····

ବାସ୍ତବିକ ପ୍ରାଚୁର୍ଯ୍ୟ ମଧ୍ୟରେ ଯାହାର ଜୀବନ ଗଢି ଉଠୁଛି ସେ ବା କିପରି ସର୍ବହରା ଜୀବନର ନିତ୍ୟ ସହଚର ଅଭାବ, ଅନାଟନର ତିକ୍ତତା ଅନୁଭବ କରି ପାରିବ ? ଅନୁଭବ ଯେଉଁ କଠୋର ବାସ୍ତବତାର ସନ୍ଧାନ ଦିଏ, ତାହା କଳ୍ପନା ଦେବା ଅସମ୍ଭବ । ଅଧୁନା ଓଡ଼ିଶାରେ ଶିଳ୍ପୀର ଅଭାବ, ଅନାଟନ ଭରା ଜୀବନ ଯାହା ବିଷୟ

Digitized by srujan ka@gmail.com

ଜାଣିଥିଲେ ହୁଏତ ମିସ୍ ସୁତା ଏହା କହିବାକୁ ସାହାସ କରନ୍ତେ ନାହିଁ । ତେଣୁ କଥାର ସୂଅ ବଦଳାଇ କହିଲ ମୃଣ୍ମୟ—

"—କିନ୍ତୁ ମୋତେ ବିଶ୍ୱାସ କର ମିସ୍ ସୁତା ! କୌଣସି ଛଳନାର ପ୍ରଶ୍ରୟ ନେବା ବା ମୋର କି ଅବଶ୍ୟକ ? ଏହି ଲକ୍ଷ୍ନୌ କଳା ଭବନରେ ସିନା ବିଖ୍ୟାତ ଶିଳ୍ପୀ ବୋଲି ମୋତେ କହିପାର, କିନ୍ତୁ ବାହାରେ ମୋଠାରୁ ଯେ ଅଧିକ ଅନେକ ଖ୍ୟାତନାମା ଶିଳ୍ପୀ ଓ କଳାକାର ଅଛନ୍ତି ତାହା ଭୁଲିଯିବା ଆଦୌ ଉଚିତ ନହେଁ··"

ମୃଣ୍ମୟର କଣ୍ଠସ୍ୱର ଅତି ସ୍ପଷ୍ଟ ଓ ସ୍ୱାଭାବିକ······

ହଠାତ୍ ମିସ୍ ସୁତାଙ୍କ ମୁଖମଣ୍ଡଳର କାନ୍ତି ପରିବର୍ତ୍ତିତ ହେଲା । ଜୁଆର ପରେ ଆସିଛି ଭଟ୍ଟା । ଚପଳ୍ୟ ପରେ ଗାମ୍ଭୀର୍ଯ୍ୟ । ହୁଏତ ମୃଣ୍ମୟକୁ ଅବିଶ୍ୱାସ କରିବାର ତାଙ୍କର କିଛି ନ ଥିଲା । ଅନ୍ତରର ପୁଞ୍ଜୀଭୂତ ନୈରାଶ୍ୟ ଯେପରି ଗୁମୁରି ଗୁମୁରି ଉଠୁଥିଲା । ସେ ଦରଦି ଅଥଚ ଅନୁରୋଧ ବୋଳା କଣ୍ଠରେ କହିଲେ—"କ୍ଷମା କରିବେ ମୃଣ୍ମୟ ବାବୁ ! ମୋର ବିଶ୍ୱାସ ଅଛି ଯେ ମନୁଷ୍ୟ ନିଜକୁ ଯେତେ କ୍ଷୁଦ୍ର ବୋଲି ତୁଳନା କରେ, ବାସ୍ତବିକ୍ ସବୁକ୍ଷେତ୍ରରେ ସେପରି ନ ଥାଏ । ନୈରାଶ୍ୟବାଦ ଭିତରେ ପ୍ରଗତିର ସନ୍ଧାନ ଅସମ୍ଭବ । ଆଶା ଆକାଙ୍କ୍ଷା ନେଇ ମନୁଷ୍ୟକୁ ଆଗେଇ ଚାଲିବାକୁ ହୁଏ । ସେଥିରେ ହିଁ ସେ ପାଏ ପୂର୍ଣ୍ଣତା । କିନ୍ତୁ ମୁଁ ଯଦି ଆପଣଙ୍କର ସମସ୍ତ ଆବଶ୍ୟକତା ପୂରଣ କରେ···?"

ନୀରବ ରହିଲ ମୃଣ୍ମୟ । ମିସ୍ ସୁତାଙ୍କର ଏ ଅଯାଚିତ ସ୍ନେହ ସହାନୁଭୂତି ଓ ଅନୁରୋଧକୁ ତାହିଁକି ପ୍ରତ୍ୟାଖ୍ୟାନ କରି ପାରିଲନି ସେ—ହୁଏତ ପ୍ରତ୍ୟାଖ୍ୟାନ କରିବା ସମ୍ଭବପର ନ ଥିଲା······

ଦୂର ଆକାଶରେ ସକାରଜନୀର କମନୀୟ ଚନ୍ଦ୍ର ।

Digitized by srujan ka@gmail.com

···ଖଣ୍ଡ ଖଣ୍ଡ ଅଦନ ହାଲ୍‌କା ବାଦ୍‌ଲ ଭାସି ଭାସି ଗୁଲୁଛି ତା'ର ଉପର ଦେଇ···ରୁପେଲି ଚନ୍ଦ୍ରର ମୁଖମଣ୍ଡଳରେ ଅବଗୁଣ୍ଠନ ଉତ୍ତୋଳନ ଓ ଉନ୍ମୋଚନ କରି···ସତେ ଯେପରି କ୍ଷୀଣ ଅବଗୁଣ୍ଠନ ତଳେ ଲଜ୍ଜାନ୍ୱିତ ଷୋଡ଼ଶୀର ଅତିବିଗଳିତ ଚଞ୍ଚଳ ନୟନର ଅନନ୍ତଶ୍ରୀ···ଗୋଲପଶ୍ରୀ ନିନ୍ଦୁକ ଗଣ୍ଡଦେଶ ଓ ଅଧର···

ଚିତ୍ରର ଶିଳ୍ପୀ ମୃଣ୍ମୟ ମୂକ ନିର୍ଜୀବ କାଗଜ ଉପରେ ଜୀବନ୍ୟାସ ମନ୍ତ୍ର ପରି ତୁଳୀର ଚରମ ସ୍ପର୍ଶ ନେଇଥିଲା । —

ତା'ପରେ କ୍ରମାଗତ ଭାବରେ ସେହି ଶିଳ୍ପୀ ନିଲୟକୁ ଆସିଛନ୍ତି ମିସ୍ ସ୍ୱିତା, ଅଯାଚିତ ଓ ଅକୁଣ୍ଠିତ ଚିତ୍ତରେ ଜଣେ ଶିଳ୍ପୀ ଆଉ ଜଣେ ଶିଳ୍ପ; ଜଣେ ସ୍ରଷ୍ଟା ଆଉ ଜଣେ ସୃଷ୍ଟି; ଜଣେ ଆଧାର ଆଉ ଜଣେ ଆଧେୟ । ବେଶ୍—ଶିଳ୍ପୀକୁ ସାହାଯ୍ୟ କରିଛନ୍ତି ପ୍ରଚୁର । ଆଉ ଯେଉଁଦିନ ମୃଣ୍ମୟ ଶତ ଜିହ୍ୱାରେ ପ୍ରଶଂସା ମୁଖର ହୋଇ ଉଠିଥିଲା ସେ ଦିନ ପ୍ରଥମ କରି ତାକୁ ଅଭିନନ୍ଦନ ଜଣାଇଥିଲେ ମିସ୍ ସ୍ୱିତା । ମୃଣ୍ମୟର 'ପଲ୍ଲୀବଧୂ' ଚିତ୍ରଟି ଯେ ନିଖିଳ ଭାରତ କଳା ପ୍ରଦର୍ଶନୀରେ ପ୍ରଥମ ସ୍ଥାନ ଅଧିକାର କରିଛି, ସେଥିପାଇଁ ବୋଧହୁଏ ସେ ସମସ୍ତଙ୍କଠାରୁ ବିଶେଷ ଆନନ୍ଦ ଅନୁଭବ କରିଥିଲେ । ଏହାର କାରଣ ବିଶ୍ଲେଷଣ କରିବାକୁ ହୁଏତ ସେ ଅବସର ପାଇ ନ ଥିଲେ— ଆବଶ୍ୟକତା ନ ଥିଲା ମଧ୍ୟ······

ସେ ଦିନର ସେହି କମନୀୟ ରୂପକାନ୍ତିକୁ ତନ୍ମୟ ଭାବରେ ଅନୁଭବ କରିଥିଲା ମୃଣ୍ମୟ । ମିସ୍ ସ୍ୱିତାଙ୍କର ଅନ୍ତରର ପୁଞ୍ଜୀଭୂତ ଆନନ୍ଦ ଓ ସୌହାର୍ଦ୍ଦ୍ୟ ମୁଖମଣ୍ଡଳରେ ସ୍ପଷ୍ଟ ପ୍ରତିଫଳିତ ହେଉଥିଲା । ସେ ହସି ହସି କହିଲା —" ଏ ଗୌରବରେ ମଣ୍ଡିତ ହେବା ମୋ ଅପେକ୍ଷା ଯେ ତୁମର ହକ୍ ଦାବୀ ଯଥେଷ୍ଟ ବେଶୀ ମିସ୍ ସ୍ୱିତା । ତୁମର

Digitized by srujan ka@gmail.com

ଅଯାଚିତ ସାହାଯ୍ୟ ଓ ସହାନୁଭୂତି ପାଇ ନ ଥିଲେ ହୁଏତ ଅଙ୍କ ଏ ଗୌରବ ସ୍ୱପ୍ନରେ ରହିଯାଇଥାନ୍ତା ମାତ୍ର । ତୁମେ ଦେଲ ଅମର ଦାନ—ରସ, ଗନ୍ଧ, ମଧୁକ, ଉନ୍ମାଦନା, ଆଉ ମୁଁ ଦେଲି ମୋର କାଳି ଓ ତୂଳୀ ମୂନରେ ରୂପ...... ସୃଷ୍ଟି । ବେଶ୍, ଜଣେ ପଥିକ, ଆଉ ଜଣେ ପାଥେୟ । ତେବେ କ'ଣ ପଥିକ ନିକଟରେ ପାଥେୟର ଦାନ ଅମର ନୁହେଁ ?"

"—ଥାଉ—ଆଉ ମୋର ଅଯଥା ପ୍ରଶଂସା କରି ଲଜ୍ଜା ଦିଅନ୍ତୁ ନାହିଁ । ନିଜର ଗୌରବରେ ଅନ୍ୟକୁ ଭୂଷିତ କରିବାର ଚେଷ୍ଟା କରି ଅପଦସ୍ତ କରିବାଟା ବେଶ୍ ଶିକ୍ଷା କରିଛନ୍ତି..."—କୃତ୍ରିମ ଅଭିମାନ କରି କହିଲେ ମିସ୍ ଶ୍ୱେତା......

ମନ୍ତ୍ରମୁଗ୍ଧବତ୍ ଚାହିଁ ରହିଥିଲା ମୃଣ୍ମୟ—ଚକ୍ଷୁରେ ତା'ର ବିସ୍ମୟ ଦୃଷ୍ଟି । ଦୃଷ୍ଟିସୀମା ମିସ୍ ଶ୍ୱେତାଙ୍କ ମୁଖମଣ୍ଡଳରେ ସୀମିତ—ନିଷ୍କଳ, ପଲକହୀନା ନାରୀର ତନୁର ତନିମାକୁ ଦାୟିତ୍ୱହୀନ ଭାବେ ଲକ୍ଷ୍ୟ କରିବା ଯେଉଁ ସାମାଜିକ ଲଜ୍ଜାହୀନତାର ପରିଚୟ ଦଏ, ଶିଳ୍ପୀ ସେଥି ପ୍ରତି ଦୃଷ୍ଟି ଦଏନା । ରୂପର ପୂଜାରୀ ସେ—ସୌନ୍ଦର୍ଯ୍ୟ ଉପଭୋଗ କରି ତୂଳୀର ମୂନରେ ରୂପ ଦେବାହିଁ ତା'ର ଧର୍ମ । ସେଠାରେ ଅସାମାଜିକତା ରହିଲା କେଉଁଠି ? ଲଜ୍ଜାହୀନତା ରହିଲା କେଉଁଠି ?

ସେହି ରୂପ, ସେହି ସଜ୍ଜିତ ପରିପାଟୀ—ତୁଷାର ଶୁଭ୍ର ଯୌବନଭରା ଅଙ୍ଗଲତାକୁ ବେଷ୍ଟନ କରିଛି ଈଷତ୍ କୃଷ୍ଣ ବର୍ଣ୍ଣ ଝୀନ ଶାଢ଼ୀ ଓ ବ୍ଲାଉଜ୍ । ଅଦୂରେ ଲୋଭନୀୟ ହୋଇ ଉଠିଲା ମୃଣ୍ମୟ ନିକଟରେ......

Digitized by srujan ka@gmail.com

ମୃଣ୍ମୟୀ ସେହିପରି ଚାହିଁ ରହିଥିଲା । ସୁଦୂର ଓଡ଼ିଶାର ପଲ୍ଲୀକୋଣର କେଉଁଠି ନାଚଉ ପ୍ରତିଛବି ତା'ର ମାନସପଟରେ ପହଁରି ଯାଉଥିଲା ଧୀରେ ଧୀରେ—ସନ୍ଧ୍ୟାର କୃଷ୍ଣ ଅବଗୁଣ୍ଠନ ତଳେ ପଲ୍ଲୀବଧୂ······ ଦୂର ତମାଳ ଡାଳର ଫାଙ୍କନାକା ମଧ୍ୟରେ ମିଶିମିଶି ଯାଉଛନ୍ତି ଶୁଭ୍ର ବଲାକାଶ୍ରେଣୀ···ସେହିଦଗକୁ ଚାହିଁ ରହିଛି ସେ ଅବଗୁଣ୍ଠନ ତଳୁ ମୁଖମଣ୍ଡଳକୁ ମୁକ୍ତ କରି······ଅଧର ଓ ଗଣ୍ଡଦେଶରେ ଯୌବନର ପାଟଳିମା······ଟଣା ଟଣା ଗାଢ଼— କୃଷ୍ଣ-ଘନ-ଭ୍ରୂଲତା··· ···ନୟନରେ ତ୍ରସ୍ତା ହରିଣୀର ଚାହାଣୀ । କେହି ଦେଖି ନେଲା କି ? ଦେଖି··· ଛିଃ, ଛିଃ—ସେ ପରା କୁଳବଧୂ । ସେ ପୁଣି ଅନ୍ୟ ପୁରୁଷର ଦୃଷ୍ଟିରେ ପଡ଼ିବ । ଶାଶୂ, ନଣନ୍ଦ, ଗାଁ ଲୋକଙ୍କର ବକ୍ର ବଚନ, ଭୟରେ ଅବଗୁଣ୍ଠନକୁ ପୁଣି ଭିଡ଼ି ଆଣୁଛି ମୁଖ ପଦ୍ମ ଉପରେ···ସନ୍ଧ୍ୟା ନଇଁ ଯାଉଛି···ଏ କ'ଣ ସେଇ ପଲ୍ଲୀବଧୂ ? ନା-ନା-ଅସମ୍ଭବ । ଲକ୍ଷ୍ନୌ କଲା ଭବନର ଛାତ୍ରୀ, ଓଡ଼ିଶାର ପଲ୍ଲୀବଧୂ ହୋଇ ପାରେ ନା । କିନ୍ତୁ, କିନ୍ତୁ ଏହା ତ ସମ୍ଭବପର ହୋଇ ପାରୁଛି !!! ବାସ୍ତବତାକୁ ସେ କ'ଣ କେବେହେଲେ ଅବମାନନା କରି ପାରିବ ??

ହସି ଉଠିଲେ ମିସ୍ ଖନ୍ନା···ହସର ଝଂକାରରେ ପ୍ରକୃତିସ୍ଥ ହେଲା ମୃଣ୍ମୟୀ । ଆନନ୍ଦ ଗଦ୍ ଗଦ କଣ୍ଠରେ କହିଲା—"କିନ୍ତୁ ମୋର ଗୋଟିଏ ଅନୁରୋଧ ରକ୍ଷା କରି ପାରିବ ମିସ୍ ଖନ୍ନା ?

"ଅନୁରୋଧ··· ? ପୁଣି କ'ଣ କଣ୍ଟ୍ର ମଡେଲ୍ ଅବଶ୍ୟକ ପଡ଼ିଲାଣି ନା କ'ଣ ? ଆଉ ଥରେ ଆପଣଙ୍କ ପଲ୍ଲୀବଧୂ ସାଜି ଅବଗୁଣ୍ଠନ ଟାଣି ବସିବାକୁ ପଡ଼ିବ ନାହିଁ ତ ? ଓଃ—ଯେଉଁ କଷ୍ଟ···"—ହସି ହସି କହିଲେ ମିସ୍ ଖନ୍ନା । ମୁଖମଣ୍ଡଳରେ ଥିଲା ପରିହାସର ଭଙ୍ଗି ।

Digitized by srujan ka@gmail.com

" ଖାଲି ସେତିକି ନୁହେଁ । ବିଭିନ୍ନ ଅଳଙ୍କାରରେ ଭୂଷିତା ହୋଇ ହିତମତି ବସିବାକୁ ହେବ । ସ୍ୱାଭାବିକ ମଡ଼େଲ୍ ବ୍ୟତୀତ ଶିଳ୍ପୀ ଜୀବନ୍ତ ହୁଏନା । ପାରିବେ ତ'···? ନା—ଏଥର ମଡ଼େଲ୍ ଦେବାକୁ ଅସମ୍ମତ······? " ହସି ହସି କହିଲା ମୃଣ୍ମୟ ।"

ଚକ୍ଷୁରେ ଆଶ୍ଚର୍ଯ୍ୟ ଓ ପ୍ରଶ୍ନବାଚୀ ତୋଳି ନୀରବରେ ଚାହିଁ ରହିଥିଲେ ମିସ୍ ଶ୍ୱେତା······

"—ବୁଝି ପାରିଲନି ବୋଧହୁଏ ମିସ୍ ଶ୍ୱେତା । ଯେଉଁବେଳେ ପଶ୍ଚିମକୋଣ ବନ୍ଦରେ ଶବର ମଡ଼େଲ୍ ନେଇ ଶିଳ୍ପୀର ତୁଳି ମୂଳରେ ଉତ୍ପାଦନା ଜନ୍ମାଇଲି, ଆଜି ତୁମର ଦାନ ରୂପାୟିତ ହୋଇ ଶିଳ୍ପୀକୁ ଗୌରବାନ୍ୱିତ କଲା ସେତେବେଳେ କ'ଣ ତୁମେହିଁ କେବଳ ଦୀନ ଶିଳ୍ପୀର କଳାର ଶ୍ରୀ ନୁହଁ ! ତେଣୁ ମୁଁ ଆଜିଠାରୁ ତୁମକୁ ଡାକିବି କଳାଶ୍ରୀ । ମୋ' ଅନୁରୋଧଟା କ'ଣ ରକ୍ଷା କରିବନି······?"

ମୃଣ୍ମୟର କଣ୍ଠରେ ଥିଲା ଅନୁରୋଧର ଆଭାସ । ରକ୍ତିମ ଅଧରରେ ସୂକ୍ଷ୍ମ ହାସ୍ୟ ଖେଳାଇ ନୀରବ ସମ୍ମତି ଜଣାଇଲେ··· ମିସ୍ ଶ୍ୱେତା, ଅତି ଧୀର ଓ କୋମଳ ସ୍ୱରରେ କହିଲେ —" ଆଉ ··· ଆଉ ମୁଁ ମଧ୍ୟ ତୁମକୁ ଡାକିବି କଳାକାର ···"

ଦୁହେଁ ଉଚ୍ଚ ସ୍ୱରରେ ହସି ଉଠିଲେ । ନିଭୃତ ପ୍ରକୋଷ୍ଠ ମଧ୍ୟରେ ଦୁଇଟି କଳାପ୍ରିୟ ତରୁଣ ଅତ୍ମାର ଉଚ୍ଛୁଳତାର ଦର୍ଶକ ଥିଲା କେବଳ ପ୍ରକୃତି···

ତା'ପରେ ସମୟ ଅଗେଇ ଯାଉଛି । ଆଜି ତା' ସହିତ ଦୁଇଟି ଅତ୍ମାର ପରିଚୟ ନିବିଡ଼ରୁ ନିବିଡ଼ତର ହୋଇ ଉଠିଛି । ଜଣେ ଡାକୁଛି କଳାଶ୍ରୀ !! ଅଉ ଜଣେ ଡାକୁଛି କଳାକର !! ସେଥିରେ ଉଭୟ ପାଇଛନ୍ତି ପରିତୃପ୍ତି ··· ଅନନ୍ଦ ।

Digitized by srujan ka@gmail.com

ସମୟ ଆଗେଇ ଯାଉଛି ......

ହଠାତ୍ ଯେଉଁଦିନ କଳାକାର କଳାଶ୍ରୀଠାରୁ ବିଦାୟ ନେଇ ଫେରି ଆସିଲା ସେ ଦିନ ଦୁଇଟି ଆତ୍ମା ନିଭୃତରେ ବିଳପି ଉଠିଥିଲା । କଳାକାରର କର୍ତ୍ତବ୍ୟ ଶେଷ ହୋଇଯାଇଛି । କିନ୍ତୁ କଳାଶ୍ରୀର ଶିକ୍ଷା ଶେଷ ହେବାକୁ ଆହୁରି ଏକବର୍ଷ । କଳାକାର ସମ୍ମୁଖରେ ବାସ୍ତବତା...ନିଷ୍ଠୁର, ନିର୍ମମ ବାସ୍ତବତା । ନିଜର କର୍ତ୍ତବ୍ୟ ଶେଷ ପରେ ପୁଣି କଳାଶ୍ରୀ ନିକଟକୁ ଫେରି ଆସିବାର ପ୍ରତିଶ୍ରୁତି ଦେଇ ବିଦାୟ ନେଇ ଆସିଲା କଳାକାର । କେତେ ବୁନ୍ଦା ତପ୍ତ ଅଶ୍ରୁ ଅର୍ଘ୍ୟ ଦେଇ ବିଦାୟ ଦେଇଥିଲା କଳାଶ୍ରୀ...

ଫେରି ଆସିଲା ମୃଣ୍ମୟ ନିଜର ଜନ୍ମଭୂମିକୁ ନିଜର ବିଗତ ସୁନେଲି ସ୍ୱପ୍ନ ଗୁଡ଼ିକୁ ରୂପଦାନ କରିବାକୁ । ଗୋଟିଏ କଳାଶିକ୍ଷା କେନ୍ଦ୍ର ସ୍ଥାପନ କରିବାର ଆଶା, ଆକାଙ୍କ୍ଷା ଓ ପ୍ରୟାସ ନେଇ ଅନେକଙ୍କର ପ୍ରାରମ୍ଭ ହେଲା । 'ଅସ୍ତି' ବାଣୀରେ ତା'ର ଅନ୍ତର ଆନନ୍ଦରେ ନୃତ୍ୟଶୀଳ ହୋଇ ଉଠିଲା । କିନ୍ତୁ ଯେଉଁଦିନ ସେହି 'ଅସ୍ତି' 'ନାସ୍ତି' ବାଣୀରେ ପର୍ଯ୍ୟବସିତ ହେଲା ସେ ଦିନ ତାର ଆଶାର କୋଣାର୍କ ଭଙ୍ଗିତୁଳ ଚୂର୍ମାର୍ ହୋଇ ଯାଇ-ଥିଲା । କଳା ନିପୁଣ କଳାଙ୍କରେ ଆଜି କ'ଣ କଳାର ଆଦର ନାହିଁ । ଯେତେବେଳେ ମନୁଷ୍ୟର ଆଶା, ଆକାଂକ୍ଷା ପ୍ରତିହତ ହୁଏ ସେତେବେଳେ ସେ ବାଛିନିଏ ଗୋଟିଏ ଲକ୍ଷ୍ୟହୀନ ଜୀବନ, ଆଜି ଠିକ୍ ତା'କୁ ଅବଲମ୍ବନ କରି କଳାକାର ବାଛି ନେଇଥିଲା ଯାଯାବର ଜୀବନ କଳାସାଧନାର ପ୍ରକୃଷ୍ଟ କ୍ଷେତ୍ର ରୂପେ । ସେହି ଯାଯାବର ଜୀବନର ଉତ୍ଥାନ ପତନ ମଧ୍ୟରେ ସେଦିନ ହଠାତ୍ କଳାଶ୍ରୀକୁ ଆବିଷ୍କାର କରିଥିଲା ପାଟଣା ଜେନେରାଲ୍ ହସପିଟାଲ୍‌ରେ—

ଏହି ସେହି କଲାଶ୍ରୀ—ଦେଖିଲେ ଚିହ୍ନି ହୁଏ ନା । ସେ ଦିନ ଆଉ ଆଜି ମଧ୍ୟରେ ଯଥେଷ୍ଟ ଫରକ୍ । ସେଦିନର ତନୁଲତାର ତରଙ୍ଗାୟିତ ଯୌବନଶ୍ରୀ ଶିଳ୍ପୀକୁ ବିମୁଗ୍ଧ କରି ଦେଉଥିଲା ଆଉ ଆଜି··· ? ଆଜି ସେହି ଶ୍ରୀ ଉପରେ ରୋଗ ଟାଣି ଦେଇଛି ଶୀର୍ଣ୍ଣ ପାଂଶୁଳ ଯବନିକା । ଆଜି କଲା ଅଛି କିନ୍ତୁ ଶ୍ରୀ ନାହିଁ ।···

ରୋଗଟା ଜାଣିବା ପାଇଁ ତାର ବିଶେଷ ବିଳମ୍ବ ହୋଇ ନ ଥିଲା । କ୍ଲିନିକାଲ ଗ୍ରନ୍ଥରୁ ଆବିଷ୍କାର କଲା—"ସେଲିବ୍ରେଅଲ୍ ମ୍ୟାଲେରିଆ" । ଶିହରି ଉଠିଲା କଳାକାର । ଯାହା ବିଜ୍ଞାନକୁ ଅବଜ୍ଞା କରି ଏବେ ବି ମୃତ୍ୟୁ-ଦୂତ ପରି ଜୀବନକୁ ପଳ ପଳ କରି ଶୋଷଣ କରେ—ଏହି ସେହି ସେଲିବ୍ରେଅଲ୍ ମ୍ୟାଲେରିଆ । ଅନ୍ତରର ଦୁଃଖଭରା ଆବେଗର ଉଚ୍ଛ୍ୱାସରେ ଡାକି ଉଠିଲା— "କଲାଶ୍ରୀ ··· ।"

'—କଲାଶ୍ରୀ ନୀରବ ।'

— ନୀରବ···'

'— କଲାଶ୍ରୀ ·· ।'

ରୁଗ୍ଣ ନିସ୍ତେଜ ଚକ୍ଷୁ ଦୁଇଟି ଅର୍ଦ୍ଧ ଉନ୍ମୀଳିତ ହେଲା । କିଛିକ୍ଷଣ ପରେ ସ୍ପନ୍ଦିତ ଅଧର ପ୍ରାନ୍ତରେ କ୍ଷୀଣ ଶୁଷ୍କ ମ୍ଳାନ ହାସ୍ୟ ଉକୁଟି ଉଠିଲା ··

"—ହୋ ବାବୁ ! ଆପଣ କାହିଁକି ଗୋଳମାଳ କରୁଛନ୍ତି ? ଦର୍ଶକ ଭାବରେ ଆସିଛନ୍ତି—ବେଶ୍, ନୀରବରେ ଦେଖନ୍ତୁ । ଆପଣ କ'ଣ ଜାଣନ୍ତି ନାହିଁ ଯେ ଗୋଳମାଳ କରିବା ରୋଗୀ-ମାନଙ୍କର ସ୍ୱାସ୍ଥ୍ୟ ପକ୍ଷରେ କ୍ଷତିକାରକ ବୋଲି ? ଆଉ ସନ୍ଧ୍ୟାଟେ ତ

Digitized by srujan ka@gmail.com

କାବୁଲର ପ୍ରଧାନ ରାସ୍ତା ଛାଡ଼ି ଅମର ଟେଙ୍ଗା ଗୋଟାଏ ବାଙ୍କ ବୁଲିଲେ । ଗୋଟିଏ ପାଖରେ ପ୍ରକାଣ୍ଡ ବଗିଚା । ବଲ୍ଲତ୍, ଗୁଳୁଣ୍ଡା ଅଞ୍ଜ ପଥଲର ଗଛ ବୋଲି ଶୁଣିଲି । ଡାହାଣ ପାଖରେ ରାସ୍ତାଠାରୁ ଉଚ୍ଚାରେ ବଡ଼ ବଡ଼ ବାଡ଼ ବେଢ଼ା ହୋଇ ପାନବରଜ ପରି ହୋଇଛି । ଏଇଠି ଅଙ୍ଗୁର ଲଟା ଲଗିଛି । ଅଙ୍ଗୁରର ବେଳ ହୋଇ ନ ଥାଏ । କିଛି ବାଟ ପରେ ଅରିୟାନା ଉଡ଼ାଜାହାଜ କମ୍ପାନିର କର୍ମଚାରୀମାନଙ୍କର କୋଠି ଏବଂ କମ୍ପାନିର ଅଫିସ ପଡ଼ିଲା । ସେପଟେ ସୁଦୃଶ୍ୟ ଘର ନୁହେଁ । ଗୋଟାଏ ବଡ଼ ଖଳାବାଡ଼ି ଭଳି ଦିଶୁଛି । ଦୁଇଟା ଟିଣ ଦ୍ୱାର ଲଗିଥିବା ଗେଟ୍ । ଏସବୁ ଭଡ଼ାଘର । ଆଜ କେଉଁଠାରେ କମ୍ପାନି ଅଫିସର ଭୋଠା ଛଅର କରୁଛି ।

ମିଷ୍ଟର ମହାପାତ୍ର ବା ଶ୍ରୀମାନ ପୂର୍ଣ୍ଣଚନ୍ଦ୍ରଙ୍କ ଘରେ ପହଞ୍ଚିଲୁଁ । ଓ୍ୟାଲି ଅପଣା ଘରେ ଥାଆନ୍ତି । ତାଙ୍କର ଘର କାବୁଲ ସହରରେ । ପୂର୍ଣ୍ଣଚନ୍ଦ୍ର ଏହି ଘରେ ଏକୁଟିଆ ଥିଲେ । ତାଙ୍କର ଅନ୍ୟ ଦୁଇଜଣ ସାଥୀ କର୍ମଚାରୀ ଯାଇ ଥାଆନ୍ତି ଉଡ଼ାଜାହାଜରେ । ଅଗରୁ ଯାହା ଶୁଣିଥିଲି ଯେ ଅଫଗାନିସ୍ଥାନରେ ପେଟ୍ରୋଲର ଅଭାବ ପଡ଼ିଛି ସେ କଥା ସତ ବୋଲି ଜଣାପଡ଼ିଲା । ଅନେକ ହଜଯାତ୍ରୀ ସେବେ ମଧ୍ୟ ଅପେକ୍ଷା କରିଛନ୍ତି । ଓ୍ୟାଲି ଏବଂ ପୂର୍ଣ୍ଣଚନ୍ଦ୍ର ମୋତେ କହିଲେ, "ଆପଣ ଯଦି ଦୁଇ ତିନି ଦିନ ରହନ୍ତି ଏବଂ ମଧ୍ୟପ୍ରାଚ୍ୟକୁ ଯଦି ଅପଣଙ୍କର ପାସପୋର୍ଟ ଥାଆନ୍ତା ତେବେ ଆମେ ଆମର ଉଡ଼ାଜାହାଜରେ ଆପଣଙ୍କୁ ବସୋରା, ବାଗଦାଦ ଏବଂ ଲୋହିତସାଗର ପର୍ଯ୍ୟନ୍ତ ବୁଲାଇ ନେଇ ଫେରି ଆସନ୍ତୁ । ଏଇ ଦୁଇଟା ଯଦିରୁ କୌଣସିଟି ଅତିକ୍ରମ କରିବା ମୋର ସାଧ୍ୟାତୀତ ଥିଲା ପ୍ରଥମ କଥା ଆମେ ତା' ଆବେଦନ ସଙ୍କାଶୁ କାବୁଲ ଛାଡ଼ିବା ନିଶ୍ଚିତ ଏବଂ ଦ୍ୱିତୀୟ କଥା ମୋର ମଧ୍ୟପ୍ରାଚ୍ୟ ପାଇଁ

Digitized by srujan ka@gmail.com

ଆମର ମାତୃଭୂମିର ଭାଷାରେ ବାହାରେ କଥା କହିବାକୁ ମଧ୍ୟ ଅଫଗାନ ଲୋକଙ୍କୁ ସଙ୍କୋଚ ଲାଗେ।"

"କେତୋଟି ଦୂତାବାସ ଆଉ କେତୋଟି ଉଡ଼ାଜାହାଜ କମ୍ପାନି ଏତିକ କାବୁଲରେ ସଭ୍ୟତା। ଆଉ କିଛି ନାହିଁ। ମଟରଗାଡ଼ି ସବୁ ଦେଖୁଛନ୍ତି, ଏତିକ ବିରାଟ ମଟରଗାଡ଼ି ଆମେରିକାର ଅଥବା ବ୍ରିଟେନର ଅଥବା ସୋଭିଏଟ୍‌ର। ଏଗୁଡ଼ିକୁ ଦେଖି ମନେ ହେବ କାବୁଲ ଆମର ଖୁବ୍ ସଭ୍ୟ ହୋଇଛି। ହାଜ୍ ଯାତ୍ରୀଙ୍କୁ ନେବା ଆଣିବା କରିବା ପାଇଁ ଯୋଡ଼ିଏ ଉଡ଼ାଜାହାଜ କମ୍ପାନି ରହିଛନ୍ତି ଏବଂ କେ ଏଲ୍ ଏମ୍‌ର ଟୋଗାଟିଏ ସର୍ଭିସ ଭାରତକୁ ଏଠାରୁ ସପ୍ତାହକେ ଥରେ ଆସୁଛି। ଏତିକ ହେଲା ବାହାର ସଂସାର ସଙ୍ଗରେ ପରିଚୟ ଆଉ ସଂପର୍କ।

"ଅଙ୍ଗୁର କୋଳି ଶସ୍ତା ବୋଲି ଶୁଣିଥିବେ। କିନ୍ତୁ ଏଭଳି ଶସ୍ତା କୋଳି କ'ଣ ଏଠାରେ ଗରିବ ଲୋକେ ଖାଇବାକୁ ପାଆନ୍ତି? ଅଫଗାନିସ୍ଥାନରେ ଗୋଟାଏ କଥା ଅଛି, 'ଗୃହୀ ଚରେ ଅଙ୍ଗୁର, ଆଉ ଖାଏ କାଠବାଦାମ'। ଏଠାରେ ଆଉ ଗୋଟାଏ ଉପାର୍ଜନ ହୁଏ କାର୍ପେଟରୁ। କିନ୍ତୁ ଆପଣ ଦେଖିବେ ଆମ ପରି ମଧ୍ୟବିତ୍ତ ଘରେ ମଧ୍ୟ ତଳେ କଭାର ଗାଲିଚା ବିଛାଇଛୁଁ। କଡା ଯାହା ଭାରତର ନଉଅଛୁ ତିଆରି ହୁଏ। ସେତକ ବାଟରୁ ଆସେ ତାହା ଆମେ ବିଛାଇଛୁଁ। କାରଣ ଏଇଠାରେ ସିମେଣ୍ଟର ଚଟାଣ ନାହିଁ କହିଲେ ଚଳେ। ତେଣୁ ସବୁବେଳେ ଧୂଳିର ପଟଳ ଉଠେ। ସବୁଆଡ଼େ ଧୂଳିମୟ ହୋଇଯାଏ। ତେଣୁ ମେଜିଆରେ ଗୋଟାଏ କିଛି ବିଛାଇବା ଦରକାର ପଡ଼େ। କିନ୍ତୁ ଆମର ତୂଳାରେ ବା ମେଣ୍ଢାଲୋମରେ ତିଆରି ଗାଲିଚା ବି ଆମ ମେଜିଆରେ ପଡ଼ିପାରେ ନାହିଁ।"

Digitized by srujan ka@gmail.com

କର୍ତ୍ତବ୍ୟ ନିଷ୍ଠାଭାବରେ ଫେନାଇଲ ଢାଳି ବାରଣ୍ଡା ପରିଷ୍କାର କରିବାରେ ବ୍ୟସ୍ତ ଥିଲା । ମୃଣ୍ମୟ ଆବେଗରେ ଡାକିଲା—'ଭଉଣୀ··· !' କିନ୍ତୁ ଏ କ'ଣ ? ୨୩୦ ନମ୍ବର ଖଟିଆଟି ଶୂନ୍ୟ ! ତେବେ କଲ୍ୟାଣୀ କୁଆଡେ ? କ'ଣ ଅନ୍ୟ କୌଣସି ୱାର୍ଡ଼କୁ ବଦଳେଇ ନିଆ ହୋଇଛି ନା କ'ଣ ? ଉତ୍ତେଜନା ପୂର୍ଣ୍ଣ ଭଙ୍ଗି କଣ୍ଠରେ ପଚାରିଲା— "ହେ ନର୍ସ ! ୨୩୦ ନମ୍ବର ଖଟିଆର ରୋଗୀ କେଉଁ ୱାର୍ଡ଼କୁ ଯାଇଛି ଜାଣୁ କିରେ ?

ବିଳମ୍ବ ତା ପକ୍ଷରେ ଅସହ୍ୟ ହୋଇ ଉଠୁଥିଲା । ଭୟ ଓ ଆଶଙ୍କାରେ ତା'ର ହୃଦସ୍ପନ୍ଦନ ବଢ଼ି ଉଠୁଥିଲା—

ବୃଦ୍ଧ ମେହେନ୍ତରଟି ଏକ ଦିଗକୁ ନିର୍ଦ୍ଦେଶ କରି ପୁଣି ନିଜ କାର୍ଯ୍ୟରେ ମନୋନିବେଶ କଲା···

ଗୋଟିଏ ଶବବାହୀ ଷ୍ଟ୍ରେଚର ଗାଡ଼ି ହଟା ଛାଡ଼ି ଦୂରରୁ ଦୂରକୁ ଅପସରି ଯାଉଥିଲା ଧୀରେ ଧୀରେ······

× × × × ×

ନିର୍ଜନ ଶ୍ମଶାନଟା—ମନୁଷ୍ୟ ଯେଉଁଠି ନିଜର ଶେଷ ଅଗ୍ନି ଶଯ୍ୟା ରଚନା କରେ । ନମ୍ର ସବୁଜ ଗାଲିଚା ଉପରେ ରହିଯାଏ ତା'ର ସ୍ମୃତିର ନିଶାଣ—କଳା କଳା ଅଙ୍ଗାର ଗୁଡ଼ିକ ମାତ୍ର । ଏହି ଅସଂଖ୍ୟ ଗୁଡ଼ିକର ପ୍ରଦର୍ଶନୀ··କିନ୍ତୁ କିଏ ଜାଣେ—ଏହି ଅଣସ୍ୱସ୍ଥ ନିଜ ଅଙ୍ଗାର ଗୁଡ଼ିକ ମଧ୍ୟରେ କେତେ ଯେ ସ୍ମୃତି, ସ୍ନେହ, ମାୟା, ମମତା ଜଡ଼ିତ !!!

ମୃଣ୍ମୟ କାଗଜ ଉପରେ ତୂଳୀର ସ୍ପର୍ଶ ଦେଉଥିଲା । ଆଗରେ ମଡେଲ । —ସୁଦୃଶ୍ୟ ବଗିଚାର ଗୋଟିଏ ଛବି···ଅନ୍ୟ ପାର୍ଶ୍ୱରେ

Digitized by srujan ka@gmail.com

ସଦ୍ୟ ଅଙ୍ଗାର କୁଢ଼ଟିଏ । କିଏ କହେ ଏହାକୁ ଅଙ୍ଗାରର ସ୍ତୂପ ବୋଲି···? ମୁଁ ତ ଏହା ମଧ୍ୟରେ ସେହି ରୂପ, ସେହି କାନ୍ତି, ସେହି ପ୍ରେରଣା ଅନୁଭବ କରି ପାରୁଛି ! ଅତି ସ୍ପଷ୍ଟ···ଅତି ଜୀବନ୍ତ ! ହଁ, ହଁ କଳା ଅଛି···କଳାକାର ଅଛି··· କିନ୍ତୁ କଳାଶ୍ରୀ·····?? କଳାକାରକୁ ଦେଲି ଅସୀମ କିନ୍ତୁ ପାଇଲି କ'ଣ ? ଜୀବନ ଭରି ଦେଇ ଯିବାହିଁ ତୁମର ସମ୍ବଳ ହୋଇଛନ୍ତି ମାତ୍ର । କଳାଶ୍ରୀ କ'ଣ କେବେହେଲେ ତା'ର କଳାକାର ପ୍ରତି ନିର୍ଦ୍ଦୟ ହୋଇ ପାରେ ? ସେ ତ' ସବୁବେଳେ କଳାକାରକୁ ପୂର୍ଣ୍ଣପ୍ରାଣରେ ସାହାଯ୍ୟ କରି ଆସିଛି । ଆଜି ତେବେ ଏତେ ପ୍ରତାରଣା କରନ୍ତା କିପରି ? ଏହି— ଦେଖୁନା···ଦେଖ—

ଉଦ୍‌ଭ୍ରାନ୍ତ ପରି ନାଚି ଉଠିଲା ମୃଣ୍ମୟ । ଉଚ୍ଚସ୍ୱରରେ ଡାକିଲା 'କଳାଶ୍ରୀ'·····!!

ପ୍ରତିଧ୍ୱନି ଦୂରରୁ ଦୂରକୁ ଭାସି ଭାସି ଯାଉଥିଲା— କିନ୍ତୁ କଳାଶ୍ରୀ ନ ଥିଲା——ଥିଲା କଳାଶ୍ରୀର ଅଙ୍କିତ ଚିତ୍ରପଟ·····

[୭ମ ବର୍ଷ ୩ୟ ସଂଖ୍ୟା 'ଝଙ୍କାର'ରେ ପ୍ରକାଶିତ]

Digitized by srujan ka@gmail.com

ସଂପାଦକ

ସଂଧ୍ୟା ନଇଁ ଆସିଛି—

ଆଦ୍ୟ ଆଷାଢ଼ର ମେଘମେଦୁର ଅକାଶରେ ବିଜୁଳି ଲକ୍ ଲକ୍ ହୋଇ ଖେଳି ଯାଉଛି—

ସୁଇଚ୍ ଟିପି ଆଲୋକ ଜଳେଇଲେ ଶ୍ରୀକାନ୍ତ—

ବିଦ୍ୟୁତ୍ ଆଲୋକର ଶୁଭ୍ରତାରେ ତାଙ୍କ ଦୃଷ୍ଟି ପଡ଼ିଲା ସେଲଫ ଉପରେ ରହିଥିବା ଗଦାଗଦା ପୁରୁଣା ମ୍ୟାଗାଜିନ ଗୁଡ଼ାକ ଉପରେ । ଦୀର୍ଘ ବାରବର୍ଷରେ ଅବିକ୍ରିତ କାଗଜ ଗୁଡ଼ିକ ସେମାନଙ୍କର ସଂସାର ଜମେଇ ବସିଛନ୍ତି । ତାଙ୍କ ସମ୍ପାଦନାରେ 'ସୌରଭ' ପତ୍ରିକା ଦୀର୍ଘ ବାରବର୍ଷ ହେଲା ଜନତା ମଧ୍ୟରେ ସୌରଭ ବିତରଣ କରି ଆସୁଛି—କିନ୍ତୁ ସର୍କୁଲେସନ ମାତ୍ର ଏକ ହଜାର । ସେଥିରୁ ବି ଅନେକ ବିକ୍ରି ନ ହୋଇ ଫେରିଆସି ଏଠାରେ ସେମାନଙ୍କର ସଂସାର ଜମେଇଛନ୍ତି । ସ୍ଥଗା ଖର୍ଚ୍ଚଟା ବି ଉଠେନା, ସତେ କ'ଣ ଏ ଦେଶରେ ସାହିତ୍ୟପ୍ରେମୀ ନାହାନ୍ତି !!!

ତଥାପି ସେ ଆଗେଇ ଚାଲିଛନ୍ତି—

ଆଜି ଅପି ପନ୍ଦର ହୋଇଗଲାଣି···ପନ୍ଦର ତାରିଖ ପୋଷ୍ଟିଙ୍ଗ୍ ଡେଟ୍, ନ ହେଲେ ବହୁତ ଡାକଖର୍ଚ୍ଚ ପଡ଼ିଯିବ । ତରତରରେ ପ୍ରାପ୍ତ ଲେଖାର ଫାଇଲ୍ ଖୋଲି ପଢେଇଲେ ।

Digitized by srujan ka@gmail.com

ବାହାରେ ବର୍ଷା ଝରୁଛି ଅବିଶ୍ରାନ୍ତ ଭାବରେ—ଝରକା ଦେଇ ଛିଟିକା ମାରୁଛି । ତା' ସହିତ କାଲୁଆ ଥଣ୍ଡା ପବନ ।

ଉଠିଯାଇ ସଶବ୍ଦରେ ଝରକାଟା ବନ୍ଦ କରି ଦେଇ ଟେବୁଲ ପାଖକୁ ଫେରି ଆସିଲେ । କବାଟଟା ବନ୍ଦ ଅଛି । ବେଶ୍ ଗରମ ଲାଗିଲା, ଖଣ୍ଡେ ସିଗାରେଟରେ ନିଆଁ ଲଗାଇ ପୁଣି ଫାଇଲରେ ମନ ଦେଲେ ଶ୍ରୀକାନ୍ତ—

ସୌରେନ୍ ଆଜି ଆସି ପାରିନି—

ସୌରେନ୍ ତାଙ୍କର ସହକାରୀ, ଏହି ଅଳ୍ପଦିନ ହେଲା ତାଙ୍କୁ ସାହାଯ୍ୟ କରିବା ପାଇଁ ନିଯୁକ୍ତ କରିଛନ୍ତି । ବେଶ୍ ସାହାଯ୍ୟ କରୁଛି ବିଚାରି । ବର୍ଷା ଯୋଗୁଁ ହୁଏତ ଆସି ପାରିନି—

"ନା—ଏଣିକି 'ନାରୀମହଲ', 'କିଶୋର କ୍ଲବ', 'ରାଶିଫଳ' ବିଭାଗ ଖୋଲିବା—" ଜିଦ୍ ଧରିଛି ସୌରେନ । ବିଚାରି ପିଲା-ଲୋକ—ପୁଣି କାମରେ ନୂଆ, ହୁଏତ ଗୋଟାଏ କୁଆଡୁ କ'ଣ ପଶିଯାଇଛି ମୁଣ୍ଡରେ । ତା'ର ଯୁକ୍ତି—"ସାହିତ୍ୟର ସାଧନା ସହିତ ପତ୍ରିକାର ପ୍ରସାର ମଧ୍ୟ ହେବ··· ।"

ଏହା କ'ଣ ପ୍ରକୃତରେ ସତ୍ୟ !!! ଏହା ଦ୍ୱାରା ସାହିତ୍ୟର ସାଧନା ସମ୍ଭବପର ତ !!!

—ଏହା ଦ୍ୱାରା ଦେଶରେ ସାହିତ୍ୟର ଉନ୍ନତି ହେଉନାହିଁ ଯେ ବରଂ ଅବନତି ଘଟୁଛି··· ···

—ଏହିପରି ପତ୍ରିକାସବୁ ବନ୍ଦ ହୋଇଗଲେ ଯାଇ ଦେଶରେ ସାହିତ୍ୟର ଉନ୍ନତି ସମ୍ଭବ······

—ଏ ତ ସାହିତ୍ୟର ସେବା ନୁହେଁ ବରଂ ସାହିତ୍ୟ ମୁଖାପିନ୍ଧି ବଜାରରେ ପଚାମାଛ ଓ ଶୁଖୁଆ ବିକ୍ରି·····

Digitized by srujan ka@gmail.com

ହୁଁ—ହୁଁ ! ନା—ସେପରି ଶସ୍ତା ଧରଣର ସାହିତ୍ୟ ପ୍ରଶ୍ରୟ ଲଭି ପାରିବେନି । ସେଥିପ୍ରତି ସେ ତୀକ୍ଷ୍ଣ ଦୃଷ୍ଟି ଦେବେ । ବାସ୍ତବିକ ସାହିତ୍ୟର ଉନ୍ନତି ଓ ଅଭିବୃଦ୍ଧି ନିମିତ୍ତ ବଳିଷ୍ଠ ସମ୍ପାଦନା ଆବଶ୍ୟକ—ଏ ଦିଗରେ ସମ୍ପାଦକମାନଙ୍କର ଦାୟିତ୍ୱ ଯଥେଷ୍ଟ ବେଶି—

ପୁଣି ଫାଇଲ୍ ରେ ମନ ଦେଲେ—

ବାହାରେ ଗଛପତ୍ର ସହିତ ବର୍ଷା ବିନ୍ଦୁପାତର ମୃଦୁ ସଙ୍ଘର୍ଷର ସୁ, ସୁ ଶବ୍ଦ ଶୁଣାଯାଉଛି—

ବହୁତ ନୂଆଏ ଲେଖା ମିଳୁଛି—ଦୁଇଶହରୁ ବେଶି···ଗୋଳ ଗଳ୍ପ ଆଉ କବିତା···ସମାଲୋଚନା ନାହିଁ କହିଲେ ଚଳେ···

ଯାହାହେଉ ଆଜିକାଲି ଅନେକ ଲେଖିଲେଣି । କିନ୍ତୁ ଯେତେବେଳେ କେବଳ କେତେଜଣ ମାତ୍ର କଲମ ଧରୁଥିଲେ, ସେତେବେଳେ ଯେଉଁ ସାହିତ୍ୟ ନୀରବ ଥିଲା ବର୍ତ୍ତମାନ ମଧ୍ୟ ଠିକ୍ ସେହିପରି ନୀରବ—ହଁ'ଣ ସତ୍ୟ ??? ନା—କେବଳ ଛପା ଅକ୍ଷରରେ ନିଜର ନାମ ଦେଖିବାକୁ ଆଜିକାଲି ଲେଖକମାନେ ଉଦ୍‌ଗ୍ରୀବ !!

ଯାହାହେଉ ଶୀଘ୍ର ଲେଖା ମନୋନୀତ କରିବାକୁ ହେବ । ଆଉ ଖୁବ୍ କମ ସମୟ ହାତରେ—

ଲେଖା ଗୁଡ଼ିକ ସବୁ ସାମୟିକ—ଆଦ୍ୟ ଆଷାଢ଼ର ଆକାଶରେ ଖଣ୍ଡ ଖଣ୍ଡ ନୂତନ ବାଦଲଶ୍ରେଣୀ ଭାସି ବୁଲୁଛି···କେଉଁଠିରେ ବା ପ୍ରେମିକ ଦୂର ପ୍ରବାସରୁ ପଳାଇ ଆସୁଛି ପ୍ରେମିକା ନିକଟକୁ, ଆଉ କେଉଁଠିରେ ବା ବଧୂଟି ପ୍ରେମିକା ବାତାୟନ ବାଟେ ପ୍ରେମିକର ଅୟନକୁ ଲୋତକଭରା ଚକ୍ଷୁରେ ଗୁହିଁ ରହିଛି···ବାଦଲ ହାତରେ

Digitized by srujan ka@gmail.com

ପଠାଉଛନ୍ତି କରୁଣ ସନ୍ଦେଶ···ପ୍ରେମିକ ପ୍ରେମିକା ଦେଖୁଛନ୍ତି ସେହି ଆଦମ ପ୍ରବୃତ୍ତିର ସ୍ୱପ୍ନ । ଖାଲି ସେହି ପ୍ରେମ ଆଉ ପ୍ରେମ– ସତେ କ'ଣ ଆଜିକାଲି ପ୍ରେମଟା ଏତେ ଶସ୍ତା ହୋଇଗଲାଣି !!! ସେହି ତ୍ରିଭୁଜ···ଚତୁର୍ଭୁଜାକାର ପ୍ରେମ—ଦୁଇଟି ଯୁବତୀ ଗୋଟିଏ ଯୁବକ, ଦୁଇଟି ଯୁବକ ଗୋଟିଏ ଯୁବତୀ, ଦୁଇଟି ଯୁବକ ଦୁଇଟି ଯୁବତୀ··· ବେଶ୍ ବସ୍ ପଲକରେ ପ୍ରେମର ଆରମ୍ଭ, ଠିକ ଅଦିନ ମେଘ ପରି, ତା'ପରେ ମିଳନ···ବିଚ୍ଛେଦ—ବିଚ୍ଛେଦ···ମିଳନ । ସିଲି—

ବିରକ୍ତ ହୋଇ ଉଠିଲେ ଶ୍ରୀକାନ୍ତ । ଏଇଥିରେ କୁଆଡେ ସାହିତ୍ୟର ଉନ୍ନତି ହେବ ! ସତେ ଯେପରି ପ୍ରେମ ବ୍ୟତୀତ ଲେଖିବା ପାଇଁ ଅନ୍ୟ କୌଣସି ଉପାଦାନ ନାହିଁ । ଖାଲି ସେହି ପ୍ରେମ ଅଷାଢ଼ର ପହିଲି ବାଦଲରେ ବିରହୀ ଯକ୍ଷ ବିରହିଣୀ ପ୍ରେମିକା ପାଖକୁ ଦେଇଥିଲେ ସନ୍ଦେଶ—ବିଶ୍ୱ କାଳିଦାସ ଲେଖିଥିଲେ । ସେ ତ ବହୁଦିନ ତଳର କଥା । ବେଶ୍—ସେହି ଗତାନୁଗତିକ ପନ୍ଥାର ଅନୁସରଣ । ଛିଃ—ଛିଃ—କରେ ବାବୁ, ଯୁଗ ସହିତ ପାଦ ମିଳାଇ ଚାଲ—

ପୁଣି ଲେଖା ଗୁଡ଼ିକ ଉପରେ ଦୃଷ୍ଟି ପକାଇ ଦେଲେ । ରୂଲଶା ଚଷମା ଦୁଇଟା ତଳୁ ଚକ୍ଷୁ ଦୁଇଟି ଅତି ସ୍ଥିର—

ଲୋକେ ଭାବିବେ—ସେ ଅଜ ବୃଦ୍ଧ···ଯୌବନର ନିଶା ଫିଟିଗଲାଣି । ହୁଏତ ସେଥିପାଇଁ ବିରକ୍ତ ହେଉଛନ୍ତି । କରେ ବାବୁ— ମଦ ଖାଇବ ବୋଲି ଦେହଠାରେ ବୋଲି ହେବ—!!!

ପୁଣି କାମରେ ମନ ଦେଲେ—

ଆଦ୍ୟ ଅଷାଢ଼ର ପ୍ରଥମ ଦିବସରେ ଖଣ୍ଡ ଖଣ୍ଡ ଭାସମାନ ବାଦଲ—କଲକାରଖାନାର ପ୍ରବାସୀ ବିରହୀ ଶ୍ରମିକ ସଂଦେଶ

Digitized by srujan ka@gmail.com

ପଠାଉଛନ୍ତି ପ୍ରେମିକା ନିକଟକୁ—ଦରଦଭରା ସନ୍ଦେଶ···ଦିନସାରା ହାଡ଼ଭଙ୍ଗା ଖଟଣୀରେ ଯାହା ମୂଲ ମିଳୁଛି ତା' ନିଅଣ୍ଟ···ସବୁବେଳେ ଅଭାବ ଅନାଟନ । ତା ସାଙ୍ଗକୁ ନାନା ପ୍ରକାର ରୋଗର ପ୍ରପୀଡ଼ନ··· ପେଟରେ ଭୋକ, ଆଉ ବେଜଁଥିରେ ବା ମିଲ୍ ମାଲିକର ଦୁର୍ବ୍ୟବହାର ପାଇଁ ଧର୍ମଘଟ ଆରମ୍ଭ ହୋଇଛି···ଛନସତ୍ରା ହେଲା କାରଖାନା ବନ୍ଦ···ଖାଇବାକୁ ପାଖରେ ପଇସାଟିଏ ନାହିଁ··· ଏହିପରି ଅନେକ··· । ଠିକ୍ ସେହିପରି ବିରହିଣୀ ପ୍ରେମିକା ଦୂର ପଲ୍ଲୀକୋଣରୁ ଆଖିରୁ ଲୁହ ଝରାଇ ଲେଖୁଛି—ଘରେ ଚୁଲି ନାହିଁ···ପିଲା ଛୁଆକୁ ଜରଗର୍ଦ୍ଦି···ଘର ଛପର ହୋଇ ପାରିନି··· ବୃଷ୍ଟି ଆଉ ବର୍ଷା ହେଉଛି···କାନ୍ଥ ପଡ଼ିପିବ, ଭାରି ଡର ଲାଗୁଛି— ଶୀଘ୍ର ଟଙ୍କା ପଠାଅ, ଇତ୍ୟାଦି ।

ପେଟରେ ଯେତେବେଳେ ଭୋକ ସେତେବେଳେ କାହିଁ ପ୍ରେମର ସ୍ଥାନ !!! ଲୁଟିପଳ ଚନ୍ଦ୍ରଟା ସେତିକିବେଳେ କଲେଇ ଛଡ଼ା ନିକେଲ ପାନ ପରି ମନେହୁଏ···

ଚମତ୍କାର—ଚମତ୍କାର ହୋଇଛି । ପଡ଼ର୍ଣ୍ଣ ଝଟ୍ ଅଛି । ଯାହାହେଉ ଲେଖକର ଯଥେଷ୍ଟ ଦୂରଦୃଷ୍ଟି ଅଛି—ଆଧୁନିକ ଯାନ୍ତ୍ରିକ ମାନବର ନିତ୍ୟ ସହଚର ଅଭାବ, ଅସୁବିଧା ଖୁବ୍ ସୁନ୍ଦର ଭାବରେ ଫୁଟି ପାରିଛି । ବାସ୍ତବିକ୍ ଏହିପରି ଲେଖା ଆବଶ୍ୟକ—

ପୁଣି ଥରେ ସିଗାରେଟରେ ନିଆଁ ଧରେଇଲେ ଶ୍ରୀକାନ୍ତ । ମାର୍କୋଭିଚ୍ ସିଗାରେଟର ନିକୋଟିନ୍‌ଟା ଏତେ ତୀବ୍ର ନୁହେଁ—ବେଶ୍ ଆରାମ ଦାୟକ । ମନଭରି ଦମଟାଏ ଟାଣିନେଲେ—

ଆଉ ଘରେ କମ୍ପୋଜର୍ ଶବ୍ଦ ଶୁଣାଯାଉଛି—

—କ'ଣ କରୁଛ ପ୍ରୁଫ୍ ଆସିନି ସାର୍ ?

Digitized by srujan ka@gmail.com

—ଅରେ ସୌରେନ ! ଏ ବର୍ଷାରେ ବାହୁଁକ ଅସିଲ,
ମୁଁ ତ କେବେହେଲେ ଏ ଅସମୟରେ ତୁମକୁ ଆଶା କରି ନଥିଲି ।
ଆସ—ଧନ୍ୟବାଦ—

—ସାର୍ ! ଏ ସଂଖ୍ୟାରୁ ଅନ୍ତତଃ ନାରୀ ଲେଖିକାମାନଙ୍କୁ
ଉତ୍ସାହ ଦେବାକୁ 'ନାରୀ ମହଲଟା' ଖୋଲିବା, ଅନ୍ତତଃ ଗୋଟାଏ
ଟ୍ରାଏଲ୍ ତ...

—କିନ୍ତୁ କ୍ଷମାକର ସୌରେନ୍ ! ସେ ବ୍ୟବସାୟ ମନୋବୃତ୍ତି
ନେଇ ମୁଁ କଦାପି ସାହିତ୍ୟର ସେବା କରି ପାରିବନି ।

ସୌରେନ୍ ନିର୍‌ବାକ ହୋଇ ନିଜ କାର୍ଯ୍ୟରେ ମନ ଦେଲା—

ଶ୍ରୀକାନ୍ତ ଭାବୁଥିଲେ—ହୁଏତ ସୌରେନ୍ ଭାବୁଥିବ ଯେ ସେ
ଆଜି ବୃଦ୍ଧ ହୋଇଯାଇଛନ୍ତି, ଅଗାମୀ ଯୁଗର ନାରୀଜାତି ପ୍ରତି
ତାଙ୍କର ଆଦୌ ସହାନୁଭୂତି ନାହିଁ । ସେ ନାରୀ ପ୍ରଗତି ଇଚ୍ଛା
କରନ୍ତି ନାହିଁ । କିନ୍ତୁ ସେସବୁ ଭୁଲ୍ । ବରଂ ସେ ତ ଗୃହାନ୍ତ
ସାହିତ୍ୟ ସାଧନା । କିନ୍ତୁ ଏହାଦ୍ୱାରା ପ୍ରକୃତରେ ସାହିତ୍ୟ ସାଧନା
ହୁଏ କି !!!

ପତ୍ରିକା ପ୍ରକାଶ ପାଇଲା—କେତେଗୁଡ଼ିଏ ଯୁଗୋପଯୋଗୀ
ଗଳ୍ପ, କବିତା ଓ ମୂଲ୍ୟବାନ ସନ୍ଦର୍ଭକୁ ନେଇ ସମୃଦ୍ଧ ହୋଇ ପ୍ରକାଶ
ପାଇଲା 'ସୌରଭ' । କିନ୍ତୁ ଏ କ'ଣ ? ୯ ମାସରେ ବିକ୍ରି ଅନୁକ୍ରି
କମି ଯାଇଛି—ବଜାର ବହୁତ ମାନ୍ଦା, ଅନେକ ପତ୍ରିକା ବିକ୍ରି ନ
ହୋଇ ଫେରି ଆସିଲା । ଛପା ଖର୍ଚ୍ଚଟା ବି ଉଠି ପାରିନି...

—ସାର୍ ଏଥର ମାସଠାରୁ 'ନାରୀ ମହଲ', 'କିଶୋର କ୍ଲବ',
'ରାଶିଫଳ' ବିଭାଗ ଖୋଲିବା, ତା' ନହେଲେ ପତ୍ରିକା ବନ୍ଦ
ହୋଇଯିବ । ଦେଖନ୍ତୁ—'ବିକାଶ' ପତ୍ରିକା ଏହି ସମସ୍ତ ବିଭାଗ

Digitized by srujan ka@gmail.com

ଖୋଲି ପାରନ୍ତି—ମାତ୍ର ଗୋଟିଏ ବର୍ଷ ମଧ୍ୟରେ ସର୍କୁଲେସନ୍ ଛଅ ହଜାର—

କିନ୍ତୁ ସେ ସମସ୍ତ କରି ପାରିବନି ସୌରେନ୍ ! ମୋତେ ସେଥିପାଇଁ କ୍ଷମାକର ! ପଣ୍ୟ ଦ୍ରବ୍ୟ ପରି ବଜାରରେ ସାହିତ୍ୟକୁ ବିକି କରିବାର ଦୁଃସାହାସ ମୋର ନାହିଁ । ବରଂ କେହି ନ କିଣନ୍ତୁ । କିନ୍ତୁ ମୁଁ ମୋର ଆଦର୍ଶକୁ ବଳି ଦେଇ ପାରିବି ନାହିଁ । ତେଣୁ ପତ୍ରିକା ବିକି ହେଉଥିବା ପର୍ଯ୍ୟନ୍ତ ପ୍ରକାଶ କରିବାର ସାହସ ମୋର ଅଛି—

ଅନ୍ତତଃ ପତ୍ରିକାଟା ବଞ୍ଚିବାକୁ ଦିଅନ୍ତୁ ସାର୍ ! କମ୍ପୋଜିଟରମାନେ ଟଙ୍କା ନ ପାଇଥିବାରୁ ଆଜି କାମକୁ ଆସିବାକୁ ମନାକରି ଦେଇଛନ୍ତି···ମେସିନ୍‌ମ୍ୟାନ ମଧ୍ୟ । କାଗଜ ଖରିଦ ପାଇଁ ଟଙ୍କା ନାହିଁ । ଏ ମାସରେ ବଜାରରେ ସେଲ୍ କିଛି ନୁହେଁ କହିଲେ ଚଳେ । କଷ୍ଟିପଥର ପତ୍ରିକା ବନ୍ଦ ହୋଇଯିବ··

ବନ୍ଦ ହୋଇଯିବ ! ଚମକି ପଡ଼ିଲେ ଶ୍ରୀକାନ୍ତ । ସତେ ତ—ତିନିମାସ ଧରି କମ୍ପୋଜିଟର ଓ ମେସିନ୍‌ମ୍ୟାନ ପ୍ରଭୃତି ଦରମା ପାଇ ନାହାନ୍ତି । ତଥାପି ତାଙ୍କୁ ଯଥେଷ୍ଟ ସାହାଯ୍ୟ କରିଛନ୍ତି । ଆଉ ବା କେତେଦିନ ପାରନ୍ତେ ! ନା—ଯେଉଁ ପତ୍ରିକାକୁ ଯେ ଦୀର୍ଘ ବାର ବର୍ଷ ଧରି ରୂପଦେଇ ଆସିଛନ୍ତି ଆଜି ତାକୁ ନିଜେ ହତ୍ୟାକରି ପାରିବେନି—ସୌରଭ ସୌରଭରେ ଚତୁର୍ଦ୍ଦିଗକୁ ବିମୋହିତ କରିବା ପୂର୍ବରୁ ଯେ ସେହି କଳିକାରୁ ତାର ବିନାଶ ହୋଇଯାଇଛି ଏହା ଶୁଣିବାକୁ ସେ ଆଦୌ ପ୍ରସ୍ତୁତ ନୁହନ୍ତି । ନା—ନା, କଷ୍ଟିପଥ ସୌରଭ ପ୍ରକାଶ ପାଇବ । ତାକୁ ବନ୍ଦ ହେବାକୁ ସେ କେବେହେଲେ ଦେବେନି—

Digitized by srujan ka@gmail.com

—ଯାଅ ସୌରେନ୍ ! ସମସ୍ତଙ୍କୁ ଅନୁରୋଧ କର—ଏଇଟା ମୋର ଅନୁରୋଧ—ଆଉ ଗୋଟାଏ ମାସ ସେମାନେ ମୋତେ ସାହାଯ୍ୟ କରନ୍ତୁ ।

ଶ୍ରୀକାନ୍ତ ଅନେକ କଥା ଭାବି ଯାଉଥିଲେ—

କେହି ଯଦି ତାଙ୍କୁ ଏଥିନିମିତ୍ତ ଦୋଷୀ ସାବ୍ୟସ୍ତ କରେ ତେବେ ସେ ଜ୍ୱଳନ୍ତ ଦୃଷ୍ଟାନ୍ତ ଦେଇ ଦେଖାଇ ଦେବେ ଯେ ଏଥିପାଇଁ କେବଳ ସଂପାଦକ ଦାୟୀ ନୁହନ୍ତି । ବରଂ ଗୋଟାଏ ପତ୍ରିକା ସାହିତ୍ୟ ସାଧନାର ଲକ୍ଷ୍ୟ ନେଇ ବଞ୍ଚି ରହିବା ପାଇଁ ଜନତା ଇଚ୍ଛା କରନ୍ତି—କେବଳ ପତ୍ରିକା ନିଜେ ବଞ୍ଚି ରହିବା ପାଇଁ ପାଠକ ଯାହା ଚାହେଁ—ତାହା ପରିବେଷଣ କରିବ—

× × × ×

ସୌରଭ ପ୍ରକାଶ ପାଉଛି—

ପ୍ରକୋଷ୍ଠର ଦୋଳାୟମାନ, ଆଲୋକ ତଳେ ବସି ରହିଥିଲେ ଶ୍ରୀକାନ୍ତ ଆଉ ସୌରେନ୍—

ବେଶ ସୁନ୍ଦର ହୋଇ ପାରିଛି । 'ସୌରଭ'—ସୁନ୍ଦର ରଂଗିନ୍ ପାଖୁଡ଼ା ଗୁଡ଼ିଏ । ନାରୀ ଲେଖିକାଙ୍କୁ ଉତ୍ସାହ ଦେବାକୁ ସୃଷ୍ଟି କରିଛି 'ନାରୀ ମହଲ' । କିଶୋର ଲେଖକଙ୍କୁ ଗଢିବାକୁ ଖୋଲିଛି 'କିଶୋର କ୍ଲବ୍' ଆଉ ଏହି ଭାଗ୍ୟବାଦୀ ଜନତା ପାଇଁ ରାଶିଫଳ । ବେଶ୍ ବଦଳ ପକେଇ ଦେଇଛି । ସର୍କୁଲେସନ ହୁ, ହୁ ବଢି ଚାଲିଛି—

ଦୁଇ ହଜାର !

ଚାରି ହଜାର !!

ଆଠ ହଜାର !!

ଦଶ ହଜାର !!

ସୌରେନ୍ ହସି ହସି କହିଲା—"ଦେଖିଲେ ସାର୍ ! ଆଜି ଆମର ପତ୍ରିକା କେତେ ଲୋକପ୍ରିୟ ହୋଇ ପାରିଛି । ଅସମ୍ଭବ ଧରଣର ସେଲ୍ । ପତ୍ରିକା ଯୋଗାଇ ପାରିବା ଅସମ୍ଭବ ହୋଇ ପଡୁଛି—

Digitized by srujan ka@gmail.com

ଶ୍ରୀକାନ୍ତ ହସିଲେ—ଗୋଟିଏ ଶୁଷ୍କ ହସ । ଅତି ଧୀର ଭାବରେ କହିଲେ—"ହିଁ, ସେତେବେଳେ ତ ସାହିତ୍ୟର ସେବା···"

"କିନ୍ତୁ ଏହା ଦ୍ୱାରା ପ୍ରକୃତରେ ସାହିତ୍ୟର ସେବା ହୋଇ ପାରୁନି ସାର୍ । ବରଂ ଅବନତି ଘଟୁଛି । କେବଳ ସାହିତ୍ୟ ପୋଷାକ ତଳେ ବ୍ୟବସାୟ—ଆଉ ସାହିତ୍ୟର ହତ୍ୟା"—ଅତି ଗମ୍ଭୀର ଗଳାରେ କହିଲ ସୌରେନ୍ ।

"କିନ୍ତୁ ତୁମେ ତ କହୁଥିଲ ସୌରେନ୍ ଏହା ଦ୍ୱାରା ସାହିତ୍ୟର ଉନ୍ନତି ହୁଏ ବୋଲି ?"—ଅତି ଚଞ୍ଚଳ ହୋଇ ଉଠିଲେ ଶ୍ରୀକାନ୍ତ ।

"କେବଳ ପତ୍ରିକା ବଞ୍ଚି ରହିବା ପାଇଁ ସାର୍ ! ଏ ଯେଉଁ 'ନାରୀ ମହଲ' ଏଥିରେ ତ ସମସ୍ତେ ନାରୀ ଲେଖିକା ନୁହନ୍ତି ବରଂ ସମ୍ପାଦକମାନଙ୍କୁ ଠକିବାକୁ ଅନେକ ନୂତନ ଲେଖକ ମଧ୍ୟ ଲେଖିକା ସାଜନ୍ତି କେବଳ ନିଜର ଲେଖାଟିକୁ ଛପା ଅକ୍ଷରରେ ଦେଖିବାକୁ, ଆଉ ସହଜରେ ନିଜର ନାମକୁ ଛପା ଅକ୍ଷରରେ ଦେଖିବାକୁ ବୃଦ୍ଧମାନେ 'କିଶୋର' ସାଜନ୍ତି । 'ରାଶିଫଳ' ତ ସହଜରେ ଭାଗ୍ୟବାଦୀ ମନୁଷ୍ୟର ଅନ୍ଧ ବିଶ୍ୱାସ । ସାମାନ୍ୟ ହସିଲେ ସୌରେନ୍ ।"

"ତୁମେ ଏ ସବୁ କିପରି ଜାଣିଲେ ସୌରେନ୍ ?"

"କେବଳ ଜଣେ ଅଭିଜ୍ଞ ଓ ଭୁକ୍ତଭୋଗୀ ଭାବରେ—"

"ଏଁ···"—ବିସ୍ଫାରିତ ନୟନରେ ଚାହିଁ ରହିଥିଲେ ଶ୍ରୀକାନ୍ତ ।

କୁମାରୀମାନଙ୍କ ମଧ୍ୟରେ କୁମାରମାନଙ୍କର ଆତ୍ମଗୋପନ !!!

ବାହାରେ ହକର୍‌ଟା ଚିତ୍କାର କରି ଚାଲି ଯାଉଥାଏ, "ଲୋକପ୍ରିୟ ପତ୍ରିକା ସୌରଭ— ମାସିକ ରାଶିଫଳ···"

ଦୋଦୁଲ୍ୟମାନ ଆଲୋକରେ କୋଠରୀଟି ଅସ୍ଥିର ହୋଇ ଉଠୁଥିଲା—

Digitized by srujan ka@gmail.com

ନୀଳ ତରଙ୍ଗର ସ୍ୱର

ମାଟିର ଗନ୍ଧ ଆସୁଛି । ଆର୍ଦ୍ର ମାଟିର ଗନ୍ଧ ପାତଳା ହୋଇ ଖେଳି ବୁଲୁଛି ବାୟୁତରଙ୍ଗର ପ୍ରତିଟି ନୃତ୍ୟଶୀଳ ଅଙ୍ଗନରେ ଅଦୃଶ୍ୟରେ । ବାସ୍ତବିକ୍ ଭାରି ଭଲ ଲାଗେ ମାଟିର ଏଇ ଗନ୍ଧ । ପହିଲି ବର୍ଷାର ଟିପି ଟିପି କଅଁଳ ପରଶ ଝାଉଁଳା ଧୂସର ସ୍ତରେ ସ୍ତରେ ଭରି ଦେଉଛି ଶ୍ରୀ ସହ୍ୱତ ଅଭୂତପୂର୍ବ ଉନ୍ମାଦନା···ଉଚ୍ଛ୍ୱାସ—
'ଆଷାଢ଼ସ୍ୟ ପ୍ରଥମ ଦିବସେ···'

ବର୍ଷା ଝରୁଛି ବୃକ୍ଷଲତା ଗହଳର ଗୋପନ ଗୁଡ଼ରେ ଅସ୍ପଷ୍ଟ ରାଗିଣୀ ତୋଳି, ମୂର୍ଚ୍ଛନା ଦେଇ ପୃଥିବୀ ବକ୍ଷରେ ଖେଳିଯାଉଛି ଅପେ ଆପେ ପ୍ରତ୍ୟେକଙ୍କଠାରେ ସ୍ପନ୍ଦନ ତୋଳି—ମୂକ ପାଷାଣକୁ ଜାଗ୍ରତ କରି, ଶୁଷ୍କ ମରୁରେ ଖେଳି ଯାଉଛି ଶ୍ୟାମଳିମାର ତରଙ୍ଗ, ପୁଷ୍ପ ସ୍ତବକଙ୍କୁ ନେଇ ହସି ହସି ଉଠୁଛି ବ୍ରୀଡାବତୀ ପୁଷ୍ପିତା ଲତା, ଶୁଷ୍କ ନଦୀର ଛାତି ଉପରେ ନାଚି ନାଚି ଉଠୁଛି ଅସଂଖ୍ୟ ନୀଳତରଙ୍ଗ । କିନ୍ତୁ ଏ କି ସୃଜନର ମୂର୍ଚ୍ଛନା···? ? ?

ଭଲଲାଗେ ଅଷାଢ଼ର ଏଇ କଳାମେଘୁ ସଂଧ୍ୟା । ଶେଷ ଗୋଧୂଳିର ଅବନୀଳିମା ଆକାଶ, ତା' ତଳେ ନୀଳ ପାହାଡ଼ର କୁଣ୍ଠିତ ଆବେଗଭରା ଭଙ୍ଗୀ, ସାନୁଦେଶରେ ଲମ୍ବି କଳା କଳା ଭାରାକ୍ରାନ୍ତ ବାଦଲର ଆବେଦନଶୀଳ ଅଭିଯୋଗ— ଭାରି ଚମତ୍କାର···

Digitized by srujan ka@gmail.com

କିନ୍ତୁ ଏ ସମ୍ପତ୍ତି କି ଉପଭୋଗ କରିପାରେ ସୁଶାନ୍ତ ? ଅସମ୍ଭବ, ଏ ସମ୍ପତ୍ତି ଉପଭୋଗ କରିବାର ସ୍ପୃହା ତା'ର ହଜି ଯାଇଛି ଅନେକଦିନ ତଳୁ । ଉଦ୍ଭିଦବିଦ୍ୟା ଅଧ୍ୟାପକ ସୁଶାନ୍ତ ତା'ର ଲେବୋରେଟରୀ ବ୍ୟତୀତ ଅନ୍ୟକିଛି ଚିହ୍ନିନି—ଚିହ୍ନିବାର ଆବଶ୍ୟକତା ମନେକରିନି ମଧ୍ୟ । ଲେବୋରେଟରୀର ସ୍ୱାର୍ଥପୂର୍ଣ୍ଣ ନିମନ୍ତ୍ରଣକୁ ଅବହେଳା କରିବା ତା' ଶକ୍ତିର ସଂପୂର୍ଣ୍ଣ ବାହାରେ ।

ଅଭିମାନ କରେ ସୁରଭି । ସୁଶାନ୍ତର ଏପରି ବ୍ୟବହାରରେ ସେ ଦୁଃଖୀ ହୁଏ । ବୀଣା-ନିନ୍ଦିତ କଣ୍ଠରେ ଅଭିମାନର ଗାମ୍ଭୀର୍ଯ୍ୟ ତୋଳି ସେ ବାରମ୍ବାର ନିମନ୍ତ୍ରଣ କରେ ସୁଶାନ୍ତକୁ ନିଭୃତ ପ୍ରକୋଷ୍ଠକୁ ଆଖିର ଇସାରା, ଓଠର ଅସରା, ଛାତିର ପସରା ନେଇ, କି ଆବେଦନ-ମୟ ଏ ସଂବେଦନଶୀଳା ସଂଧ୍ୟା !!! ଧରାଦିଏ ତତ୍ତ୍ୱବିତ୍ ସୁଶାନ୍ତ ଗୋଟିଏ ତାତ୍ତ୍ୱିକ ହସର ପ୍ରତି ନିମନ୍ତ୍ରଣରେ । ହସି ହସି ଅଭିମାନିନୀ ସୁରଭିକୁ ନିଜର ବାହୁବନ୍ଧନରେ ଆବଦ୍ଧ କରି ବିହ୍ୱଳ କରେ । ଅଭିମାନର ପରଦା ଅପସରି ଯାଏ ଧୀରେ ଧୀରେ ଆସେ ଖୁବ୍ ସ୍ନିଗ୍ଧ ଶୀତଳଗତିରେ । ସୁନ୍ଦର, ଖୁବ୍— ସୁନ୍ଦର ତୁମେ ସୁରଭି ! ଫୁଟନ୍ତା ଗୋଲାପ, ଭସନ୍ତା ଶତଦଳ, ହସନ୍ତା ଚନ୍ଦ୍ରଠାରୁ ଅଧିକ ନିବିଡ଼ତମ ବି……

କିନ୍ତୁ ସେହି ସୁଶାନ୍ତ !! ଅବିଶ୍ୱାସୀ ପ୍ରତାରକ ସୁଶାନ୍ତକୁ ସେ କେବେହେଲେ ଆଉ ବିଶ୍ୱାସ କରି ପାରିବ ନାହିଁ । ଆଶା ଦିଏ— କେତେ ସୁନେଲି ହୃଦୟରେ ଆଶା—ମାତ୍ର କ୍ଷଣକ ପାଇଁ । ଛିଃ-ଛିଃ- ତାହାହେଲେ କିଏ ଅନୁରୋଧ କରିଥିଲା ତାର ଏହି ନିଷ୍ଫଳ ବନ୍ଧନର ଅସାମ୍ୟ ସ୍ପୃହା ପାଇଁ ତା'ର ଏହି ଚରମ ହତାଶା ପାଇଁ ??

Digitized by srujan ka@gmail.com

ଉଦ୍ଭିଦ ବିଦ୍ୟା ଅଧ୍ୟାପକ ସୁଶାନ୍ତ ଭବିଷ୍ୟତର ସୁନେଲି ଆଶା, ରଙ୍ଗୀନ କଳ୍ପନା, ପଦୋନ୍ନତିର ମଞ୍ଜୁଳ ସ୍ୱପ୍ନ ଦେଖି ଦେଖି ସେ ଆଜି ଗବେଷକ । ସୁଦୂର ଦକ୍ଷିଣର ନିଭୃତ ଲବୋରେଟୋରୀରେ ଆଜି ହୁଏତ ବସି ରହୁଥିବ ଗୁରୁ ଭାବାବିଷ୍ଟ ହୋଇ··· ମୁଣ୍ଡ ଉପରେ ବିଦ୍ୟୁତ୍ ଆଲୋକ ଝର ଝର ପଡୁଥିବ ଅବିଶ୍ରାନ୍ତ ଗତିରେ··· ଆଗ ଟେବୁଲ୍ ଉପରେ ଥୁଆ ହୋଇଥିବ ଏଇ ବର୍ଷାମୁଖର ଆଷାଢ଼ର ନବପଲ୍ଲବିତ ବୃକ୍ଷର କେତୋଟି ଛିନ୍ନ ଶାଖା ବା କେତୋଟି ସଦ୍ୟରୋପିତ ବୃକ୍ଷ, କିନ୍ତୁ ତା' କୋମଳତା ମଧ୍ୟ ଦେଇ ସେ ଦେଖୁନଥିବ ସୁରଭିର ନିଟୋଳ ଯୌବନଭରା ଗୋଲାପି ରୂପଶ୍ରୀର ସ୍ୱପ୍ନ । ବରଂ କୋମଳତାରେ ନିଷ୍ଠୁର କଠିନ ପରୀକ୍ଷା ଦେଇ ନୂତନ ଧାନଶସ୍ୟର ସ୍ୱପ୍ନରେ ଶିହରି ଉଠୁଥିବ ·····ପରପରାଗ ବପନ ପ୍ରକ୍ରିୟା···

ଛିଃ-ଛିଃ- କି ପାଷାଣ । କି ସ୍ୱାର୍ଥପର କି ଅପ୍ରାକୃତ ଏହି ସୁଶାନ୍ତର ସୃଷ୍ଟି·····!! ଏଇ ସେଦିନ ଆସିଥିଲା·ସୁଶାନ୍ତ । ସୁରଭି ତାକୁ ବରବର ଲକ୍ଷ୍ୟ କରିଛି, କିନ୍ତୁ ଏହି ଅଳ୍ପ ସମୟର ବ୍ୟବଧାନ ମଧ୍ୟରେ ସୁଶାନ୍ତ କିପରି ଏକ ଅଦ୍ଭୁତ ଧରଣର ଷିଜନ୍ ପାଲଟି ଗଲାଣି । ତା' ଭାଷା, ଭାବଭଙ୍ଗୀରେ ପୂର୍ବର ସରସତା ଆଉ ଆବିଷ୍କାର କରି ପାରିନି ସୁରଭି, ପ୍ରତ୍ୟେକ କଥା, ପ୍ରତ୍ୟେକ ବିଷୟରେ ସେହି ଗୋଟିଏ କଥା—ଉଦ୍ଭିଦ ଜୀବନର ବୈଚିତ୍ର୍ୟ ଆଲୋଚନା···

ଠିକ୍ ତା'ର ମନେ ପଡ଼େ—ସେଦିନର ମଧ୍ୟାହ୍ନଟା ସରସ ଓ ଉପଭୋଗ କରିବା ପାଇଁ ଚେଷ୍ଟା କରିଥିଲା ସୁରଭି । ଦୀର୍ଘ ସମୟର ବ୍ୟବଧାନ ପରେ ଏପରି ସରସତା ଓ ଉପଭୋଗରେ ଯଥେଷ୍ଟ 'ଜୀବନ ଅଛି । ହୃଦୟର ନିମନ୍ତ୍ରଣ କରିଥିଲା ତାକୁ, କିନ୍ତୁ ଫଳହେଲା

Digitized by srujan ka@gmail.com

ଭଳିପ୍ରଚାର । ଦୀର୍ଘ ଦୁଇ ଘଣ୍ଟା ଧରି ତାଙ୍କ ବକ୍ତୃତାର ଅବାରିତ ସ୍ରୋତ ମଧ୍ୟରେ ନିଜକୁ ରକ୍ଷା କରିବା ଅସମ୍ଭବ ମନେକଲା ସୁରଭି, ଇସ୍ କି ଶୁଷ୍କ ! ସଫୋକେଶନ୍ ଅନୁଭବ କଲା······

ତା'ପରେ ଦୀର୍ଘ ଦୁଇ ବର୍ଷ ବିତିଗଲାଣି । କେତେ ଆଶାଦେଇ ଯାଇଥିଲା ସେ । ସେ ଦିନଟା ପୁଣିଥରେ ଫେରି ଆସିଲାଣି, ପୃଥିବୀ ତା'ର କକ୍ଷର ଚତୁଃପାର୍ଶ୍ୱରେ ଥରେ ଘୂରି ଆସିବା ପରି; କିନ୍ତୁ ସୁଶାନ୍ତ ଆଉ ଫେରିନି, ଦୁଇ ତିନି ଖଣ୍ଡ ଚିଠି ଦେଇଛି ମାତ୍ର । ତା ପୁଣି ସ୍ୱଇଚ୍ଛାରେ ନୁହେଁ, ନୀରବତାରେ ବ୍ୟସ୍ତ ହୋଇ ଅନେକଥର ଚିଠି ଲେଖିଛି ସୁରଭି । ସୁଶାନ୍ତର ଖଣ୍ଡେ ଚିଠି ପାଇବା ପାଇଁ ସେ କେତେ ଆଶା, କେତେ ଆବେଗ ନେଇ ଚାହିଁ ରହିଛି । ହୁଏତ ସେହି ଗୁରୁତ୍ୱପର ପ୍ରତିକ୍ରିୟାରେ ସୁଶାନ୍ତ ଚିଠି ଲେଖେ । କିନ୍ତୁ ସେ ଚିଠିରେ କୌଣସି ନୂତନତ୍ୱ ଆବିଷ୍କାର କରିପାରେନା ସୁରଭି । ସୁଶାନ୍ତ ନିକଟରେ ତାର ଯଥେଷ୍ଟ ମୂଲ୍ୟ ଥାଇପାରେ । କିନ୍ତୁ ସୁରଭି ନିକଟରେ ସମ୍ପୂର୍ଣ୍ଣ ମୂଲ୍ୟହୀନ । ପଢିବା ଧୈର୍ଯ୍ୟ ସଂଗ୍ରହ କରି ପାରେନା । ଉଃ କି ନୀରସ, ଶୁଷ୍କ······ !!

ନିସ୍ଦିନ କେତେ ଆଶା, କେତେ ଆକାଂକ୍ଷା ଛାତି ଭିତରେ ଭରି ଚାହିଁ ରହିଥିଲା ସୁରଭି, ସୁଶାନ୍ତ ଆସିବ—ନିଶ୍ଚୟ ଆସିବ । ଏପରି ଦିନରେ ସୁଶାନ୍ତ କ'ଣ କେବେହେଲେ ତାଙ୍କୁ ଉପେକ୍ଷା କରିପାରେ ? ଅସମ୍ଭବ । ରଜପର୍ବର ସେହି ଦିନକେଇଟା କୁଆଡେ ଗୁଳିଗଲା ଦୋଷୀ ଫଉଜର ମାର୍ଚ୍ଚିଙ୍ଗ ଅର୍ଡର୍ ପରି । ମାତ୍ର ସୁଶାନ୍ତ ଆସିନି···

ସୁଶାନ୍ତ ଅଜ ଖଣ୍ଡେ ଚିଠି ଲେଖିଛି । ଅନ୍ତତ ଯଥେଷ୍ଟ ଦୀର୍ଘ । ଛୋଟ ପୁସ୍ତକର ପାଣ୍ଡୁଲିପି କହିଲେ କିଛି ଭୁଲ୍ ହେବନି ।······ମୁଁ

Digitized by srujan ka@gmail.com

ଉଦ୍ଭିଦ ବିଦ୍ୟାରେ ଡକ୍ଟରେଟ୍ ପାଇଛନ୍ତି । ଶୁଣି ତୁମେ ନିଶ୍ଚୟ ଖୁସି ହେବ ସୁରଭି ! ଏ ବିଷୟରେ ସୂଚନା ଆଗରୁ ଅନେକ ଥର ଦେଇଛନ୍ତି । ତଥାପି ଆଜି ଏକ ସଂକ୍ଷିପ୍ତ ସୂଚନା ଦିଏ । ତୁମ ଜାଣିବାରେ ବିଳମ୍ବ ହୁଏତ ତୁମ ପ୍ରତି ମୋର ଗୋଟାଏ ବିରାଟ ଅବିଚାର ହୋଇ-ପାରେ । ପର ପତ୍ରଗ··· × ··· ··· ··· ଆଉ ପଢି ପାରିଲାନି ସୁରଭି । ଏ ଦୀର୍ଘ ଭୂମିକା ଓ ଶୁଷ୍କ ଥିସିସ୍ ପଢିବାର ଧୈର୍ଯ୍ୟ ତା'ର ଆଦୌ ନ ଥିଲା

ଚିଠି ଖଣ୍ଡିକ ଟିକି ଟିକି କରି ଚିରି ଦେଇ ଫିଙ୍ଗିଦେଲା ବାହାରକୁ—ନା କୌଣସି ଆବଶ୍ୟକ ନାହିଁ ସେ ଚିଠିରେ । ସ୍ୱାର୍ଥପର ସୁଶାନ୍ତ ! ଆଜି ଯଦି ସେ ତାଙ୍କୁ ନିକଟରେ ପାଆନ୍ତା ତେବେ ଜୋର ଦେଇ କହନ୍ତା—ତୁମର ଏ ଡକ୍ଟରେଟ୍ ପାଇବା ସଂପୂର୍ଣ୍ଣ ମୂଲ୍ୟହୀନ ସୁଶାନ୍ତ ! ଯେଉଁଠି ଗୋଟିଏ ହୃଦୟକୁ ବୁଝିବାର ତୁମର ଶକ୍ତି ନାହିଁ, ସେଠାରେ ଅନନ୍ତ ବିସ୍ତୃତ ପ୍ରକୃତିର ବୈଭବକୁ ଉନ୍ମୁଖୀ କରିବାର ଶକ୍ତି ଆସିଲା କୁଆଡୁ···? ? ?

ତାର ଠିକ୍ ମନେଅଛି ଏବେ ବି—ସୁଶାନ୍ତ ତାକୁ ଯେଉଁ ଦିନ ଛାଡ଼ି ପ୍ରଥମ ଥର ପାଇଁ ଦିଲ୍ଲୀ ଯାତ୍ରା କଲା, ସେଦିନ କି ଦୁଃଖିତ ନହୋଇଥିଲା ସେ । ବାସ୍ତବିକ ପ୍ରତି ଦିନେ ଦୁଇଦିନ ଅନ୍ତରରେ ସେ ସୁଶାନ୍ତଠାରୁ ଚିଠି ପାଉଥିଲା ବରାବର । କି ସରସ, କି ସୁନ୍ଦର, ସେ ଚିଠି ଗୁଡ଼ିକ···! ! !

× × × ଆମ ଲାବେରେଟରୀ ଆଗରେ କେତେ ଜାତିର ରଙ୍ଗୀନ ଗଛ ଓ ଫୁଲ । ଚାରିଆଡେ କାର୍ପେଟ୍ ଘାସର ସବୁଜ ଗାଲିଚା । ଭାରି ସୁନ୍ଦର—ଭାରି ସୁନ୍ଦର ସୁରଭି । ଠିକ୍ ତା' ପାଖକୁ ଲାଗି ବଟାନିକାଲ୍ ଗାର୍ଡେନ୍‌ଟା, ସେଥିରେ ବି ଅସଂଖ୍ୟ ଫୁଟନ୍ତା ଫୁଲ,

Digitized by srujan ka@gmail.com

ରଙ୍ଗର ଇନ୍ଦ୍ରଧନୁ ସୃଷ୍ଟି କରୁଛି । ମୁଁ ମୋ ଟେବୁଲ ପାଖରେ ବସି କାର୍ଯ୍ୟବ୍ୟସ୍ତ ରହିବାରେ ଚେଷ୍ଟା କରୁଛି ଖୁବ୍ । କିନ୍ତୁ ପାରୁନି, କାଲି ବର୍ଷାର ମୃଦୁ ଶୀତଳ ସିଞ୍ଚନ ସେହି ସୁରଭି ବୁଢ଼ୀଙ୍କ ବୋହୂଅଣି ମନଟାକୁ ମୋର କପର ଚହଲେଇ ଦେଉଛି, ତୁମର ସ୍ମୃତିଟା ଥରକୁ ଥର ମନ ଭିତରକୁ ଆଣି । ତୁମେ ଯଦି ପାଖରେ ଥାନ୍ତ ସୁରଭି ! ଅଃ କି ଆନନ୍ଦରେ ସମୟଟା ବିତି ଯାଉଥାନ୍ତା ! ଏଇ ସେଇ ଯେଉଁ ନାସ୍ତି ମୂର୍ତ୍ତିଟା ଲସ୍ୟମୟୀ ଭଙ୍ଗୀରେ ଘୁରି ଘୁରି ବୃତ୍ତ ପରମିତ ସ୍ଥାନରେ ବିନ୍ଦୁ ବିନ୍ଦୁ ଜଳସେଚନ କରୁଛି—ଠିକ୍ ତାର ତଳେ ବସି ନୂତନ ଉପନ୍ୟାସର ପହିଲି ଅଧ୍ୟାୟ ସୃଷ୍ଟି କରନ୍ତେ । ବାସ୍ତବିକ ଭାସ୍ୱ ଟେହାର ଚନ୍ଦ୍ର ଉଠନ୍ତା, ପବନ ବହନ୍ତା···× × ×

ଆଜି ଭାବି ପାରୁନି ସୁରଭି । ଛଳାମୟ ଚକ୍ଷୁକୋଣ ତା'ର ଆର୍ଦ୍ର ହୋଇ ଉଠିଲା ଧୀରେ ଧୀରେ । ସେହି ସରସ ସବୁଜ ସୁନ୍ଦର ସୁଶାନ୍ତର କି ବିରାଟ ପରିବର୍ତ୍ତନ···! ! !

ଝରକା ନିକଟକୁ ଉଠିଗଲେ ସୁରଭି । ରେଲିଂ ଦୁଇଟା ହାତ ମୁଠାରେ ରଖି ଅଗ ରେଲିଂ ଦୁଇଟା ଉପରେ ନିଜର ଚିବୁକକୁ ଗୁଞ୍ଜି ରଖିଲ—

ଦୂରରୁ ବଂଶୀର ଆଲିଙ୍ଗନମୟୀ ମୂର୍ଚ୍ଛନା ଭାସି ଆସୁଛି ବାହିର ରବହୀନ ବାୟୁମଣ୍ଡଳକୁ ସିକ୍ତ ଶୀତଳ କରି । ଆବେଗମୟ ହୃଦୟର ଏକ ମନ ଖୋଲା ଆବେଗ ମାନି···

ଭଲ ଲାଗେ—ଭାରି ଭଲଲାଗେ ରାତିର ଶୀତଳ ବକ୍ଷରେ ବଂଶୀର ଏଇ କଅଁଳ ମୂର୍ଚ୍ଛନା । ଅଃ-ସୁଶାନ୍ତ ଯଦି ପାଖରେ ଥାନ୍ତା···। ତା' ଛାତି ଉପରେ ମଥା ରଖି ଘଡ଼ି ପରେ ଘଡ଼ି ବିତେଇ ଦିଅନ୍ତା ସ୍ବପ୍ନ

Digitized by srujan ka@gmail.com

ବିଭୋର ହୋଇ ହସି ହସି କହନ୍ତା—ଏହିପରି ସନ୍ଧ୍ୟାରେ ବଂଶୀର ମୂର୍ଚ୍ଛନା ଭାରି ସୁନ୍ଦର ନୁହେଁ ସୁଶାନ୍ତ···?

ସୁଶାନ୍ତ ପରିହାସ କରନ୍ତା—ସେଇଠି ଭୁଲ କଲ ସୁରଭି ! ଅନ୍ତତଃ ବଂଶୀବାଦକ ଦେଖି ବାଛିବା ତୁମର ଉଚିତ ଥିଲା···ଉଁ-ଉଁ-ଅଭିମାନ କରନ୍ତା ସୁରଭି ।

ଅଭିମାନିନୀ ସୁରଭିକୁ ନିଜର ବାହୁବନ୍ଧନରେ ବିହ୍ୱଳ କରନ୍ତା ସୁଶାନ୍ତ ! କହନ୍ତା—ତେବେ ଏଣିକି ମୋତେ ବଂଶୀ ବଜେଇ ଶିଖିବାର ଅବସର ଦିଅ ମାଷ୍ଟ୍ରେ···

ନା—ଆଜି ଅବଶ୍ୟକ ନାହିଁ ସୁଶାନ୍ତର ଏହି ସାନ୍ନିଧ୍ୟ । ସ୍ୱାର୍ଥପର ସୁଶାନ୍ତର ଏ ଏକଗୁଟିଆ ନୀତିକୁ ସେ ନୀରବରେ ସମର୍ଥନ କରି ପାରିବ ନାହିଁ କେବେହେଲେ—ବଂଶୀର ମୂର୍ଚ୍ଛନା ପୂର୍ବ ପରି ଭାସି ଆସୁଛି—

ଉଚ୍ଚ ଘାଟକୁ ଲମ୍ବା ରେଲିଂ ଦୁଇଟା ଉପରେ ଭରା ଦେଇ ରହିଲା ସୁରଭି । ଆକାଶରେ ଚନ୍ଦ୍ର ଫିକା ଜ୍ୟୋସ୍ନା ଢାଳିଛି ପଡ଼ୁଛି ସମ୍ମୁଖସ୍ଥ ବିସ୍ତୀର୍ଣ୍ଣ ପ୍ରାନ୍ତର ଉପରେ, କି ଅବେଦନଶୀଳ ଅସ୍ପଷ୍ଟତାର ଏଇ କ୍ଳାନ୍ତ ଜ୍ୟୋସ୍ନାରଞ୍ଜିତ ରାତି !! ନା—କିଏ ସୃଷ୍ଟିକଲା ଏହି ଆବେଗମୟ ଜ୍ୟୋସ୍ନା ରାତିକୁ ? ବରଂ ଘନ ଅନ୍ଧାର ନିବିଡ଼ କୃଷ୍ଣ ହେବା ଅବଶ୍ୟକ ଥିଲା···

ଅବନୀଳିମ ଆକାଶଟା ଗୁଡ଼ିଅଡ଼କୁ ପ୍ରସରି ଯାଇଛି ତା'ର ବ୍ୟାପ୍ତିର ସଂଜ୍ଞା ପ୍ରଚୁର ବଶ କରି । ତାରି ଉପରେ କେତେ ଖଣ୍ଡ ଧଳା ହାଲୁକା ବାଦଲ ସ୍ପଷ୍ଟ ଦେଖିପାରୁଛି ସୁରଭି । ହୁଏତ ଆଉ ଅଳ୍ପ ସମୟ ପରେ ଦକ୍ଷୀ ସହର ଉପରେ ପହଞ୍ଚିବ··କର୍ମମୁଖର ସୁଶାନ୍ତ କ୍ଷଣିକ ପାଇଁ ତାର ଝରକାରେ ହୁଏତ ତା ପରେ ଦୃଷ୍ଟିପାତ କରିବ ।

Digitized by srujan ka@gmail.com

କିନ୍ତୁ ସେ କ'ଣ ତା ହାତରେ ଖବର ପଠେଇବ—ମେଘଦୂତ ··??? ଅସମ୍ଭବ—ସେ କଦାପି ପାରିବନି । ଆବଶ୍ୟକ ନାହିଁ ମଧ୍ୟ···

ମୁହଁ ବୁଲେଇ ଆଣିଲା ସୁରଭି—ଦାଣ୍ଡ କବାଟରେ ଆଘାତ ପୁଣି ଏତେ ରାତରେ । ଚମକି ପଡ଼ିଲା ସୁରଭି । ଏଁ—ଏ କ'ଣ ? ଏ କାହାର ଶବ୍ଦ ? ତେବେ କ'ଣ ସୁଶାନ୍ତ ? ନା ସମ୍ପୂର୍ଣ୍ଣ ଅସମ୍ଭବ । ସ୍ୱାର୍ଥପର ସୁଶାନ୍ତ କି ଏପରି ଆସେ·····?? କବାଟ ଖୋଲିବା ଶବ୍ଦ ଶୁଣାଗଲା—

ଦମକାଏ ଶୀତଳ ପବନ ବହି ଆସିଲା । ଚିଠିର ଶତଖଣ୍ଡ ଗୁଡ଼ିକୁ ଇତସ୍ତତଃ କରି ଉଡ଼େଇ ନେଲା ଟିକିଏ ଆଗକୁ । ତଥାପି ସେଗୁଡ଼ିକ ଅଳ୍ପତ ବହ୍ନିମାନ ଜ୍ୟୋତିଷ୍କ ପରି ବିସ୍ତୃତ ହୋଇ ପଡ଼ିଥିଲା ଅନ୍ଧକାର ଆରପଠରେ

ତେବେ କ'ଣ ସୁଶାନ୍ତ ସେ ଚିଠିରେ ଲେଖିଥିଲା ଆସିବା ପାଇଁ । ହଁ, ଏଇ ତ ଠିକ୍ ସେହି ସ୍ୱର । ବୋଉଙ୍କ ସହିତ କଥାବାର୍ତ୍ତା ଶୁଣାଯାଉଛି । ହଁ, ନିଶ୍ଚୟ ସୁଶାନ୍ତ ତା' ପ୍ରାଣର ସୁଶାନ୍ତ ଆସିଛି । ଚିଠିଟା ସମ୍ପୂର୍ଣ୍ଣ ନ ପଢ଼ି ଯଥେଷ୍ଟ ଭୁଲ୍ କରିଛି ସେ—କିନ୍ତୁ···ଏଇ ସୁଶାନ୍ତ ପ୍ରକୋଷ୍ଠ ଅଭିମୁଖେ ଆସୁଛି—

ଖୁବ୍ ରାଗିଛ ନୁହେଁ ସୁରଭି ? ମୋ ଅବହେଳା ତୁମକୁ ଯଥେଷ୍ଟ ଆଘାତ ଦେଇଛି । କିନ୍ତୁ ତୁମେ କ'ଣ ଜାଣନା କର୍ମବହୁଳ ଜୀବନର ଜଞ୍ଜାଳ । ଅବସର ଖୁବ୍ କମ୍ । ହୁଁ···ଏଇ ଦେଖାଅ ତ ସେ ଚିଠିଟା···ମୋ ମୂଲ୍ୟବାନ ଥିସିସ୍ ପାଇଁ କିପରି ଭୁରି ଭୁରି ପ୍ରଶଂସା ଝରି ପଡ଼ିଥିଲା ସେ ଦିନ·····

ଚିଠି, ଥରି ଉଠିଲା ସୁରଭି । ଛାତି ତଳର ସ୍ପନ୍ଦନ ବଢି ଉଠିଲା । ତା'ର କି ଉତ୍ତର ଦେବ ସେ ? ବିଜୟୀ ସୁଶାନ୍ତ ଆଜି ନିଜର ବିଜୟ

Digitized by srujan ka@gmail.com

ମଧ୍ୟରେ ତାକୁ ନଭ୍ଭିଲ ଧାଇଁ ଅସିଛି ଏ ଉନ୍ମାଦଭରା ବର୍ଷାମୁଖର ରାତିକୁ ରୂପ ଦେବାକୁ । ସତେ ତାକୁ କେତେ ଭଲ ପାଏ ସୁଶାନ୍ତ !! କିନ୍ତୁ ସେ…? ସେ ସୁଶାନ୍ତଠାରୁ କ୍ଷମା ପାଇ ପାରିବ ତ ? କିନ୍ତୁ ସେ କ'ଣ ବର୍ଷାକୁ ପ୍ରକୃତ ଅଭିନନ୍ଦନ ଜଣାଇ ପାରିବ ? ସେ କ'ଣ ସୁଶାନ୍ତକୁ ପୂଜାର୍ଘ୍ୟ ଦେବାକୁ ସମର୍ଥ ?

ଧାଇଁ ଯାଇ ସୁଶାନ୍ତକୁ ଅଭିନନ୍ଦନ ଜଣାଇବାର ସାହସ ସଞ୍ଚୟ କରି ପାରିଲାନି ସୁରଭି—ଚିଠିର ଚିରା ଖଣ୍ଡ ଗୁଡ଼ିକ ତା ଆଖି ଆଗରେ ଭାସି ଉଠିଲା ଆଉଥରେ—ବିବ୍ରତ ହୋଇ ପଡ଼ିଲା ସୁରଭି ! ଚିଠିର ଚିରାଖଣ୍ଡ ଗୁଡ଼ିକ ଛାତରେ ଚୁମିଧରି ଅଶ୍ରୁସିକ୍ତ ଅନୁଭବ କରିବାକୁ ବ୍ୟଗ୍ର ହୋଇ ଉଠିଲା । ସୁଶାନ୍ତ ପ୍ରତି ସେ ଯଥେଷ୍ଟ ଅବିଚାର କରିଛି… ଯଥେଷ୍ଟ ଅସମ୍ମାନ ଦେଖାଇଛି ତାର ସମୁଜ୍ଜ୍ୱଳ ପ୍ରତିଭାକୁ…

'ସୁରଭି…! କବାଟରେ ହାତମାରି ଡାକିଲା ସୁଶାନ୍ତ । ସୁରଭି ଅଧିକ ବ୍ୟସ୍ତ ହୋଇ ପଡ଼ିଲା—ଝରକା ରେଲିଂର ଫାଙ୍କ ଦେଇ ହାତ ବଢ଼ାଇଲା ସୁରଭି ଚିରା ଚିଠିଖଣ୍ଡ ଗୁଡ଼ିକୁ ହାତ ମଧ୍ୟରେ ପାଇବାକୁ । କିନ୍ତୁ ପବନର ସୁରେ ସୁରେ ସେଗୁଡ଼ିକ ଦୂରକୁ ଭାସିଯାଉଥିଲା—ସୁରଭିର ହାତର ପରିସର ବାହାରକୁ…

ଖଣ୍ଡେ କଳା ବାଦଲ ତଳେ ଜ୍ୟୋତ୍ସ୍ନା । ଅତି କରୁଣ—

ନୀଳ ତରଙ୍ଗ ଆର୍ଦ୍ର ମୃତ୍ତିକା ଉପରେ ଯେପରି ଏକ ପରେ ଆଉ ଏକ ଉନ୍ନତ ସ୍ତର ସୃଷ୍ଟି କରୁଥିଲା…

Digitized by srujan ka@gmail.com

ଯାତ୍ରା ଓ କଷ୍ଟ

ବସ୍‌ଟା ଆଜ ଅସ୍ୱାଭାବିକ ରୂପେ ଭର୍ତ୍ତି ହୋଇଛି—

ଏଥିପାଇଁ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ, ସମୟ ସମୟରେ ଏହାଠାରୁ ଆହୁରି ଅଧିକ ଲୋକ ମଧ୍ୟ ଯାଇ ପାରନ୍ତି ଏହି ବସ୍‌ରେ । ସେଇଟା ଏ ଲାଇନର ବୈଶିଷ୍ଟ୍ୟ ।

ବସ୍‌ଟା ଆଗେଇ ଚାଲିଛି ଘର୍ଘର ଶବ୍ଦର ଗୋଟାଏ ଦୁଃଖ ରାଗିଣୀ ତୋଳି । ବେଶ୍ ଦୋହଲନ ସୃଷ୍ଟି ହେଉଛି । ଦୋହଲନ ପାଇଁ ଛୋଟ ଛୋଟ ପୋଖରୀ ସବୁ ସୃଷ୍ଟି ହୋଇ ମତ୍ସ୍ୟ ପାଳନ ବିଭାଗକୁ ଆହ୍ୱାନ କରୁଛି ସ୍ୱାଗତମ । ଅଶାନ୍ତ ହୋଇ ଉଠୁଛି ବସ୍‌ଟାର ବଡ଼ି-କାୟ । ସ୍ଥାନେ ସ୍ଥାନେ ଗତି ନିତାନ୍ତ ଶିଥିଳ ହୋଇ ପଡୁଛି ଗର୍ଭ ଯନ୍ତ୍ରଣାରେ ବ୍ୟାକୁଳା ନାରୀ ପରି ଚିତ୍କାର କରି । ଗିଅର ଚେଞ୍ଜର ଶବ୍ଦ ସ୍ପଷ୍ଟ ଶୁଣି ପାରୁଥିଲି । ଡ୍ରାଇଭରର ଦୃଷ୍ଟି ରାସ୍ତା ଉପରେ ନିବଦ୍ଧ । ହାତରେ ଚକ ପରି ଷ୍ଟିଅରିଂ । ସମୟ ସମୟରେ ହର୍ଣ୍ଣ ଉପରେ ହାତଟା ସକ୍ରିୟ ହୋଇ ଉଠୁଛି କ୍ଷଣକ ପାଇଁ ।

ସାମନା ବେଞ୍ଚର ଜଣେ ଯୁବକ ଯାତ୍ରୀ ହଠାତ୍ ଗାଇ ଉଠିଲେ—ଜୀବନଟା ହୋଇଗଲା ଢେଙ୍କାପଡ଼ା ରାସ୍ତା···ସଙ୍ଗେ ସଙ୍ଗେ ତାଙ୍କ ସହପାଠୀ ବନ୍ଧୁ ଜଣକ ମନ୍ତବ୍ୟ ପାସ କଲେ—ଆରେ···ଅଃ···ହଁ, ଏଇଟା ପରା କୁଆଡ଼େ ତେଲିଭଟ ରୋଡ଼ । ତା ସଙ୍ଗେ ସଙ୍ଗେ ଗୋଟାଏ କିମ୍ବଦନ୍ତୀର ଅବତାରଣା । ଏମିତି ଗପ କେତେ ଲୋକଙ୍କ-

Digitized by srujan ka@gmail.com

ଠାରୁ ଶୁଣିଛୁ ଅନେକଥର । ଅନେକ ମନଗଢ଼ା କଥା ବି ସମସ୍ତ ସହିତ ତାଳ ଦେଇ ଏହା ସତ୍ୟତ ମିଶି ଗଲାଣି···

ମୁଁ ସେମାନଙ୍କୁ ଲକ୍ଷ୍ୟ କରିଥିଲି । ସେମାନେ କଲେଜ ଛାତ୍ର ହେବେ ବୋଧେ । ତାଙ୍କ ଉଦ୍ଦେଶ୍ୟଟା ବି ବେଶ୍ ବୁଝି ପାରିଲି । ସମ୍ମୁଖସ୍ଥ ଲେଡିଜ୍ ସିଟର ଏକ ପ୍ରାନ୍ତରେ ଯେଉଁ ଜଣେ ତନ୍ୱୀ ତରୁଣୀ ବସିଥିଲେ ତାଙ୍କୁ ଲକ୍ଷ୍ୟ କରିବାହିଁ ସେମାନଙ୍କର ଉଦ୍ଦେଶ୍ୟ ।

ବସ୍‌ଟି ଗତି ବୃଦ୍ଧି ଓ ମନ୍ଥର କରି ଅଟେଇ ଚାଲିଛି ପୂର୍ବପରି ଘର୍ଘର ଶବ୍ଦରେ । ତରୁଣୀ ଜଣକ ଅନ୍ୟମନସ୍କ ଭାବରେ ବାହାରକୁ ଚାହିଁ ରହିଥିଲେ ବସର ବର୍ଗକ୍ଷେତ୍ରାକୃତି ବାତାୟନ ଦେଇ—

ଚାହିଁଲି—ଜଣେ ଷୋଡ଼ଶୀ ହେଲେ ମଧ୍ୟ ପ୍ରାକ୍ ଅଷ୍ଟାଦଶୀୟା । ଆଧୁନିକା । ଟ୍ରାଉଜରସହ ପରିଧାନର ପରିପାଟୀ ବେଶ ଚମତ୍କାର । ବସ୍‌ର ଦୋଳନ ସହିତ କର୍ଣ୍ଣର ସ୍ୱର୍ଣ୍ଣଭୂଷଣ ଦୋହଲି ଦୋହଲି ଚିକ୍କଣ ରକ୍ତ ତୁଷର ଗଣ୍ଡଦେଶରେ ବାରମ୍ବାର ଆଘାତ କରୁଛି ଅତି ନିଷ୍ଠୁର ଭାବରେ, ଅତି ଅବାଧ ହୋଇ । ମୋର ଅବାଧ ଆଖି ଦୁଇଟାକୁ ଫେରାଇ ଆଣିଲି ଜୋର କରି । ମନୁଷ୍ୟର ନୀତି ତାହା ନୁହେଁ । ସୌନ୍ଦର୍ଯ୍ୟ ପ୍ରତି ଯେ ଦର୍ଶନେନ୍ଦ୍ରିୟର କାହିଁକି ଗୋଟାଏ ଏପରି ନିଗୂଢ଼ ନିର୍ଲିପ୍ତ ଆକର୍ଷଣୀ ଅଛି···!!

ହଠାତ୍ ବସ ବ୍ରେକ ଦେଲା । ଜଣେ ନୂତନ ଆଗନ୍ତୁକ ସସବ୍ୟସ୍ତ ଫୁଟବୋର୍ଡ଼ ଉପରକୁ ଉଠି ଆସିଲେ । ସଙ୍ଗେ ସଙ୍ଗେ ଭିତରୁ ଏକ କୋଳାହଳ ବସ୍‌ର ଘର୍ଘର ଶବ୍ଦ ଉପରେ ଏକ ଅଶାନ୍ତ ପର୍ଦ୍ଦା—ଟାଣି ଦେଲା । କୋଳାହଳକୁ ଚୁପି ଦେବା ପାଇଁ ରୁକ୍ଷ ଅଥଚ କଠୋର ଗଳାରେ କଣ୍ଡକ୍ଟର ଚିତ୍କାର କରି ଉଠିଲା—

Digitized by srujan ka@gmail.com

ଅଲବତ ପିବ, ବହୁତ ଯାଗା ଅଛି । ଯାଅ ଘୁଅ, ଯାହାର ଇଚ୍ଛା ନାହିଁ ଓହ୍ଲାଇ ଯାଅ…ହଁ…ଘୁଅ…

ହଠାତ୍ କୋଳାହଳ ଥମି ଆସିଲା, ଠିକ୍ ବରଫାଛୁଲା ଚଟାଣ ଉପରେ ଉଷ୍ଣରକ୍ତ ସ୍ରୋତର କ୍ଷିପ୍ର ଶୈଥିଲ୍ୟ ପରି । ଠେଲାପେଲା କୌଣସିମତେ ଗୋଟାଏ ସ୍ଥାନ କରିଦେଲା କଣ୍ଡକ୍ଟର । ଲୋକମାନଙ୍କ ମଧ୍ୟରେ ଥିବା ବ୍ୟବଧାନ ଆହୁରି ସଙ୍କୁଚିତ ହୋଇ ଆସିଲା—ଶୂନ୍ୟ ସ୍ଥାନ ଆଦୌ ନାହିଁ କହିଲେ ଚଳେ । ବେଞ୍ଚ ଉପର ସିଟ୍‌କୁ ଛାଡି ଦେଲେ ତଳ ଗୋଡ଼ ରଖିବା ସ୍ଥାନ ମଧ୍ୟ ଆସନ ରୂପେ ବ୍ୟବହୃତ ହୋଇ ପାରନ୍ତି । ତଥାପି ଗୋଟାଏ ଆଶ୍ୱାସନା—ବେଶି ଲୋକ ହେଲେ କୁଆଡେ ଜର୍କିଂ କମ୍ ହୁଏ…!

ପତ୍ରିକା ଖଣ୍ଡି ଖୋଲି ପଢିବାକୁ ଚେଷ୍ଟା କଲି—

ଘର୍ଘର ଶବ୍ଦ କରି ପୁଣି ବସ ଷ୍ଟାର୍ଟ୍ ଦେଲା । କେତେଥର ଅଶାନ୍ତ ଭାବରେ ଥରିଉଠି ଆଗକୁ ଗତି କଲା—ଧୀରେ ଧୀରେ ଗଡଗଡ଼ି କରି । ଅକ୍ଷର ଗୁଡ଼ାକ ଏଣେ ତେଣେ ଛାଆଁଚ ହୋଇ ପଡ଼ୁଛି ଯେପରି । ତଥାପି ଖୋଲି ଯାଉଥିଲି—

ମଣ୍ଟିସିଟ୍‌ରୁ ଅଧ୍ୟାପକ ଡାକିଲେ—ରବିନ୍ଦ୍ର ! ଆଉ କେତେ ଦୂର…?

…ଆଦୌ ତ ଆରମ୍ଭ ହୋଇନି ସାର୍ ! ଆହୁରି ଅନେକ ବାଟ ଯିବାକୁ ଅଛି—ଉତ୍ତର ଦେଲି ।

ନୀରବରେ ଅଧ୍ୟାପକ କ'ଣ ଭାବିଲେ । ଲକ୍ଷ୍ୟ କରୁଥିଲି ମାଇଲ ଇଣ୍ଡିକେଟର୍‌ର କଣ୍ଟାଟା ଉପରକୁ ଉଠୁଥିଲା ଅସ୍ତ୍ରେ ଅସ୍ତ୍ରେ । ପୁଣି ସେ ଦୁଃଖମିଶା କଣ୍ଠରେ କହିଲେ—ଓଃ ! ଏ ରାସ୍ତା ଯେଉଁ ଖରାପ…! ଏ ବସ୍‌ରେ ବିଶେଷତଃ ଶେଷ ସିଟ୍ ସବୁ ଗୁଡ଼ିକରେ ଜର୍କିଂ ଅନୁଭୂତ

Digitized by srujan ka@gmail.com

ହୁଏ । ଦ୍ୱିତୀୟ ଶ୍ରେଣୀରେ ମୁଁ ଭଲ ଭାବରେ ଅନୁଭବ କରି ପାରୁଥିଲି । ତେବେ ତୃତୀୟ ଶ୍ରେଣୀରେ ! ଆଜି ଅଧ୍ୟାପକ ତ...

ଅଧ୍ୟାପକଙ୍କର ହୁଏତ ସେଇ ସ୍ୱପ୍ନ ଥିଲା—ହାଇ—ଓ୍ୱେ ଉପରେ ବସ...ବେଶ ସରଳ ସମତଳ ପିଚ୍ ରାସ୍ତା...ତା' ଉପରେ ଟ୍ରାନ୍ସପୋର୍ଟର ଅତିକାୟ ବସ...ଗ୍ଭଲିଛି—ଆଗେଇ ଗ୍ଭଲିଛି ଖୁବ୍ ଦ୍ରୁତଗତିରେ ଗତିକୁ ଚ୍ୟାଲେଞ୍ଜ କରି... ଏଇ ଗ୍ଭଳିଶ, ପଗ୍ଭଶ, ଷାଠିଏ...ମାଇଲେଜ ବଢ଼ି ଗ୍ଭଲିଛି—ବେଶ ଚମତ୍କାର... ଶାନ୍ତ ଅଥଚ ଗତିଶୀଳ...ଗତିହିଁ ପ୍ରଗତିର ଲକ୍ଷଣ...ଏଇ କାଠଯୋଡ଼ିର ସଦ୍ୟ ପ୍ରସ୍ତୁତ ବ୍ରିଜ...ତା' ଉପରେ ମାଡ଼ି ଗ୍ଭଲିଛି... ଭାରି ଭଲ ଲାଗେ ଏହାର ଉପରେ ମୃଦୁ ଶୀତଳ ପବନର କ୍ଷଣିକ ପ୍ରଲେପ । ଆଉ ଏ ରାସ୍ତା ! ଇସ୍—କି କଦର୍ଯ୍ୟ ! କିନ୍ତୁ ରବୀନ୍ଦ୍ର ଏହା ସହିତ ଆଗରୁ ବେଶ୍ ପରିଚିତ...

"—ଜଗବନ୍ଧୁ ତୁମେ ବଡ଼...ତୁମେ ବଡ଼ ଦାରୁଣ...ଜଗବନ୍ଧୁ ତୁମେ..." ଯାତ୍ରୀମାନଙ୍କ ମଧ୍ୟରୁ କେହି ଜଣେ ସ୍ୱର ଧରିଛି ।

ବସ ମଧ୍ୟରେ ପ୍ରାୟ ଅଧିକାଂଶ ଅପରିଚିତ । ନୂତନ ଓ କ୍ଷଣିକ ପରିଚୟ ପାଇଁ ଯେପରି ଏହା ପ୍ରକୃତ ସ୍ଥାନ—ସବୁ କ୍ଷଣିକ...ଅସ୍ଥାୟୀ ! ପରିଚିତ ନ ହେଲେ ବି ଦେଖିବାର ଯେପରି ଅନେକ କିଛି ଅଛି...

—ମନ ଡୋଳେ ମୋରେ...ଦ୍ୱାର ଡେଷି ଆସ୍ୟା ଯୋଗୀ...

—ଗ୍ଭଡ୍ରି, ଜଣକ ଗାଇବାକୁ ଆରମ୍ଭ କଲେ । ମନ, ପ୍ରାଣ, ଲକ୍ଷ୍ୟ ଓ ସଙ୍ଗୀତ—ସବୁ ଯେପରି ଏକ କେନ୍ଦ୍ରିକ...

—ଆରେ ଦୋସ୍ତ । ବୈଜୟନ୍ତୀମାଳାର ସେଇ ଯେଉଁ ନାଚ ଖଣ୍ଡିକ...ଡଲ ଡଲ ଆଖି ଦୁଇଟା ତ...ଆଃ...

Digitized by srujan ka@gmail.com

—ଲେକିନ କମାଲ୍ କରି ଦେଉଛି···ଅଧ୍ୟାପକ ଆଉ ଟିକିଏ ବ୍ୟସ୍ତ ହୋଇ ପଚାରିଲେ—ଅଚ୍ଛା···ଆମେ କେତେବେଳେ ଓହ୍ଲେଇବା ଚନ୍ଦ୍ରୁ...?

—ପ୍ରାୟ ତିନିଟାବେଳେ ସାର !

ଅଧ୍ୟାପକ ନିଜର ରିଷ୍ଟୱ୍ୟାଚ ଆଡ଼କୁ ଚାହିଁ କହିଲେ—ଓଃ··· ଆହୁରି ଦୀର୍ଘ ତିନି ଘଣ୍ଟା···!

ସେ ଖୁବ୍ ଶୀଘ୍ର ଏ ଯାତ୍ରାରୁ ନିଷ୍କୃତି କାମନା କରୁଥିଲେ । ଏ ଲାଇନରେ ଅଧ୍ୟାପକଙ୍କର ବୋଧହୁଏ ଏହି ପ୍ରଥମ ଯାତ୍ରା । ସେ ଅଞ୍ଚଳରୁ ପୁରାତନ ପୋଥି ଖୋଜି କିଛି ପାଇବାର ଲକ୍ଷ୍ୟ ନେଇ ତାଙ୍କର ଏଥର ଅଭିଯାନ । ଆଗାମୀ ଅବକାଶଟାର ବି ସଦ୍-ବ୍ୟବହାର ହୋଇଯିବ···

ଟ୍ରେନ୍ ଚାଲିଛି—ଅବସର ଓ ଅବସ୍ଥା ଦେଖି ଟିକିଏ ଗତି ବଢି ଉଠିଛି । ଦୁଇ ପାର୍ଶ୍ୱରେ କାଶତଣ୍ଡିର ଧଳା ଧଳା ଫୁଲର ଦଳ କ୍ଲାନ୍ତ ହୋଇ ପଛରେ ପଡି ଯାଉଛି ଧଳା ଘୋଡ଼ାର ଦଉଡ଼ କରି । ଦଉଡ଼ରେ ଯେପରି ସେ ହାରି ଯାଉଛି । ଭଲ ଲାଗେ ଶରତର ଏଇ ଶାନ୍ତ ଧବଳିମା । ତରୁଣୀଟି ଯେପରି ସେହି ଦୃଶ୍ୟକୁ ଉପଭୋଗ କରୁଥିଲେ ଖୁବ୍ ତନ୍ମୟ ଭାବରେ—କୋଠରୀଟିର ଏଇ କ୍ଷୁଦ୍ର ପରିସର ଧୂମାୟିତ ହୋଇ ଉଠିଛି । ଯୁବ ଦୁଇଜଣଙ୍କର କାଳା କାଳା ଓଠ କଣରେ ଦାମିକା ସିଗାରେଟ୍ ଭସ୍ମରେ ପରିଣତ ହୋଇଯାଉଛି ଖାଲି ବହଳ ଧୂମ୍ରକୁଣ୍ଡଳୀ ସୃଷ୍ଟି କରି ।

ରୁମାଲ୍ କାଢି ନାକ ଓ ମୁହଁରେ ଦେଲି । ମୁଁ ଆଦୌ ଧୂମ୍ରପାନ କରେ ନା, ସଫୋକେସନ ଅନୁଭବ କରୁଥିଲି । ତରୁଣୀଟି

Digitized by srujan ka@gmail.com

ମଧ୍ୟ ବିରକ୍ତ ଭାବ ଫୁଟାଇ ବାହାରକୁ ଚାହିଁଲେ । ସେପଟେ ଏହା ଆଦୌ ପସନ୍ଦ କରୁ ନାହାନ୍ତି । ଅନ୍ଦର କେତେଜଣ ଯାତ୍ରୀ ମଧ୍ୟ ବିରକ୍ତ ହୋଇ ଉଠିଲେଣି ।

ଝିଅ ଜଣକ ମାଟିଲେ ମାଗାଜିନଟା ଦେଖି ପାରେ କି ? ନୀରବରେ ପତ୍ରିକା ଖଣ୍ଡିକ ବଢ଼ାଇ ଦେଲି । ମୁଁ ଚାହିଁଲି ଉଭୟ ପାର୍ଶ୍ୱର ସେହି ଘୋଡ଼ା ଦୌଡ଼କୁ···ଅନ୍ୟ ଉପାୟ ନଥିଲା ।···

ହଠାତ୍ ମହିଳା ସିଟ୍‌ରୁ ଜଣେ ବୃଦ୍ଧା ବ୍ୟସ୍ତ ହୋଇ ଉଠି ଆସିଲେ—ବାନ୍ତି । ଆଜି ଅଳ୍ପକେ ମୋ ଲୁଗାରେ ପଡ଼ିଯାଇଥାନ୍ତା । ଝିଅ ଦୁଇଜଣ ସେମାନଙ୍କ ପୋଷାକ ପାଇଁ ସତର୍କ ହୋଇସାରି, ନାକ ପୁଡ଼ାଟାକୁ ରୁମାଲ ଭିତରେ ସମ୍ପୂର୍ଣ୍ଣ କବଳ କରି ସାରିଲେଣି—

ଧୂମ୍ରକୁଣ୍ଡଳୀ ଅନ୍ଦର ନିବିଡ଼ ଭାବରେ ଖେଳି ବୁଲୁଛି ସେହି କ୍ଷୁଦ୍ର ଯାନଟିର ସୁକ୍ଷୁଦ୍ର ପେଟ ଭିତରେ ।

ବସ୍ ଠିଆହେଲା—ଗୋଟିଏ ଟେକ୍‌ଷ୍ଟାଣ୍ଡ ହୋଇଛି । ଅନ୍ତତଃ ଏପରି ଯାତ୍ରାରେ ବସ୍ ବନ୍ଦ ହେବାଟା ନିହାତି ଅସହଣୀୟ···କ୍ଲାନ୍ତିପୂର୍ଣ୍ଣ ।

ହଠାତ୍ କଣ୍ଡକ୍ଟର ଆସି କହିଲା—ଆଜ୍ଞା ! ସିଗାରେଟ୍ ଖାଇ ପାରିବେନି···

— କାହିଁକି ?

—ଧୂମ୍ରପାନ ନିଷେଧ—ତା ସତ୍ତ୍ୱେ ଅନେକ ଯାତ୍ରୀ ଅସୁବିଧା ଭୋଗ କରୁଛନ୍ତି···

—ହଁ, ଟାଉନ ବସ୍‌ରେ ତ ଏମିତି ସିଗାରେଟ୍ ଟାଣୁଛୁ ପ୍ରତିଦିନ । କଲେଜରୁ ଯିବା ଓ ଆସିବା ବେଳେ ପ୍ରାୟ ଅନେକଥର । ଆଉ···

—କିନ୍ତୁ ଏଇଟା ଟାଉନ୍ ବସ୍ ନୁହେଁ ଆଜ୍ଞା ! ମଫସଲରେ ଚାଲେ···

Digitized by srujan ka@gmail.com

ପଛ ସିଟ୍‌ରୁ କେତେଜଣ ଲୋକ ଫେଁ ଫେଁ ହୋଇ ହସି ଉଠିଲେ—

ଯୁବ ଦୁଇଜଣ ସାମାନ୍ୟ ଅପଦସ୍ତ ହେଲେ ବୋଧହୁଏ । ମୁହଁ ରଙ୍ଗା ପଡ଼ି ଆସିଲା । ଠିକ୍ ଏ ରୁକ୍ଷ ନିର୍ମମ ଭାବରେ ଜୋତା ତଳେ ମାଡ଼ିଦେଲେ ଜଳନ୍ତା ସିଗାରେଟ୍‌ଟାକୁ—

ବସ ପୁଣି ଗର୍ଜି ଉଠିଲା ଷ୍ଟାର୍ଟ ପାଇ । ଓହୋ···ଠିକ୍ ଏ ଅସ୍ୱସ୍ତି ହେଲା । କିନ୍ତୁ ହଠାତ୍ ପୁଣି ବନ୍ଦ ହେଲା କଣ୍ଡକ୍ଟରର ଆସି ନାହିଁ । ଚେକରଙ୍କ ହାତ ଭିତରେ ହାତ—ମୁଖରେ ଚୁପା ଭାଷା ଓ ଭଙ୍ଗୀ—ଖୁବ୍ ଗୁପ୍ତ···

ପଛ ସିଟ୍‌ରୁ କେହିଜଣେ ବିରକ୍ତ ହୋଇ ଉଠିଲେ—ହଁ—ଚଞ୍ଚଳ ଚଳାଅ ହେ । ଏ ଯେଉଁ ଭିଡ଼ । ସେଥିରେ ପୁଣି ଯାଗାକୁ ଯାଗା ଅଧ ଅଧ ଘଣ୍ଟା ଠିଆ । ସାତେ଼ ପଛେ ହାଟବେଳ ଡେରି ହୋଇ ଯାଉଥାଉ···

ଅଧ୍ୟାପକ ମୋ ଆଡ଼କୁ ଚାହିଁଲେ, ମୁଁ ତାଙ୍କର ମନୋଭାବ ଲକ୍ଷ୍ୟ କରୁଥିଲି ବରାବର-

ହଠାତ୍ ଅଉ ଜଣେ ଆରମ୍ଭ କଲେ—ହଁ·ଏତେବେଳକୁ ବ୍ୟସ୍ତ ହେଲେ କଣ ହେବ, ଆଉ ଗ୍ଳାଟ ଦେଲ ବେଳକୁ ? ତୁମ୍ଭମାନଙ୍କୁ ଏଇ ଠିକ, ଯାଉନା—ଏହିକ୍ଷଣି ତୁମ ନେତାଙ୍କୁ କହିବ···

ଅଉ ଜଣେ କହିଲା—ଅଜ୍ଞା, ନେତା କିଏ... ଆଜି ଆମେ କିଏ··· ??

ଗୋଟିଏ ବୁଢ଼ା କହିଲା—ଠିକ୍ ଏ ଖବର କାଗଜଟା ପଢ଼ନ୍ତୁ ତ ଅଜ୍ଞା, ସେଥିରୁ ମିଳିବ କଣ ? ହେଲେ ଠିକ୍ ଏ ଖବର ଜାଣିବା !

Digitized by srujan ka@gmail.com

କୁଆଡେ଼ ପ୍ରାଚୀର ବନ୍ଧଟା ଭାଙ୍ଗି ଚୁରମାର ହୋଇଗଲା । ଏତେ ଟଙ୍କା ପାଣିରେ ପଡ଼ିଲା ପିନା ! ଆଉ ବ୍ରିଟିଶ୍ କୁଆଡେ଼ ପୁଣି ଆସୁଛି ସଙ୍କା ! ଦେବାକୁ··· ?

ବସ୍ ହ୍ୱାଟ ଦେଲା—ପୁଣି ଦୋଳନ ଆରମ୍ଭ ହୋଇ-ଯାଇଛି—

ଭଦ୍ରଲୋକ ଜଣକ ଖବର କାଗଜ ଖୋଲି ଖୋଲି ଅନର୍ଗଳ ଭାଷାରେ ଆରମ୍ଭ କଲେ । ସେ ଜଣେ ନେତା ବୋଲି ମୋର ମନେ ହେଉଥିଲା—"ଆଉ ପଢିବ କଣ ? ସେ ସବୁ ମିଛ କଥା । ତେବେ ଏଇ ତ ଭାରତୀୟ ଆଇନ୍ ପାଶ ହୋଇଗଲା । ଅଚ୍ଛା—ହେଉ ବା ଗୃହୀ ଭଲରେ ରହିଲେ କୁହ ତ ଦେଖି ? ତା'ପରେ ଦିନକୁ ଦିନ ପୁଣି ଅଧିକା ଟ୍ୟାକସ୍ ବସୁଛି—ଆୟକର, ମୃତ୍ୟୁକର, ବିବାହ ହେଲେ କର, ପୁଅ ହେଲେ କର ଇତ୍ୟାଦି । ଆଉ ତୁମେ କି ସୁବିଧା ପାଉଛ ? ଯାହାର ସୁବିଧା ସେ କରି ନେଉଛନ୍ତି । ତୁମେ ତ ଖାଲି ଭୋଟ ଦେଲା ଲୋକ । ଠିକ୍ ହେଉଛି । ଆମ ଦେଶର ଲୋକ ନ ଠକିଲେ ଶିଖିବେ କେମିତି ? ଫେର ତ ମହାନଦୀରେ ପୋଲ ହେବ ବହିଁ। ଘାଟ ଉପରେ । କମ୍ ଖର୍ଚ୍ଚ—ଆଉ ସୁବିଧା···"

ଆଜ୍ଞା ! ତା' ଦ୍ୱାରା ଆମର ବା କି ସୁବିଧା ହେବ ?

ତୁମ ସୁବିଧା ପଗ୍ଡରେ କିଏ ହୋ, ଯାଉନ, ଯାହାକୁ ଭୋଟ ଦେଇ ପଠାଇଛ ତାଙ୍କୁ ପଚ୍ଚରିବ—ଏ ରାସ୍ତାର ଅବସ୍ଥା ପାଇଁ ଦାୟୀ କିଏ ?

ପଛରେ ଗୋଟିଏ ଶ୍ଳୋଟ ଟରଣର ସଭା ଅରମ୍ଭ ହୋଇଛନ୍ତି । ବନ୍ଧୁଙ୍କର ସେପରି ବିଶ୍ରାମ ନାହିଁ···ବିରତ ନାହିଁ ମଧ୍ୟ ।

Digitized by srujan ka@gmail.com

ହଠାତ୍ ଜଣେ କିଏ କହି ଉଠିଲା ସମସ୍ତେ ଆଙ୍କ ସେମିତି ଲେଖନ୍ତି । କିନ୍ତୁ ଗଳ୍ପ ଓ ପରକଥା ଭାବେ କିଏ ? ନିଜକଥା ପାଇଁ ତ ସମୟ ମିଳେ ନାହିଁ···

"ତୁମେ ଯେମିତି ଲୋକ ଦେଖି ବାଛୁଛ ତ"···

"—ହଁ···ଆଜି ଆପଣ ଭୋଟରେ ହାରଯାଇଛନ୍ତି ବୋଲି ଏକଥା, ନ ହେଲେ ଆପଣ କିଏ—ଏ ରାସ୍ତା ଓ ଆପଣଙ୍କ ସାକ୍ଷାତ ହୁଏ··· ? ?"

ସମସ୍ତେ ଏକ ସ୍ୱରରେ ହୋ ହୋ ହୋଇ ହସି ଉଠିଲେ । ବକ୍ତା ଅପଦସ୍ତ ହୋଇ ପଡ଼ିଲେ ବୋଧେ । ବରନ୍ତରେ ନୀରବ ରହି ତାହାରକୁ ଗ୍ରହିଲେ । ଏହା ବ୍ୟତୀତ ଅନ୍ୟ କୌଣସି ଉପାୟ ନ ଥିଲା ମଧ୍ୟ···ଯୁବ ଦୁଇଜଣଙ୍କର ସୁପ୍ରାପ୍ତି ଦୃଷ୍ଟି ତରୁଣୀଙ୍କର ତନ୍ମୟ ଦର୍ଶନରେ ବନ୍ଦୀ । ଛି-ଛି କି କଦର୍ଯ୍ୟ ! ମଝିରେ ମଝିରେ ପତ୍ରିକାଟା ଉପରେ ନା-ନା ପ୍ରକାର କଟୁ ସମାଲୋଚନା ଅଦାନ ଛୁଡ଼ ଘର ଆରମ୍ଭ ହୋଇଯାଉଥାଏ । କେତେବେଳେ ଲେଖକ ଉପରେ ତ କେତେବେଳେ ବିଚରା ଗଳ୍ପ ସଂପାଦକ ଉପରେ··

ବସ୍ ଟି ଅପେକ୍ଷାକୃତ ଟିକେ ଗତି ବଢ଼ାଇ ଦେଇଛନ୍ତି, ରାସ୍ତାଟା ଟିକେ ଭଲ । ପିଚ୍ ହୋଇଛି, ଯାହାହେଉ ରାସ୍ତାର ଅବସ୍ଥାରେ ଟିକେ ବେଶ୍ ଉନ୍ନତି ହେଲାଣି ।

ଉଣ୍ଡି ଫୁଲର ବଣ ଆଉ ଦେଖାଯାଉ ନାହିଁ । ବହୁତ ପଛରେ ରହିଗଲାଣି । ଉଭୟ ପାର୍ଶ୍ୱରେ ଖାଲି ଶ୍ୟାମଳ ଶସ୍ୟ କ୍ଷେତର ସବୁଜ ଯୌବନଶ୍ରୀ ବସର ଗତି ସହିତ ସେଗୁଡ଼ିକ ଯେପରି ତଳା ଉଇଁ ଖେଳି ଘର ଘର ପଛରେ ରହିଯାଉଛି ।

Digitized by srujan ka@gmail.com

ଅସରାଏ ବର୍ଷା ଆସିଲା । ଭସା ବାଦଲର ଉଷ୍ମ ଫେଟ ଝର ଝର ପଡ଼ୁଛି ବର୍ଷାର ଧାର । ଝରକା ଗୁଡ଼ିକ ସବୁ ବନ୍ଦ କରି ଦେଲେ । ବର୍ଷା ଭିତରକୁ ପଶି ଆସୁଛି । ଭିତର ଈଷତ ଅନ୍ଧକାର । ତା' ଭିତରେ ଜଉନ୍ନ ପାର୍ଶ୍ୱକୁ ରଙ୍ଗ ପାଣି ଛିଟି ଛିଟି ପଡ଼ୁଥିବା ଠାଣ୍ଡାରର ଘର୍ଷଣ ଅନୁଭବ କରି ପାରୁଥିଲି ବେଶ ସୁନ୍ଦର ଭାବରେ ।

ଲକ୍ଷ୍ୟ କଲି ଛାତ୍ରଦ୍ୱୟ ବେଶ୍ ତନ୍ମୟ ଭାବରେ ଚାହିଁ ରହିଛନ୍ତି ତରୁଣୀଙ୍କ ଆଡ଼େ । ସୁବିଧା ବି ମିଳିଛି । ତା ସହିତ ସମାଲୋଚନା ଖୁବ୍ ଜୋର—ଅରେ ହୋ ଦୋସ୍ତ ! ଏ ପତ୍ରିକା ସବୁ ବନ୍ଦ ହୋଇଯିବା ନିହାତି ଦରକାର···ଛି···ଛି···ଏଥିରେ କ'ଣ ଅଛି ? ଖାଲି ସସ୍ତା ସାହିତ୍ୟ···ସମୟ ସମୟରେ ଇଚ୍ଛା ହୁଏ ଏହି ସମ୍ପାଦକ-ଗୁଡ଼ାଙ୍କର କାନ ମୋଡ଼ି ଛଡ଼େଇ ଦିଅନ୍ତି—ଖାଲି ଗୋଟିଏ ବ୍ୟବସାୟ···ଗୋଟାଏ ଫନ୍ଦି ତ ! ଆଉ ଏ ଯେଉଁ ଲେଖକ—ସେଇ ଯେଉଁ ସନାତନ ମହାପାତ୍ର କବିତା ଲେଖେ । କି ବାଜେ···ଅର୍ଥ ନାହିଁ, ଶୈଳୀ ନାହିଁ, ଛନ୍ଦ ନାହିଁ, ଖାଲି ଶବ୍ଦବାଣ···ଆଜି ଏ ତ ଅଖ୍ୟାତନାମା···ଏ ବି···ଆଜି ଏ ରବୀନ୍ଦ୍ର ମିଶ୍ର କିଏରେ ? ନିହାତି ବୁଦ୍ଧୁଟାଏ···କ'ଣ ଯେ ଗୁଡ଼ାଏ ଲେଖେ···!!

ଅଧ୍ୟାପକ ମୋ ଆଡ଼କୁ କଟେଇ ଚାହିଁ ହସିଲେ—ମୁଁ ବି ହସିଲି···

ବାହାରର ନରମ ଥଣ୍ଡା ଓ ଭିତରର ଝାପସା ଅନ୍ଧକାର ମଧ୍ୟରେ କେତେ ଜଣ ଢୁଳେଇବାକୁ ଆରମ୍ଭ କଲେଣି । ମୋ ପାଖରେ ବସିଥିବା ଭଦ୍ରବ୍ୟକ୍ତି ଜଣକ ମଧ୍ୟ ଢୁଳେଇ ଢୁଳେଇ ମୋ କାନ୍ଧ ଉପରେ ନିଦ୍ରିତ । ଦୀର୍ଘ ପଥର ଏ ଅଶାନ୍ତ ଯାତ୍ରା ମଧ୍ୟରେ ଲାଘ ଉପରେ ଗୋଟାଏ ରୂପା । ଅଶ୍ୱସ୍ତି ଅନୁଭବ କରୁଥିଲି—

କଣ୍ଟ୍ରାକ୍ଟରର ଏପରି ବ୍ୟବହାରଟା ମୁଁ ଆଦୌ ପସନ୍ଦ କରି ପାରୁନଥିଲି । ନିରକ୍ଷର ଗୃହୀ, ମୂର୍ଖ ଓ ଗରିବ ଉପରେ ଧରୁଦେଲେ ଅପ୍ରାସଙ୍ଗୀକ ଅତ୍ୟାଚାର !!

ବସ୍ ଟା ଲୋକଟିକୁ ସେଇଠି ଓହ୍ଲେଇ ଦେଇ ପୁଣି ଆଗେଇ ଚାଲିଲା ଅତି ନିର୍ବିକାର ଭାବରେ—

ସ୍ଥୂଳ ଜଣଙ୍କ ପତ୍ରିକା ଖଣ୍ଡିକ ମୋଆଡ଼କୁ ବଢ଼େଇ ଦେଲେ । ମୁଁ ଜାଣେ ସେ କିଛି ପଢି ନାହାନ୍ତି । ଯାହା ସମସ୍ତ ଖାଲି ଗୋଟାଏ ଦେଖା ଶିଖା ଛଳନା । ତଥାପି ପଚାରିଲି—କିମିତି ଲାଗିଲା ଆପଣଙ୍କୁ ?

—ନିହାତି ବାଜେ···

—ମାନେ ?

ଅତି ସହଜ । ମୁଁ ତ ଉତ୍ତର ଆଗରୁ କହିଲି । ଏ ପତ୍ରିକାରେ ଶସ୍ତା ସାହିତ୍ୟ ବ୍ୟତୀତ ଆଉ କିଛି ନାହିଁ କହିଲେ ଭୁଲ ହେବ ନାହିଁ—

ମୁଁ ତାଙ୍କର ବ୍ୟବହାରରେ ବାସ୍ତବିକ ଦୁଃଖିତ ହେଲି । ତଥାପି ଅତି ଧୀର ଭାବରେ ପଚାରିଲି—

ଆଚ୍ଛା ଆପଣ କବିତା ଗୁଡ଼ିକ ପଢିଲେ—?

ମୁଁ ଆଦୌ କବିତା ପଢ଼େନା, ନିହାତି ବାଜେ···

—ଆଉ ଗଳ୍ପ ?

—ସେ ଗୁଡ଼ା ବି ନିହାତ ବାଜେ । ପଢିବାକୁ କିଛି ନ ଥାଏ ସେଥିରେ···

—ପ୍ରବନ୍ଧ ବା ସମାଲୋଚନା ?

—ସେ ସମସ୍ତ କି ଏଥିରେ ସ୍ଥାନ ପାଏ ? ଖାଲି ମାଇନର ହିଲଙ୍କ ପ୍ରବନ୍ଧ କହିଲେ ଚଳେ ।

Digitized by srujan ka@gmail.com

ମଜେଇ ହସ ଲଗିଲ । କହିଲି—ଓଃ, ତାହାହେଲେ ଆପଣ କିଛି ପଢନ୍ତି ନାହିଁ । କିନ୍ତୁ ସବୁ ଗୁଡ଼ାକ ନିହାତ ବାଜେ—ନୁହେଁ ? ବେଶ୍ ସୁନ୍ଦର ସଂକଳ୍ପନା ହୁଏତ—ଆପଣ ଜଣେ ନିରୀହ ପାଇବେ ନିଷ୍ଠ ହୋଇଯିବା ନିତାନ୍ତ ଅବଶ୍ୟକ···ଶୈବାଳିନୀ ହସି ଉଠିଲେ ଜୋରରେ—ମୁଖମଣ୍ଡଳରେ ତୃପ୍ତି ଓ ଶାନ୍ତ—ପ୍ରତିଆକ୍ରମଣରେ ସୌମ୍ୟତା ।

ଘ୍ରାଣେନ୍ଦ୍ରିୟ ଅପ୍ରତିଭ ହୋଇ ପଡ଼ିଲେ । ପ୍ରତିଆକ୍ରମଣର ଦୃଢ଼ତା ନେଇ ହଠାତ୍ ଧ୍ୱଂସ ହୋଇ ଉଠୁଥିଲେ—

ବସ୍ ବ୍ରେକ୍ କଲା—ଗୋଟାଏ ଷ୍ଟାଣ୍ଡ ହୋଇଯାଉଛି । ଏଇଠି ସେମାନଙ୍କର ଯାତ୍ରା ଶେଷ । ସେମାନେ ଓହ୍ଲାଇ ଗଲେ । ନମସ୍କାର ଜଣାଇଲି । କିନ୍ତୁ ପ୍ରତିନମସ୍କାର ଆସିଲା ନି ···

ଏଇଠି ବୁଢ଼ୀ ମଧ୍ୟ ଓହ୍ଲାଇ ଗଲେ । ଶୈବାଳିନୀ କହିଲେ ଭୁଲି ଯିବନାହିଁ ମାଉସୀ ! ତୁମ ଝିଅ ସଙ୍ଗରେ ଯେପରି ଦେଖାହୁଏ ।

ସେ ବୁଢ଼ୀଙ୍କୁ ନମସ୍କାର କଲା—ବୁଢ଼ୀ ବି ହାର୍ଦ୍ଦିକ ଆଶିଷ ଦେଲେ···

ପୁଣି ବସ୍ ଆଗେଇ ଚାଲିଲା—ଶୈବାଳିନୀ ଝରକାଟା ଖସାଇଦେଲେ । ଅନ୍ଧକାରଟା ହୁଏତ ସେ ପସନ୍ଦ କରୁ ନ ଥିଲେ । ବର୍ଷା ଥମି ଆସିଲାଣି । ଖୁବ୍ ଧୀରେ ଧୀରେ ଝରୁଛି । ଶୈବାଳିନୀ ବାହାରକୁ ଚାହିଁଲେ—ନୀଳ ଆକାଶର ଅତି ତଳେ ଖଣ୍ଡେ ଧଳା ହାଲୁକା ବାଦଲ ଦିଗ୍‌ବଳୟ ଛୁଇଁବାକୁ ବ୍ୟଗ୍ର ହୋଇ ଉଠିଛି—

—ରବୀନ୍ଦ୍ର···!

ସାର !

—ବାସ୍ତବିକ୍ ତୁମେ ବୁଦ୍ଧୁ ରବୀନ୍ଦ୍ର ! ନୁହେଁ ? ଏଣିକି ଆଉ ଲେଖା ଲେଖି କରନା—ପରିହାସ କରି କହିଲେ ଅଧ୍ୟାପକ ।

Digitized by srujan ka@gmail.com

—ପ୍ରକୃତରେ ଏମାନଙ୍କର ଏଇ ବ୍ୟବହାର ଯୋଗୁଁ, ନିତାନ୍ତ ଦୁଃଖ ଲଗେ ସାର ! ଏମାନେ ବା କିପରି ଶିକ୍ଷିତ ହୋଇ ଦେଶର ଆଦର୍ଶ ହେବେ · !!!

ଏହା ମଧ୍ୟରେ ଅନେକ ଯାତ୍ରୀ ଓହ୍ଲାଇ ଗଲେଣି। ପୂର୍ବର ଭିଡ଼ ଆଉ ନାହିଁ। ନିହାତ ଫାଙ୍କା। ପଛରୁ କେତୋଟି ଯାତ୍ରୀ ଗୋଟାଏ ବେଞ୍ଚ ଅଧିକାର କରି ଶୋଇ ଗଲେଣି।

ଶୈବାଳିନୀ ବାହାରକୁ ଚାହିଁଛନ୍ତି ଝିପି ଝିପି ବର୍ଷାର କେତୋଟି ବୁନ୍ଦା ଛିଟିକି ଆସି ପଡ଼ୁଛି ହେମ ଗୌରବର୍ଣ୍ଣ ଦେହରେ ବେଶ୍ କମନୀୟ···

ବସ୍ ଚାଲିଛି—ଆଗେଇବାଟା ତାର ଧର୍ମ—

—ଆଜି ମୋର ସୌଭାଗ୍ୟ—ମୋ ଆଡ଼କୁ ଲକ୍ଷ୍ୟ କରି କହିଲେ ଶୈବାଳିନୀ।

ମୁଁ ଏ ଅନାଚକ ଅଭିବାଦନ ପାଇଁ ପ୍ରସ୍ତୁତ ନଥିଲି। ତଥାପି ଧୀର ଭାବରେ ପଚାରିଲି—

ମାନେ—?

ଆପଣଙ୍କ ପରି ଜଣେ ପ୍ରତିଭାବାନ୍ ଲେଖକଙ୍କ ଦର୍ଶନର ସୌଭାଗ୍ୟ ପାଇଁ।

ମୁଁ ଲେଖକ ବୋଲି କିପରି ଜାଣିଲେ ?

—ଏଇ ତ ବୁଦ୍ଧିମାନ···

ନୀରବ ରହିଲି—

—ଯାହାହେଉ ରକ୍ଷାକଲେ।

ଆପଣ ତାଙ୍କୁ ଉଚିତ ଶିକ୍ଷା ଦେଲେ। ଛି, ଛି—ଏମାନେ ଶିକ୍ଷିତ। କିନ୍ତୁ କି ନୀଚ, କି ଘୃଣ୍ୟ ଏମାନଙ୍କର ବ୍ୟବହାର···!!

Digitized by srujan ka@gmail.com

ମତେ ହସ ଲାଗିଲା । ଏଇ କ'ଣ ଏହାର ଉପଯୁକ୍ତ ପୁରସ୍କାର ? ଏତେ ପରିଶ୍ରମ କରି ମଧ୍ୟ ସେମାନେ ଠିକେ ଦେଲେ ପ୍ରଶଂସା ହାସଲ କରି ପାରିଲେ ନାହିଁ !! ଛି, ଛି,—ତେବେ ଜାଣି ଜାଣି ନିଜର ସମ୍ମାନ ହରାଇଲେ କାହିଁକି ? ପ୍ରେମଟା ବାଧ୍ୟ ପ୍ରକୃତିର ନୁହେଁ । ଯେପରି ତାହା ନିଷ୍କପଟ ମନର କେଉଁ ନିଗୂଢ଼ତମ—ମନର ଜନ୍ମ ସେଇଠି··

କ୍ଳାନ୍ତ·· ପୁଣି ଟୋଠାଏ କ୍ଳାନ୍ତ ହୋଇଯାଇଛି । ଶୈବାଳିନୀ ସେଇଠି ବିଦାୟ ନେଲେ । ବିଦାୟ ବେଳେ କହିଲେ—"ବାସ୍ତବିକ ମୁଁ ଆପଣଙ୍କଠାରେ ଋଣୀ । କେବେ ଯଦି ପାରନ୍ତି ତେବେ ଏହି ଗରିବ ଘରେ ଥରେ ପଦାର୍ପଣ କଲେ ନିଜକୁ ଭାଗ୍ୟବାନ ମନେ କରନ୍ତି···"

ସେ ଅନତି ଦୂରରେ ଏକ ଦ୍ୱିତଳ ପ୍ରାସାଦ ପ୍ରତି ହସ୍ତ ଲକ୍ଷ୍ୟ କଲେ । ବେଶ ସୁରମ୍ୟ···ସୁରୁଚି ପୂର୍ଣ୍ଣ ।

ବିଦାୟ ନେଲେ—ପ୍ରତି ନମସ୍କାର ଜଣାଇଲି···

ହଠାତ୍ ଅଧ୍ୟାପକ ହସି ହସି କହିଲେ—ରବିନ୍ଦ୍ର ! ତୁମ ଯାତ୍ରା ସଫଳ ହୋଇଗଲା । ଯାହାହେଉ ଯଥେଷ୍ଟ ଖାଦ୍ୟ ମିଳିଗଲା ତୁମ ଗପର ଉପାଦାନ ରୂପେ । କିନ୍ତୁ ମୁଁ···??

ନିଶ୍ଚୟ ପାଇବେ ସାର୍ ! କଷ୍ଟ ନ କଲେ କୃଷ୍ଣ ମିଳିବେନା··?

ହସି ଉଠିଲି ।···

ବସ ଚାଲିଛି—ଚାଲିଛି ଧୀରେ ଧୀରେ—ଖୁବ୍ ଧୀରେ ଆଗକୁ··

Digitized by srujan ka@gmail.com

ମଧ୍ୟପଦଲୋପୀ କର୍ମଧାରୟ

ବାତାୟନ ପଥରେ ଦମକାଏ ଝଡ଼ପବନ ଚନ୍ଦ୍ରିକାର ଲୁଣ୍ଠିତ କୁନ୍ତଳକୁ ନିର୍ମମ ଭାବରେ ଇତସ୍ତତଃ କରିଦେଲା । ଚନ୍ଦ୍ରିକା ପଲଙ୍କର ନିମ୍ନ ପାର୍ଶ୍ୱରେ ବସି ବୃଦ୍ଧଙ୍କର ପଦଦ୍ୱୟରେ ହସ୍ତ ସଂଚାଳନ କରୁଥିଲା । ଦୃଷ୍ଟିସୀମା ତାର ଗବାକ୍ଷ ଦେଇ ଲମ୍ବି ଯାଇଥିଲା ଦୂରକୁ —ବହୁତ ଦୂରକୁ । ବାହ୍ୟ ଜଗତଟା ଅନ୍ଧକାରମୟ । ରାସ୍ତା ପାର୍ଶ୍ୱର ବତୀ ଖୁଣ୍ଟରେ ବିଦ୍ୟୁତ-ଆଲୋକ ନାହିଁ କି ବିପଣୀର ତାରକା ଆଲୋକମାଳା ନଗରୀର ଶୋଭାକୁ ପରିବର୍ଦ୍ଧନ କରୁ ନାହିଁ । ସବୁ ଯେପରି ନିର୍ଜୀବ—ନିଃଶବ୍ଦମୟ···

ପ୍ରକୋଷ୍ଠର ଏକ ପ୍ରାନ୍ତରେ ଜ୍ୱଳନ୍ତ ଲ୍ୟାମ୍ପ୍‌ଟି ମ୍ଳାନ ନିଷ୍ପ୍ରଭ ଆଲୋକପାତ କରି ଭିତରର ଅନ୍ଧକାରକୁ ଯଥେଷ୍ଟ ପତଳା କରିଦେଉଛି । ଶୁଭ୍ର କାନ୍ଥ ଦେହରେ ଛାୟାପାତ ହୋଇଛି—କି ଅନୁପାତହୀନ ଭୀଷଣ ସତେ ସେ ଛାୟାପାତ !! ଉପକଥାର ରାକ୍ଷସୀ ରୂପ ପରି । ଶିହରି ଉଠିଲା ଚନ୍ଦ୍ରିକା··· ।

'ଇନ୍‌-କି-ଲବ··· ଜିନ୍ଦାବାଦ୍‌···ଶ୍ରମିକ ଦାବୀ ପୂର୍ଣ୍ଣ ହେଉ ···ଇନ୍‌-କି···ନୀରବତା ଭଗ୍ନ କରି ନଗରୀର ଉପକଣ୍ଠରୁ ସ୍ଳୋଗାନ ପ୍ରତିଧ୍ୱନିତ ହେଉଛି । ଶ୍ରମିକର ପ୍ରୋସେସନ୍‌ ଆସୁଛି ବୋଧହୁଏ । ବୈଦ୍ୟୁତିକ କର୍ମଚାରୀମାନେ ନିଜର ଦାବୀ ପୂରଣ-ପାଇଁ ଧର୍ମଘଟ କରିଛନ୍ତି । ଫଳରେ ବିଦ୍ୟୁତ୍ ସରବରାହ ବନ୍ଦ-ହୋଇଯାଇଛି ।

Digitized by srujan ka@gmail.com

ଓଃ…ବ୍ୟସ୍ତ ହୋଇ ଉଠିଲେ ବୃଦ୍ଧ । ବାତାୟନ ଦ୍ୱାର ବନ୍ଦ୍ କରିଦେଲା ଚନ୍ଦ୍ରିକା ରୋଗୀ ଅସୁସ୍ଥତାର ଆଶଙ୍କା କରି । ବାହାରର ଥଣ୍ଡା ପବନ ଲାଗି ଦେହ ବିଶେଷ ଖରାପ ହୋଇପାରେ…

ଚନ୍ଦ୍ରା ! …

ବାପା …

ହଁ, ମା' । ତୋତେ ବହୁତ କଥା କହିବାର ଅଛି—ବହୁତ କଥା କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ଅବସର ପାଇ ନଥିଲି । କିନ୍ତୁ ଆଜି କହିବି । ଅନ୍ୟଥାଃ ଆଉ ଅବସର ପାଇ ନ ପାରେ…

ଛି, ଏତେ ଗପନା ବାପା ! କଥାବାର୍ତ୍ତା କରିବାକୁ ପଞ୍ଚାନନ ଡାକ୍ତର ବାବୁ ମନା କରିଛନ୍ତି…ଦେହ ଭଲ ହୋଇଗଲେ ଯାହା-କହିବ ସବୁ ଶୁଣିବି ।

ହଁ, ତୁ ଠିକ୍ କହୁଛୁ—ସବୁ ବୁଝିପାରୁଛି ମା' । କିନ୍ତୁ ସମୟ ଦେଖି ତ ମନୁଷ୍ୟ କାର୍ଯ୍ୟ କରେ । ଆଉ ମୁଁ ଆଜି ଭାବୁଛି ଯେପରି ସମସ୍ତ କହିସାରିବା ପରେ ଯଥେଷ୍ଟ ଶାନ୍ତି ଓ ତୃପ୍ତି ଅନୁଭବ କରିବି । ତୁ କ'ଣ ତାହା ଚାହୁଁ ନା… ?

ନୀରବ ରହିଲା ଚନ୍ଦ୍ରିକା—ବୃଦ୍ଧଙ୍କର ଆଗ୍ରହରେ ବାଧା-ଦେଇ ଦୁଃଖ ଦେବାକୁ ସେ ଇଚ୍ଛା କଲାନି । ଧୀରେ ଧୀରେ ବୃଦ୍ଧଙ୍କର ପଦଦ୍ୱୟରେ ହସ୍ତ ସଂଚାଳନ କଲା । ମୁଖମଣ୍ଡଳରେ ଏକ ଅଶାନ୍ତ, ଅସ୍ଥିର କୃଷ୍ଣ ବାଦଲର ଛାୟା—

ବୃଦ୍ଧ ଧୀରେ ଧୀରେ ଆରମ୍ଭ କଲେ—"କୃଷ୍ଣକାନ୍ତ ଆଜି ଆସିଥିଲା କି ମା ?" "ନାଁ, ସେ ତ' କେବେହେଲେ ଆସନ୍ତିନି…"

ହଁ, ମୁଁ ଠିକ୍ ଜାଣେ ସେ କେବେହେଲେ ଆସିବନି । ଅଚ୍ଛା ରମାକୁ ପଠା ତ କୃଷ୍ଣକାନ୍ତକୁ ଥରେ ଡାକିଆଣୁ… ।

Digitized by srujan ka@gmail.com

ସମାଙ୍କୁ ପଠାଇବା ପାଇଁ ଚନ୍ଦ୍ରିକା ଅର ଘରକୁ ଉଠିଯାଉଥିଲା । ବୃଦ୍ଧ ପୁନଶ୍ଚ ଡାକିଲେ—'ନା, ଥାଉ ମା'—କୌଣସି ଆବଶ୍ୟକ ନାହିଁ । ହଁ—କୃଷ୍ଣକାନ୍ତ ବର୍ତ୍ତମାନ ତୁମର ଅଧ୍ୟାପକ ଅଛନ୍ତି ନା— ?

ନା, ସେ ସବୁ ଅବସର ନେଲେଣି······

ବୃଦ୍ଧ ନୀରବ ରହି କଣ ଭାବିଲେ···କପାଳର ଚର୍ମ କୁଞ୍ଚିତ ହୋଇ ଉଠୁଥିଲା—ସ୍ଲୋଗାନ୍ ଅଧିକ ସ୍ପଷ୍ଟ ହୋଇ ଉଠୁଛି··· ଅଂଧାରିତ ରାଜପଥ ଉପରେ ବୋଧହୁଏ ଧର୍ମଘଟକାରୀମାନେ ସେମାନଙ୍କର ଦାବୀର ସଙ୍କେତ ଶୁଣାଇ ଆସୁଛନ୍ତି ! ବିରକ୍ତ ହୋଇ ଉଠିଲା ଚନ୍ଦ୍ରିକା···ମୂର୍ଖଗୁଡ଼ାକ ନିଜର ଦାବୀ ପୂରଣ ପାଇଁ ସମସ୍ତଙ୍କୁ କାହିଁ ଅସୁବିଧାରେ ପକାଇବେ ? ଓଃ ଗାନ୍ଧିଜୀ ଏହି ଲୋକଗୁଡ଼ାକ ମଧ୍ୟରେ କି ଉତ୍କଟ ବୀଜ ବପନ କରିଗଲେ···!!

ବୃଦ୍ଧ ପୁନଶ୍ଚ ଧୀରକଣ୍ଠରେ ଆରମ୍ଭ କଲେ—"ଆଇରନ୍ ଚେଷ୍ଟ୍ ଖୋଲି ସେଇ ହାତୀଦାନ୍ତର ବାକ୍ସଟା ଆଣ ତ' ଚନ୍ଦ୍ରା···"

ଚନ୍ଦ୍ରିକା ସୁନ୍ଦର ହାତୀଦାନ୍ତ ପ୍ରସ୍ତୁତ ମୂଲ୍ୟବାନ ବାକ୍ସଟି ଆଣି ପଲଙ୍କ ଉପରେ ରଖିଲା । ବିମୁଗ୍ଧ ଅଥଚ ଉଦାସଦୃଷ୍ଟିରେ ତାଙ୍କର ପ୍ରିୟ ବାକ୍ସଟିକୁ ନିରୀକ୍ଷଣ କରୁଥିଲେ ସେ ଅବର ହରଣ୍ୟ ! ଲୁଟ୍ଟଣ ପାଣ୍ଡୁର ମୁଖମଣ୍ଡଳରେ କୋଟରଗତ ନିଷ୍ପ୍ରଭ ଚକ୍ଷୁ ଦୁଇଟି । ତଥାପି ସେ ଦୃଷ୍ଟିରେ ଯଥେଷ୍ଟ କିଛି ଭାଷା ଥିଲା···ଅବୋଧ··· କରୁଣ···

ହସ୍ତଦ୍ୱୟରେ ବାକ୍ସଟିକୁ ଟେକି ଧରିଲେ ହିରଣ୍ମୟ । କଣ୍ଠରେ କମ୍ପନ—ହସ୍ତରେ ସ୍ପନ୍ଦନ । ଅବଶ୍ୟ ଏଥିରେ ହୀରା, ନୀଳା, ଅଲଭ୍ୟ ମଣିମୁକ୍ତା ନାହିଁ । ତଥାପି ଏହାର ମୂଲ୍ୟ ମୋ ନିକଟରେ

Digitized by srujan ka@gmail.com

ଯଥେଷ୍ଟ ଦେଖି । ମୋ ଜୀବନ ଭିତରେ ଅନୁଭବ କରି ଆସିଛି—ଆଜି ମଧ୍ୟ ଅନୁଭବ କରୁଛି···କିନ୍ତୁ ଦିନେ, ଅବଶ୍ୟ ସେଇଟା କି ସୁମୁହୂର୍ତ୍ତି କି କୁମୁହୂର୍ତ୍ତି ମୁଁ ଜାଣେନା, ତାର ମତକୁ ଖଣ୍ଡନ କରି ଗୋଟିଏ ସମାଲୋଚନା ଲେଖିଥିଲି । ମୋର ମତ ସର୍ବସମ୍ମତ କମେ ଗୃହୀତ ହେଲା । କିନ୍ତୁ ସାହିତ୍ୟରେ ଭ୍ରାନ୍ତ ମତକୁ ଖଣ୍ଡନ କରି ସନ୍ଦର୍ଭ ପ୍ରକାଶ କରିବା କଣ ଦୋଷାବହ ? ଏଥିରେ କଣ କୌଣସି ବ୍ୟକ୍ତିଗତ ଆକ୍ରମଣ, ବ୍ୟକ୍ତିଗତ ଆକ୍ଷେପ ଥାଏ ? ସବୁ ସାହିତ୍ୟର ସେବା—ଯାହା କରାଯାଏ ସବୁ ସାହିତ୍ୟର ଅଭିବୃଦ୍ଧି ପାଇଁ । ସମସ୍ତ ଜଣା ଅଛି ସେଥିରେ ବ୍ୟକ୍ତିର ସ୍ଥାନ କାହିଁ ? କିନ୍ତୁ କୃଷ୍ଣକାନ୍ତ ମୋତେ ଭୁଲ୍ ବୁଝିଛି । ସେଦିନଠାରୁ ସମସ୍ତ ବନ୍ଧୁତାର ବନ୍ଧନ ଛିନ୍ନ କରିଛି କୃଷ୍ଣକାନ୍ତ । ବରଂ ମୋର ବିପକ୍ଷରେ ଶତ୍ରୁତା ଆଚରଣ କରିଛି । ପୁଣି ସୌହାର୍ଦ୍ଦ୍ୟ ଫେରାଇ ଆଣିବାକୁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଛି । ନିକ୍ଷିପ୍ତ ଶର ଅନେକଟା—ସେ ଆଉ ଫେରେନା···

—ସେଇଥିପାଇଁ କ'ଣ ସେ ଆମର ଘରଆଡ଼େ ଆସନ୍ତି ନାହିଁ ବାପା । ନୂତନ ଯୁଗରେ ଅଷ୍ଟମୀର ଅଲେଖ୍ୟ ଫୁଟାଇ ପଚାରିଲା ଚନ୍ଦ୍ରିକା ।

—ହିଁ, ମା ! ଏକାକୀ କୃଷ୍ଣକାନ୍ତ ନୁହେଁ—ଅନ୍ୟ ଅନେକ । ବର୍ତ୍ତମାନ ସେମାନଙ୍କର ନାମ ମୋର ମନେ ପଡୁନି—ସେତେବେଳେ ଜାଣିବା ଆବଶ୍ୟକ ମଧ୍ୟ ନ ଥିଲା ମଧ୍ୟ । ତଥାପି ସେମାନେ ମୋ ବିପକ୍ଷରେ ପ୍ରଚାର କରିଥିଲେ । ମୋର ଅବନତି ପାଇଁ ପ୍ରାଣପଣେ ଚେଷ୍ଟା କରିଥିଲେ । କିନ୍ତୁ କାହିଁକି ? ମୁଁ ତ କେବେହେଲେ ସେମାନଙ୍କର ବ୍ୟକ୍ତିଗତ ଜୀବନ ଉପରେ ଆକ୍ଷେପ କରି ନ ଥିଲି···!!

Digitized by srujan ka@gmail.com

"ଇନ୍-କି-ଲବ୍ ··· ଜିନ୍ଦାବାଦ୍ ଶ୍ରମିକ ଦାବୀ ପୂର୍ଣ୍ଣ ହେଉ"—ପ୍ରୋସେସନ୍ ଆମ୍ଭର ପାଖେଇ ଆସିଲା । ଠିକ୍ ତଳ ରାଜପଥ ଉପରେ । ସ୍ଲୋଗାନରେ ଉଭୟ ପାର୍ଶ୍ବର ପ୍ରାସାଦମାଳା ପ୍ରତିଧ୍ୱନିତ ।

ଦାବୀ ପୂରଣ ହେବ ··· କେଉଁ ଉର୍ଦ୍ଧ୍ବତନ କର୍ମଚାରୀ ଦୁର୍ବ୍ୟବହାର କରନ୍ତି ବା ସ୍ୱଳ୍ପବେତନ ଅନାଟନ ପାଇଁ ଦରମା ବୃଦ୍ଧିର ଦାବୀ··ଯାହା ହେଉନା କାହିଁକି—କିନ୍ତୁ ମୁର୍ଦାବାଦ ଧ୍ବନି କାହିଁକି ? ସରକାରର ବା ଦୋଷ କଣ ? ଇଏ ପ୍ରତ୍ୟେକ କ୍ଷେତ୍ରରେ ଏ ତେଉଁ ସ୍ୱାର୍ଥ ଆଉ ରାଜନୈତିକ ଅଭିସନ୍ଧି···!!

ସେ ମୋର ଜୀବନଯାତ୍ରାର ପ୍ରାରମ୍ଭ ! ବଞ୍ଚି ରହିବାକୁ ହେଲେ ସାହସର ସହିତ ସମ୍ମୁଖୀନ ହେବାକୁ ପଡ଼େ—ଠିକ୍ ସେହି ସମୟର କଥା । ମୁଁ ଡାକ୍ତର ନଥିଲି କି ବୈଜ୍ଞାନିକ ନଥିଲି । ଠିକ ଠିକ୍ କରି ବିଶ୍ଳେଷଣ କରି ଜୀବାଣୁ ବିପକ୍ଷରେ ଲଢ଼େଇ କରି ନଥିଲି କିମ୍ବା ପ୍ରାକୃତିକୁ ଅପ୍ରାକୃତ ବା ଅପ୍ରାକୃତକୁ ପ୍ରାକୃତ କରିବାର ସ୍ୱପ୍ନ କେବେ-ହେଲେ ଦେଖି ନାହିଁ । ମୁଁ ଅଧ୍ୟାପକ, ଅଧ୍ୟାପନା ମୋର ଏକମାତ୍ର କାର୍ଯ୍ୟ । ତାରି ମଧ୍ୟଦେଇ ଜୀବନଭରି ଠିକଣାଖି କରି ବିଶ୍ଳେଷଣ କରି ଆସିଛି, ସତର୍କ ଦୃଷ୍ଟିରେ ଦୀର୍ଘ ସମୟ ଧରି ନିରୀକ୍ଷଣ କରିଛି, ତନ୍ନ ତନ୍ନ କରି ଆଲୋଚନା କରିଛି । ଜ୍ଞାନର ଅଣୁବୀକ୍ଷଣ ଓ ଦୂରବୀକ୍ଷଣ ଯନ୍ତ୍ରର ସାହାଯ୍ୟ ନେଇ ସାହିତ୍ୟକୁ ତନ୍ନ ତନ୍ନ କରି ସମାଲୋଚନା କରିବାକୁ ଚେଷ୍ଟା କରିଛି । କିନ୍ତୁ ମା' ! ମୁଁ ଛିଦ୍ରାନ୍ବେଷୀ ନୁହେଁ, କେବଳ ଅନ୍ୟର ଭୁଲ ଦର୍ଶାଇ ମୁଁ ଆନନ୍ଦ ପାଇବି ! ମୁଁ ସମାଲୋଚକ, ସମାଲୋଚନାର ମାନଦଣ୍ଡକୁ ନେଇ ଦୋଷ, ଗୁଣ ଦର୍ଶାଇବାକୁ ବରାବର ଚେଷ୍ଟା କରିଛି । ଅନେକ ପୁରାତନ ମତକୁ

Digitized by srujan ka@gmail.com

ଖଣ୍ଡନ କରି ନୂତନ ମତ ଉପସ୍ଥାପିତ କରିଛନ୍ତି । କିନ୍ତୁ ଆଜି ମୁଁ ଦେଖୁଛି ଖାଲି ଭୁଲ ଆଉ ଭୁଲ···ମୋ ଜୀବନଟା ଯେପରି ଭୁଲର ଗୋଟିଏ ପ୍ରଦର୍ଶନୀ ଗୃହ । ଦେଖି ଦେଖୁନ୍ତୁ—ଦେଖେ··ସମସ୍ତେ କିପରି ଆଜି ମୋତେ ଅଟ୍ଟହାସ କରୁଛନ୍ତି···

ବୃଦ୍ଧ ସଜଳ ନୟନରେ କାନ୍ଥ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କଲେ । ଚମକି ଚାହିଁଲା ଚନ୍ଦ୍ରିକା··ଶୁଭ୍ର କାନ୍ଥ ଦେହରେ ଏକ ବିରାଟ ବ୍ୟାଘ୍ରର ଛାୟା ଧୀରେ ଧୀରେ ଅପସରି ଯାଉଛି । ସେହି ଆଡ଼କୁ ବୃଦ୍ଧ ସଜଳ ନୟନରେ ଚାହିଁରହିଛନ୍ତି···"—ଛି ଏମିତି କାହିଁକି ବ୍ୟସ୍ତ ହେଉଛ ବାପା ! ସେଇଟା ପରା ଆମ କୁଳ ବରିଡ଼ର ଛାଇ । କାହିଁ— ! ସମସ୍ତେ ତ ତୁମର ସୁନାମ ଗାଉଛନ୍ତି । ଆଉ ଭୁଲ ଦେଖାଉଛି କିଏ···?"

"ନାଁ, ନା—ସେ କିଛି ନୁହେଁ । ଡରିଲୁ କି ମା' ? ବୃଦ୍ଧ ହୋଇଗଲିଣି ନା·· କ'ଣ କୁଆଡ଼ୁ ଗୋଟିଏ କହିଦେଲି···?

ହଁ—ମୋର ଠିକ୍ ମନେ ଅଛି ଏଇ ସେଇଦିନ··ଚନ୍ଦ୍ରକାନ୍ତ ସେ ଥିଲା ମୋର ସହକର୍ମୀ । ତା' ମୋ ମଧ୍ୟରେ ଯଥେଷ୍ଟ ବନ୍ଧୁତା ଥିଲା । ଖାଲି ସେତିକି ନୁହେଁ—ଅତି ସାନ୍ଦ୍ର । ଉଭୟଙ୍କ ମଧ୍ୟରେ ଯଥେଷ୍ଟ ହାର୍ଦ୍ଦିକତା ଥିଲା ।

ଝରକା ଖୋଲି ଚାହିଁଲା ଚନ୍ଦ୍ରିକା, ପ୍ରୋସେସନ ଅନ୍ଧକାର ମଧ୍ୟରେ ଆଗେଇ ଚାଲିଛି । କେତେକଙ୍କ ହାତରେ ବଡ଼ ବଡ଼ ପୋଷ୍ଟର ପାମ୍ପଲେଟ୍··· କେତୋଟି ମଶାଲର ଈଷତ୍ ଲାଲ ଆଲୋକରେ ଦୃଶ୍ୟ ହେବାକୁ ଚେଷ୍ଟା ହୋଇଛି—

ବୃଦ୍ଧ ଉତ୍ସୁକ ହୋଇ ପଚାରିଲେ—ବାହାରେ କି ଗୋଳମାଳ —ଚନ୍ଦ୍ରା—ଇଲେକ୍ଟ୍ରିକାଲ ଶ୍ରମିକମାନେ ଧର୍ମଘଟ କରିଛନ୍ତି ନିଜର ଦରମା ବୃଦ୍ଧି ପାଇଁ । ତାଙ୍କର ପ୍ରୋସେସନ୍

Digitized by srujan ka@gmail.com

— ଓ ସେଥିପାଇଁ ଆଜି ବିଦ୍ୟୁତ୍ର ସରବରାହ ବନ୍ଦ···ନୁହେଁ ? ହଁ—ମନୁଷ୍ୟ ବଞ୍ଚି ରହିବା ପାଇଁ ବରାବର ସଂଗ୍ରାମ କରି ଆସିଛି । ମୁଁ ସଂଗ୍ରାମ କରୁଛି । ତୁ ବି ସଂଗ୍ରାମ କରିବୁ, ସମସ୍ତେ ସଂଗ୍ରାମ କରିବେ । ଦେଶ—ସେମାନେ ଆଜି ତାହାହିଁ କରୁଛନ୍ତି···କ୍ଷତି କଣ··· ?

—କିନ୍ତୁ ନୀରବରେ ଏହା କ'ଣ ସମ୍ଭବପର ନୁହେଁ ବାପା ? ନଗରର ଏତେ ଲୋକଙ୍କୁ ଅସୁବିଧାରେ ପକାଇ ନିଜର ଦାବୀ ପୂରଣ କରିବେ···ଅସହଯୋଗ ବ୍ୟତୀତ ଦାବୀ କେବେହେଲେ ନୀରବରେ ପୂରଣ ହୋଇ ପାରେନା ଚନ୍ଦ୍ରା । ଅସହଯୋଗ ବ୍ୟତୀତ ଭାରତ ସ୍ୱାଧୀନ ହୋଇ ନଥାନ୍ତା କି ଶକ୍ତିଶାଳୀ ଇଂରେଜ ସରକାର ପଙ୍ଗୁ ହୋଇ ପଡ଼ି ନଥାନ୍ତା, ତେବେ ଅସହଯୋଗହିଁ ଜନତା ମଧ୍ୟରେ ସ୍ପନ୍ଦନ ଆଣେ ।

କାନ୍ଥ ଘଣ୍ଟାରେ ବାଜିଲା ଏଗାର । ଉଠିଯାଇ ଔଷଧ ଆଣି ବୃଦ୍ଧଙ୍କୁ ଖୁଆଇ ଦେଲା ଚନ୍ଦ୍ରିକା । ଔଷଧର ତିକ୍ତତାରେ ବୃଦ୍ଧ କିଛିକ୍ଷଣ ନୀରବ ରହିଲେ । ଚନ୍ଦ୍ରିକା ଭାବୁଥିଲା ମନୁଷ୍ୟ ସର୍ବଦା ବଡ଼ ହେବାକୁ ଚାହେଁ—ଆକୃତିରେ ନୁହେଁ ସୌଭାଗ୍ୟରେ··· । ଗ୍ଲାସ୍ଟା ହାତରେ ଧରି ଆଲୋକ ଆଡ଼କୁ ଦେଖାଇଲା··· କାନ୍ଥ ଦେହରେ ଠିକ୍ ହସ୍ତ ଓ ଗ୍ଲାସର ଏକ ପରିବର୍ଦ୍ଧିତ ଛାୟା···ମନୁଷ୍ୟ ଯଦି ଏତେ ସହଜରେ ବଡ଼ ହୋଇ ପାରୁଥାନ୍ତା···

ବୃଦ୍ଧ ବ୍ୟସ୍ତ ହୋଇ ପାର୍ଶ୍ୱ ପରିବର୍ତ୍ତନ କଲେ । କଣ୍ଠ ପରିଷ୍କାର କରି ପୁନଶ୍ଚ ଆରମ୍ଭ କଲେ—କଣ୍ଠରେ ଭାଷା ନିର୍ବେଗ—ତୁ କ'ଣ ଭାବୁଛୁ ମା' ! ତୋର ବାପା ଏହି ଅସୀମ ପ୍ରକୃତି ମଧ୍ୟରେ ଗୋଟିଏ ନୀରସ, ଶୁଷ୍କ ଜୀବ । ଚିରଦିନ ସେ ମରୁର ବିରାଟ ବାଲୁକା ଆଲୋଡ଼ନ କରି ଆସିଛି ବା ବନ୍ଧୁର ପଥ ଉପରେ ରୁକ୍ଷ ପଦକ୍ଷେପ କରି ଆସୁଛି,

Digitized by srujan ka@gmail.com

ନା—ଭୁଲ । ତା ଜୀବନରେ ମଧ୍ୟ ଦିନେ ଶିହରଣ ଆସିଥିଲା । ସେ ମଧ୍ୟ ଅସୀମ ପ୍ରକୃତିର ଦିଗନ୍ତ ବିସ୍ତୃତ ନଗ୍ନ ସୌନ୍ଦର୍ଯ୍ୟକୁ ଦେଖି ଦେଖି ଆତ୍ମହରା ହୋଇ ପଡ଼ିଥିଲା···ଅସଂଖ୍ୟ ରଙ୍ଗୀନ କଳ୍ପନାକୁ ନେଇ ମନଭୁଲ ହୋଇ ଉଠିଥିଲା···। ସ୍ୱପ୍ନ ଦେଖି ଦେଖି ଉଡ଼ିଯାଇଥିଲା କଳ୍ପନାର ଅମରାବତୀକୁ··· ସେ ମଧ୍ୟ ଗଳ୍ପ ଲେଖକ ଥିଲା ।

ଚନ୍ଦ୍ରିକା ବ୍ୟସ୍ତ ହୋଇ ଉଠୁଥିଲା । ବୃଦ୍ଧଙ୍କର ଅବାରିତ କଥାସ୍ରୋତରେ ସ୍ୱାସ୍ଥ୍ୟର ଆଶଙ୍କା କରୁଥିଲା ସର୍ବଦା କିନ୍ତୁ ବାରଣ କରିପାରୁ ନଥିଲା··· ବ୍ୟଥିତ ହୋଇ ପାରନ୍ତି ।

" ଜୀବନରେ ଯେତେବେଳେ ବାସ୍ତବ ଓ ନିଷ୍ଠ ଅଭିଜ୍ଞତା ମିଳେ ସେତେବେଳେ ତାର ରୂପାୟନ ଅଦ୍ଭୁତ ବାସ୍ତବ···ଅଦ୍ଭୁତ ହୃଦୟସ୍ପର୍ଶୀ ହୋଇ ଉଠେ । ସ୍ୱପ୍ନା—ସୁଲେଖିକା, ସୁଗାୟିକା, ସୁଗୃହିଣୀ—ମୁଁ ଅର୍ଥରେ ଯେ କୌଣସି ବିଶେଷଣରେ ଅଳଂକୃତ କରିଯାଇ ପାରେ···ଜୀବନରେ ଉପଭୋଗ ପାଇଥିଲା ପ୍ରାଚୁର୍ଯ୍ୟ ମଧ୍ୟରେ ଜୀବନ ତା'ର ଗଢ଼ି ଉଠିଥିଲା— ମନୁଷ୍ୟ ସୁଖ ବୋଲି ଯାହା କଳ୍ପନା କରେ, ସମସ୍ତ ସେ ପାଇ ପାରିଥିଲା —ତଥାପି ସେ ସୁଖୀ ହୋଇ ପାରି ନଥିଲା··· ଦିନରାତି ନୟନର ଲୋତକ ଢାଳି ପାଷାଣ ଦେବତାର ପଦ ପ୍ରାନ୍ତରେ ନିଜର ଅନ୍ତରର ମିନତି ଢାଳି ଦେଉଥିଲା। ଅକ୍ଳାନ୍ତ··· ଅକୁଣ୍ଠିତ ଚିତ୍ତରେ···ସେ ନାରୀ··· ସମସ୍ତ ପାଇଥିଲେ ମଧ୍ୟ ନାରୀତ୍ୱର ସାର୍ଥକତା ପାଇଁ ଯେଉଁ ଅଦମ୍ୟ କାମନା ଥାଏ ତା'ର ପୂର୍ଣ୍ଣ ହୋଇ ପାରି ନଥିଲା··· ସେ ମାତୃତ୍ୱ ଅନୁଭବ କରି ପାରିନି··· କିନ୍ତୁ ଯେଉଁ ଦିନ ପାଷାଣ ଦେବତାର ସୌଜନ୍ୟ ନବନୀତ ପିତୁଳାରେ ରୂପାୟିତ ହୋଇଥିଲା ସେ ଦିନ ପୂଜାରିଣୀ ନଥିଲା···ସ୍ୱପ୍ନା ଭୁଲିଯାଇଥିଲା ଦିଗବଳୟ

Digitized by srujan ka@gmail.com

ସେପାଖରେ ଏକ ଅଦୃଶ୍ୟ ସ୍ନିଗ୍ଧଶ୍ୟାମ ଉପଦ୍ୱୀପକୁ··· କେବଳ ଘୁଞ୍ଚି ଯାଇଥିଲା ଆଶା, ଆକାଂକ୍ଷା ଓ ଆନନ୍ଦର ଚିର ଅଭିଳଷିତ ତା'ର "ଜୀବନ୍ତ ସମ୍ଭାବନାକୁ····ସେ ମାତୃତ୍ୱର ସୁଖ ଉପଭୋଗ କରିପାରି ନଥିଲା, କିନ୍ତୁ ଗୌରବ ଅନୁଭବ କରିଥିଲା···ଯନ୍ତ୍ରଣାର ଅନ୍ତିମପର୍ଯ୍ୟାୟରେ ମୃତ ଶିଶୁ ମୁଖରେ ମଧ୍ୟ ଫୁଟି ଉଠୁଥିଲା ତୃପ୍ତି ଓ ଆନନ୍ଦର ଏକ ସୁସ୍ପଷ୍ଟ ସଙ୍କେତ, ସତେ ଯେପରି ଏତିକିରେ ସେ ଯଥେଷ୍ଟ କିଛି ପାଇଛି··· ଆଉ ଅଧିକା କିଛି ଇଚ୍ଛା କରେନା···" ବୃଦ୍ଧଙ୍କର କୋଟରଗତ ନିଷ୍ପ୍ରଭ ନେତ୍ରକୋଣରେ ଦୁଇବୁନ୍ଦା ଲୋତକ ଥରି ଉଠିଲା ।

ବ୍ୟଗ୍ର ହୋଇ ପଚାରିଲା ଚନ୍ଦ୍ରିକା— 'ତୁମେ କାନ୍ଦୁଛ ବାପା ?' ଛି—ମୋ ରାଣ ତୁମେ ଏଣୁ ତେଣୁ ଗୁଡ଼ାଏ ଗପନା—ଦେହ ଖରାପ ହେବ ପରା···ଚନ୍ଦ୍ରିକା କଣ୍ଠରେ ଅନୁରୋଧ ଅତି କରୁଣ ।

ଚମକି ପଡ଼ିଲେ ବୃଦ୍ଧ । ନିଜର ମନୋଭାବ ଗୋପନ ରଖି ଲୋତକ ବିନ୍ଦୁ ଦୁଇଟି ଚଞ୍ଚଳ ପୋଛି ପକାଇଲେ—'ନା' ମା ! ସେ କିଛି ନୁହେଁ, ମୁଁ କାହିଁକି କାନ୍ଦିବି । ହଁ, ସେହି ସମୟର ସାହିତ୍ୟିକ ଓ ଲେଖକର ଗୌରବରେ ମଣ୍ଡିତ ହୋଇ ପାଇଥିଲି ଏହି ଦୁଇଟି ଉପହାର—

ବୃଦ୍ଧ ଶୀର୍ଣ୍ଣ ଅସ୍ଥିର ହସ୍ତରେ ବାକ୍ସଟିକୁ ଖୋଲି ଉପହାର ଦୁଇଟି ଚକ୍ଷୁ ସମ୍ମୁଖରେ ଟେକି ଧରିଲେ—ସ୍ୱର୍ଣ୍ଣ ଅଙ୍ଗୁରୀୟ ଓ କାରୁକାର୍ଯ୍ୟ ଖଚିତ ରୌପ୍ୟ ଝରଫୁଲ । କିନ୍ତୁ ଯାହାର ପ୍ରେରଣା ତାହାର ଉତ୍ସାହ ପାଇ ମୁଁ ଏତେଦୂର ଆଗେଇ ପାରିଥିଲି— ସିଏ ଏ ଗୌରବ ଉପଭୋଗ କରିବାକୁ ନାହିଁ···ଅଶରୀରୀ । ସେ କିଏ ଜାଣୁ ମା'···?

ଜିଜ୍ଞାସୁ ଦୃଷ୍ଟିରେ ବୃଦ୍ଧଙ୍କ ମୁହଁକୁ ଚାହିଁ ରହିଥିଲା ଚନ୍ଦ୍ରିକା ବୃଦ୍ଧଙ୍କ ଓଷ୍ଠଦ୍ୱୟ ଆବେଗରେ ଥରି ଉଠୁଥିଲା···।

Digitized by srujan ka@gmail.com

'...ସେ...ସେ ସେହି ଗଳ୍ପର ନାୟିକା ସ୍ୱପ୍ନା...ହଁ, ହଁ—ସ୍ୱପ୍ନା ...ତୋର ମାତା...ସେଙ୍କ ଅନ୍ତରର ନିବିଡ ଅନଶ୍ଳେଷ ଦେଇ ତତେ ଥରେ ଦେଖିବାର ସୁଯୋଗ ପାଇବନି...

ଆବେଗରେ ନିଜର ହାତ ଉପରେ ବାକ୍ସଟିକୁ ଚାପି ଧରିଲେ ବୃଦ୍ଧ । ଚକ୍ଷୁରୁ ବାହାରି ଆସୁଥିଲା ଅବିଶ୍ରାନ୍ତ ଗତିରେ ଲୋତକର ବନ୍ୟା...

କାନ୍ଦି କାନ୍ଦି ପଲଙ୍କ ଉପରେ ଲେଟି ପଡ଼ିଲେ ଚନ୍ଦ୍ରିକା । ଅନ୍ତରର ଚୁପ କୋହରେ ଫୁଲି ଫୁଲି ଉଠୁଥିଲା ସେ—ମା'...ମାତୃତ୍ୱର ସ୍ନେହ ସେ ଆଜି ଜାଣେନା...

(ଦୁଇ)

ପ୍ରକୋଷ୍ଠର ଦ୍ୱାର ଉନ୍ମୁକ୍ତ କରି ପ୍ରବେଶ କଲେ ଜଣେ ନାରୀ... ଆଧୁନିକା...ପୃଷ୍ଠଦେଶରେ ଆଲମ୍ବିତ କୃଷ୍ଣ ଚିକ୍କଣ ବେଣୀ ନୀଳପ୍ରୀତ କର୍ଣ୍ଣରେ । ଦୋଳାୟମାନ...ମୂଲ୍ୟବାନ ପରିଚ୍ଛଦରେ ଉଜ୍ଜ୍ୱଳଛଟା ଆବୃତ ଓ ସଜ୍ଜିତ...ବିମ୍ବାଧରରେ ହସର ଝଲକ...ସେ ଧୀର ପଦ-କ୍ଷେପରେ ଆସି ପଲଙ୍କ ନିକଟରେ ଦଣ୍ଡାୟମାନ ହେଲେ । ବୃଦ୍ଧଙ୍କ ରୁଗ୍ଣ ପାଣ୍ଡୁର ମୁଖମଣ୍ଡଳରେ ମୃଦୁ ହସ ଫୁଟି ଉଠିଲା...ଅନେକ ସମୟ—ନୀରବ ଓ ସ୍ପନ୍ଦନ...ବୃଦ୍ଧ ଉଠି ବସିବାକୁ ଚେଷ୍ଟା କଲେ—କିନ୍ତୁ ସମର୍ଥ ହେଲେନି...ଶୋଇରହି ସେହିପରି ଚାହିଁ ରହିଥିଲେ... କିନ୍ତୁ ଏ ନୀରବତା କାହିଁକି ? ଚିତ୍ତର ଚିତ୍ତ ସହିତ ମିଳନ ...ଦୃଷ୍ଟିର ଦୃଷ୍ଟି ସହିତ ଭାବ ବିନିମୟ... ହଠାତ୍ ଅଗନ୍ତୁକାଙ୍କର ଏ ବେଣୀ-ବନ୍ଧନ ଉନ୍ମୁକ୍ତ ହୋଇ ଉଠିଲା... ଶୁକ୍ଳବର୍ଣ୍ଣର ପରିଚ୍ଛଦ ଉପରେ ଆଲମ୍ବିତ ଅଳକାସିକ୍ତ କେଶରାଶି ତାଙ୍କର ବିପର୍ଯ୍ୟସ୍ତ ହୋଇ ଉଠିଲା

Digitized by srujan ka@gmail.com

···ଆଗକୁ ଚକ୍ଷୁ ସମ୍ମୁଖରେ ମଧ୍ୟ ଲମ୍ବି ଆସିଛି କେଉଁ କେଶୀ କେଶ···‘ଆ···ସ···’ ଧୀର କଣ୍ଠର ନମ୍ର ଆହ୍ୱାନ···ସୁସ୍ପଷ୍ଟବ୍ୟକ୍ତ ପର ବୃଦ୍ଧ ଉଠି ବସିଲେ···ଆଗରେ ଆଗନ୍ତୁକା···ପଛରେ ବୃଦ୍ଧ···ଆଗେଇ ଚାଲିଲେ ଆଗକୁ ଆଗକୁ—ଯାହାର ଯେପରି ବିରାମ ନାହିଁ···ଚିତ୍କାର କରି ଉଠିଲା । ଚନ୍ଦ୍ରକା—‘ବାପା !’

ଚନ୍ଦ୍ରା !···ଚନ୍ଦ୍ରା···!!

ଚନ୍ଦ୍ରକା ଚମକି ଉଠି ବସିଲା । ଘାତ ତଳର ସ୍ପନ୍ଦନ ତାର ଦ୍ରୁତଗାମୀ ଯନ୍ତ୍ର ପରି ବେଗଶୀଳ, ମୁଣ୍ଡଟା ଘୂରି ଯାଉଛି । ଏ କ’ଣ ? କେତେବେଳୁ ତ ସକାଳ ହୋଇ ଗଲାଣି । ଉଃ—ଗତ ରାତିରେ କେତେବେଳେ ସେ ଶୋଇପଡ଼ିଛି ଅଦୌ ଜାଣେନା···କେଷ୍ଟ ର ଟେଲତକ ଝର ପଲଙ୍କ ଉପରେ ଶଯ୍ୟାର ବୃତ୍ତପରିମିତ ସ୍ଥାନ ଆର୍ଦ୍ର । ଔଷଧଦେବା ସମୟ ବିଳମ୍ବ ହୋଇଗଲାଣି । ବିବ୍ରତ ହୋଇ ପଡ଼ିଲା ଚନ୍ଦ୍ରା—

ବୃଦ୍ଧଙ୍କର କୁଞ୍ଚିତ ଚିବୁକ ଉପରେ କେତେବେଳେ ଦୁଇଧାର ଲୁହ ଗଡ଼ିଆସି ଶୁଖି ଯାଇଛି ସ୍ପଷ୍ଟ ଦେଖାଯାଉଛି····

—ଡାକିଲୁକି ମା’? ଉଃ—ମୋ ପାଇଁ ତୋ ଦେହ ଖରାପ ହୋଇଗଲାଣି । ଟିକିଏ ଶାନ୍ତିରେ ବିଶ୍ରାମ ନେଉନୁ··

—ନା, ଗୋଟାଏ ସ୍ୱପ୍ନ ଦେଖିଲି···।

ବୃଦ୍ଧ ଚକ୍ଷୁ ମୁଦ୍ରିତ କରି କ’ଣ ଭାବିଲେ, ଯେପରି ତାଙ୍କର ଆହୁରି ଅନେକ କାର୍ଯ୍ୟ ବାକୀ ରହିଯାଇଛି···ଚନ୍ଦ୍ରାର ଜୀବନ ଛନ୍ଦ —ସ୍ୱପ୍ନର ସ୍ୱପ୍ନ···ତାଙ୍କର ଆଶା ଭରସା···ନା ଆଉ ସେ ବଞ୍ଚି ପାରିବେନି—ସମୟ ଯେପରି ଆସିଛି···

ଚନ୍ଦ୍ରକା ବୃଦ୍ଧଙ୍କ ପାଟିରେ ଔଷଧ ଦେଲା । ଔଷଧ ଢୋକକୁ ଢୋକକୁ ବୃଦ୍ଧ କହିଲେ, “ଆଃ ! ଚନ୍ଦ୍ରା ! ଆଜି ପରି ସାନ୍ତ୍ୱନା ଦେଇକୁ

ଯିବୁ ମା' ? କେତେ ଲେଖକ ଲେଖିକାଙ୍କ ସହିତ ଦେଖା ହେବ । ଡେରି ହୋଇଯାଉଛି ଯା..."

ନାଁ...

ଯିବୁନି ? ଲେଖକ ଲେଖିକାଙ୍କ ସହିତ ପରିଚୟ କରିବା ଇଚ୍ଛା କରୁନା ? ହୁଏତ ଜୀବନର ଏହା ଗୋଟିଏ ସୁଯୋଗ । ମୁଁ କଣ ଜାଣେନା ? ସବୁ ଜାଣେ ମା', କିନ୍ତୁ...ହଉ, ତୋର ଏ ବୁଢ଼ାବୁଅ ତୋତେ ବହୁତ ହଇରାଣ କଲାଣି...

ଚନ୍ଦ୍ରାର ମୁଖମଣ୍ଡଳରେ ଲଜ୍ଜାର ପାଟଳିମା ପକ୍ଷ ବିସ୍ତାର କଲା । ସେ ଅନୁଭବ କଲା—ଏହି ଅଳ୍ପ ସମୟ ମଧ୍ୟରେ ସେ ଯେପରି ପଥେଷ୍ଟ ଅଗେଇ ଯାଇଛି... କୌମାର୍ଯ୍ୟ ମଧ୍ୟରେ ମାତୃତ୍ୱର ମାଧୁରିମା ଯେପରି ତାର ହୃଦୟ ମଧ୍ୟରେ ସଞ୍ଚରି ଯାଇଛି । ସେ ମାତୃତ୍ୱର ଶାସକ କଣ୍ଠରେ କହିଲା— "ଓଁ...ସେମିତ ଯଦି କହିବ..."

ବୃଦ୍ଧଙ୍କ ଓଠରେ ହସର ରେଖା ଖେଳିଗଲା—ଅତି ପ୍ରାଣସ୍ପର୍ଶୀ ଓ କରୁଣ...

ହଉ ମା' ! ଏହି ସୁପ୍ରଭାତରେ ମୁଁ ତୋତେ ଆଶୀର୍ବାଦ କରୁଛି ଜୀବନରେ ଗୋଟିଏ ସୁଲେଖିକା ହୋ... ଆଉ...ଆଉ...ନେ ତୋର ବୃଦ୍ଧ ପିତା ଜୀବନ ସଂଗ୍ରାମରେ ଯେଉଁ ଗୌରବ ପାଇଥିଲା ତାକୁ ଯେପରି ଅନାଦର ନ କରୁ—ବୃଦ୍ଧଙ୍କ କଣ୍ଠ ଆହୁରି ଶୀର୍ଣ୍ଣ ଓ ଦୁର୍ବଳ...

ହିରଣ୍ମୟୀ ..!

ବୃଦ୍ଧ ଅଧୈର୍ଯ୍ୟ ହୋଇ କହି ଉଠିଲେ—"କିଏ କୃଷ୍ଣକାନ୍ତ... !!

Digitized by srujan ka@gmail.com

ହଁ ଭାଇ ! ମୁଁ କୃଷ୍ଣକାନ୍ତ...ତୋର ନିନ୍ଦୁକ କୃଷ୍ଣକାନ୍ତ । କିନ୍ତୁ ଆଜି କ୍ଷମା ଦେ···ମୋତେ କ୍ଷମା ଦେ ହିରଣ୍ମୟ...ତା ନ ଦେଲେ ଜୀବନରେ ମୁଁ ଶାନ୍ତି ପାଇ ପାରିବିନି କି ପାରିବ ନାହିଁ··· ।

ବୃଦ୍ଧ ଆବେଗରେ ଉଠି ବସିବାକୁ ଚେଷ୍ଟା କଲେ ଓ ବିଫଳ ହେଲେ । ଡାକିଲେ—"କୃଷ୍ଣକାନ୍ତ···!!" ବୃଦ୍ଧଙ୍କ ମୁଖରେ ଆନନ୍ଦ ଓ ତୃପ୍ତିର ସଙ୍କେତ—"କୃଷ୍ଣକାନ୍ତ ତୁ ଆସିଛୁ ?"

ହଁ ଭାଇ ! ମୁଁ ସେଇ କୃଷ୍ଣକାନ୍ତ ଆଜି ମୋତେ କ୍ଷମା ଦେ—ଆଜି ଆଉ କୃଷ୍ଣକାନ୍ତର ଖ୍ୟାତି ନାହିଁ···ଆଜି ତାର ହିଂସାର ଲାଳସା ଝରି ପଡ଼ିଛି ଆପେ ଆପେ ···ମାନ, ମହତ୍ତ୍ୱ, ସମ୍ମାନ ସମସ୍ତ ଧୂଳିସାତ୍ ହୋଇଛି···ତାର ଜୀବସାଧ ଧସ୍‌ପଡ଼ି ଯାଇଛି···ଆଜି ପର୍ଯ୍ୟନ୍ତ ଯାହା ସମସ୍ତ ଲେଖି କୃଷ୍ଣକାନ୍ତ ଗୌରବ ପାଇଥିଲା ସେ ସମସ୍ତ ଫମ୍ପା ମୂଲ୍ୟହୀନ, ସେ ସମସ୍ତ ତାର ନିଜସ୍ୱ ନୁହେଁ··· ଅନ୍ୟ ସାହିତ୍ୟରୁ ଚୋରି ।

କୃଷ୍ଣକାନ୍ତ··· !!

ହଁ—ଭାଇ ! ଆଉ କୃଷ୍ଣକାନ୍ତ ଅନ୍ୟ କିଛି ଚାହେଁନା, ସେ ଯଥେଷ୍ଟ ପ୍ରାୟଶ୍ଚିତ୍ତ ପାଇଛି । ସେ ଆଜି ମଧ୍ୟପଦଲୋପୀ କର୍ମଧାରୟ । ସେ କେବଳ ଚାହେଁ କ୍ଷମା···ତୋର ପ୍ରତିଭାର ନିନ୍ଦା କରି ଯଥେଷ୍ଟ ଭୁଲ କରିଛି, ମୋତେ କଣ କ୍ଷମା ଦେବୁନି ହିରଣ୍ମୟ··· ?

ବୃଦ୍ଧ କୃଷ୍ଣକାନ୍ତଙ୍କର ହସ୍ତ ଦୁଇଟି ସ୍ପର୍ଶ କରିବାକୁ ହସ୍ତ ପ୍ରସାରଣ କଲେ— କିନ୍ତୁ ଅର୍ଦ୍ଧ ପଥରେ ଅଟକି ଗଲା·····ଶିଥିଳ ହସ୍ତ ଅସ୍ପର୍ଶ ରହିଗଲା—

ଗୃହ ମଧ୍ୟରେ କାରୁଣ୍ୟର ଜୁଆର······

ଦୂରରେ ବିଶ୍ୱର ଲେଖକ ଲେଖିକାମାନଙ୍କ ସମ୍ମୁଖରେ ଗୌରବ ମଣ୍ଡିତ ପୁରସ୍କାର ନେଇ ମଞ୍ଚ ଉପରୁ ଓହ୍ଲାଇ ଆସୁଥିଲେ କୃତୀ ଲେଖକ ଗଣ ।

Digitized by srujan ka@gmail.com

କଲମ ମୁନର ବିପ୍ଳବ

କଲମଟା ଜୋର୍‌ରେ ଫୋପାଡ଼ି ଦେଇ ଟେବୁଲ୍ ପାଖରୁ ଉଠି ଆସିଲେ ନିର୍ମଳ—

ମିଲ୍ ଚାଲିଛି—ଅବିଶ୍ରାନ୍ତ ଗତିରେ ବଡ଼ ବଡ଼ ଲୌହଚକ୍ର ଗୁଡ଼ିକ ଘୂରି ଯାଉଛି ନିଜର ସ୍ଥିତି ହରେଇ । କି ଭୀଷଣ ସତେ ! ଘର୍ଘର ଶବ୍ଦରେ ବାୟୁମଣ୍ଡଳ ମୁଖରିତ । ନୀଳିମ ଆକାଶର ହୃଦ୍-ନନ୍ଦରେ ସିଗାରେଟର ବିଷାକ୍ତ ନିକୋଟିନ୍‌ଭରା ଧୂମ୍ରପରି ଖେଳଇ ଦେଉଛି କେତେ ଉପରକୁ ଉଠି ଯାଇଥିବା ଚିମ୍‌ନିରୁ ଉଦ୍‌ଗିରିତ କଳା ମଚ୍ ମଚ୍ ଧୂଆଁ ଗୁଡ଼ାକ । ବାୟୁମଣ୍ଡଳ ଧୂମାୟିତ ହୋଇ ଉଠିଛି—ନିଶ୍ୱାସ ବନ୍ଦ ହୋଇଯାଉଛି ସତେ··

ନା—ଆଉ ଲେଖି ହେବନି—ଏମାନେ ଆଉ ଲେଖିବାକୁ ଦେବେନି । ଶାନ୍ତି ! ନୀରବତା ! କାହିଁ ନୀରବତା ? ଆଧୁନିକ ଯାନ୍ତ୍ରିକ ସଭ୍ୟତା ତାକୁ ପଲ ପଲ କରି ହତ୍ୟା କରିଛି—ତା'ର ବିମୋହିନୀ ଶକ୍ତିକୁ କରି ଦେଇଛି ପଙ୍ଗୁ । ମନୁଷ୍ୟ ଯନ୍ତ୍ର ପାଲଟି ଯାଉଛି—ଯନ୍ତ୍ର ପରି କାର୍ଯ୍ୟ କରିଯାଉଛି । ଦିନସାରା ସବୁଭଳି ଶ୍ରମିକ ଖଟି ଖଟି ଯାହା ପାଏ ସେଥିରେ ତାର ପେଟ ପୁରେନି । ଅନାହାରରେ ଭାଙ୍ଗି ପଡ଼େ ତାର ମେରୁଦଣ୍ଡ—ମ୍ୟାଲେରିଆ, କଳାଜର, ଯକ୍ଷ୍ମା । ଆଉ ପୁଞ୍ଜିପତି ମିଲ୍‌ମାଲିକ ବସି ବସି ଏହି

Digitized by srujan ka@gmail.com

ମନୁଷ୍ୟାକୃତ ପଶୁମାନଙ୍କର ଲକ୍ଷ ଲକ୍ଷ ଟଙ୍କା ଉତ୍ପାଦନରୁ ଫାଇଦା ଉଠାଇ ସଭ୍ୟ ସମାଜର ଅଗ୍ରଣୀ ହୋଇଏ । ସତେ—କେଡ଼େ ଦୁର୍ଦ୍ଦାନ୍ତ ଏହି ଲୋକ ଗୁଡ଼ାକ !!

'ଓଃ, ତୁମେ ଲେଖି ପାରୁନା ନିର୍ମଳ । ଭାବନା ଗୁଡ଼ାକ ଗୋଳମାଳ ହୋଇଯାଉଛି କେବେଠୁ ? ବେଶ୍ ବେଶ୍—ଖୁବ୍ ସୁନ୍ଦର ଉପାୟ ଅଛି—ତୁମେ ଯେ ବାସ୍ତବରେ ଅଜ୍ଞ । ଆଜିକାଲି ଦେଖିବ ଓ ଲେଖକ ଯେତେ ଝୁଣ୍ଟିଲା ପରି ଗୃହଆଡ଼େ ଉଙ୍କିମାରି ଉଠୁଛନ୍ତି ସେମାନେ ତ ସମାଜକୁ କିଛି ଦାନ କରନ୍ତି ନାହିଁ ବରଂ ଗୁଡ଼ାଏ ବାଜେ ଜିନିଷ ଲେଖି ତାର ମର୍ଯ୍ୟାଦା ହାନି କରୁଛନ୍ତି । ତେଣୁ ସେମାନଙ୍କୁ ଲୋଡ଼େନା ସଭ୍ୟ ଜଗତ । ସଭ୍ୟ ଜଗତ ନିଜର ପରିପୁଷ୍ଟି ଓ ଅଭିବୃଦ୍ଧି ନିମନ୍ତେ ଲୋଡ଼େ ଯନ୍ତ୍ରର ପ୍ରସାର·· କଳ କାରଖାନାର ବହୁଳ ପ୍ରସାର । ଚାଲିଯାଅ ତୁମେ ଶାନ୍ତି ଓ ନୀରବତା ରାଜୁତି ଭରିଥିବା ହିମାଦ୍ରିତ ହିମାଳୟକୁ । ଯେଉଁଠି ଉପାଦାନ ପାଉଛ ସେଠାରେ । ନୀରବ ସାଧକ-କବି ପରି ଗଦା ଗଦା ଲେଖିଯାଉଥିବା ଆଜି ତୁମ କୃତିର ଉପଯୁକ୍ତ ପାଠକ ରୂପେ ପାଇବ ଧଳାଭାଲୁ, ସଙ୍ଗୀମାନଙ୍କୁ—

ରାମଲାଲ୍ ମୁଖରେ ତାଚ୍ଛଲ୍ୟର ମୁସ୍କି—

ଓ—ରାମଲାଲ···ମିଲ୍ ମାଲିକ ରାମଲାଲ୍ । କେତେ ମୂର୍ଖ ସତେ ଏ ଲୋକଟା । ସାହିତ୍ୟ ଯେ ସଭ୍ୟତା ଓ ସମାଜର ମେରୁଦଣ୍ଡ ସେ ବାସ୍ତବରେ ସମ୍ପୂର୍ଣ୍ଣ ଅଜ୍ଞ । ବିଦ୍ୟାର ଧାର ଧାରେନା, ତଥାପି ମଧ୍ୟ ଦେଖ ତାର ସାହସ । ଜଣେ ବିଶିଷ୍ଟ ସାହିତ୍ୟିକ ଓ ଅଭିଜ୍ଞ ବ୍ୟକ୍ତି ପରି ନିଜର ଥିଓସିସ୍ ଦେଇଯାଉଛି । ମୂର୍ଖ···

ସାମାନ୍ୟ ଉତ୍ତେଜିତ ହୋଇ ଉଠିଲା ନିର୍ମଳ । ମୁଖମଣ୍ଡଳଟା ଅସ୍ୱାଭାବିକ ରୂପେ ଲାଲ୍—

Digitized by srujan ka@gmail.com

ନା—ଏପରି ସ୍ୱାର୍ଥାନ୍ୱେଷୀ ଶୋଷକଙ୍କୁ ପ୍ରଶ୍ରୟରେ ଦେଶ ଗୃହେଁ ନା । ଉଦ୍‌ଧାର ମୁଖାପେକ୍ଷୀ ଏମାନେ ଉଡ଼ାଏନ୍ତି । ପୁଂଜିବାଦ ଲୋପ ହେଉ ଆଉ—ତା ସହିତ ଏ କଲକାରଖାନା ଗୁଡ଼ାକ, ଯେଉଁ ଗୁଡ଼ାକ କି ଦାନବୀୟ ଅବିରାମ ଘଡ଼ଘଡ଼ର ଶବ୍ଦରେ ଅଶାନ୍ତିର ବାୟୁମଣ୍ଡଳ ସୃଷ୍ଟି କରୁଛନ୍ତି । ବାସ୍ତବରେ ସ୍ୱାଧୀନ ଦେଶର ନାଗରିକ ! ଭୋକିଲା ପେଟରେ ବି ଟିକିଏ ଶାନ୍ତି ମିଳେନା···

କିନ୍ତୁ ଏତେ ଭାବପ୍ରବଣ ହୁଅନା ନିର୍ମଳ ! ଏହି କଳ କାରଖାନା ନେଇ ଯିଏ ଗୁଡ଼ାଏ ପର ମୁକ୍ତି ଯେମିତି ଲେଖକଙ୍କର ଭାବନାରେ ଆସୁ ଅଛେ । କିନ୍ତୁ ଯେଉଁ ଲକ୍ଷ ଲକ୍ଷ, କୋଟି କୋଟି ମଜୁରିଆ ଏଥି ଲାଗି ବଞ୍ଚିଛନ୍ତି ତାଙ୍କ ବିଷୟ କେବେ ଥରେ ହେଲେ ଭାବିଛ କି ? ଆଜି ଯେଉଁ ମାନେ ଦେଶର ନେତା ସାଜି···ଶ୍ରମିକର ମା'ବାପ ସାଜି ମଙ୍ଗଳ ପାଇଁ ଧର୍ମଘଟ କରିବାକୁ ପ୍ରବର୍ତ୍ତାନ୍ତି, ସେମାନେ ବି ଥରେ ହେଲେ ଭାବନ୍ତି ଯେ ଏଇମାନେ କାହାର ଦାନାଗୁଡ଼ାକ କଟାଇବେ ? ହୁଏତ ସେତେବେଳେ ନେତା ନିଜର ନେତୃତ୍ୱ ବଜାୟ ରଖେ ଆଉ ରୁଟି ଖଣ୍ଡେ ନ ପାଇ ପିଲାଛୁଆ, ସ୍ତ୍ରୀ ସହିତ ଭୋକରେ ଘର କୋଣରେ ପଡ଼ି ରହେ ଶ୍ରମିକ—

ରାମଲାଲ ମୁହଁରେ ପୂର୍ବ ପରି ତାଚ୍ଛଲ୍ୟର ହସ—

ଉତ୍ତେଜିତ ହୋଇ ପଡ଼ିଲା ନିର୍ମଳ । ସତେ ତ—ମୋ ଗଳ୍ପର ପ୍ରଧାନ ଉପାଦାନ ହେଉଛି ମଜଦୁର—କାରଖାନାର ଜଣେ ମଜୁରିଆ । ପୁଞ୍ଜିପତିର ଅତ୍ୟାଚାରରୁ ରକ୍ଷାକର ତାର ଆନନ୍ଦ ଓ ପୂର୍ଣ୍ଣ ସ୍ୱାଚ୍ଛନ୍ଦ୍ୟର ସ୍ୱପ୍ନହିଁ କେବଳ ମୋ ଗଳ୍ପର ପୃଷ୍ଠଭୂମି । ଯଦି କଳକାରଖାନାରେ ଧ୍ୱଂସ ସାଧନ କରେ ତେବେ···? ତେବେ···? ମଜଦୁର—ଲକ୍ଷ ଲକ୍ଷ ମଜଦୁର ବେକାର ହୋଇଯିବେ । ଆଉ ତେବେ ଏହି ଦୁଃଖି ମଜୁରିଆ

Digitized by srujan ka@gmail.com

ପାଇଁ ବା କରିପାରିଲା କି'ଣ ? ବରଂ ତାର କ୍ଷଣିକ ସୁଖ ଧ୍ୱଂସ କରିବାକୁ ଆଗେଇ ଗଲା । ତେବେ...? ତେବେ...?

କ୍ଷିପ୍ରଗତିରେ ଗୃହ ମଧ୍ୟରେ ପଦଚାରଣ କରିବାରେ ଲାଗିଲା ନିର୍ମଳ—ବିମଲଲ ମୁଖରେ ସତେ ଯେପରି ବିଜେତାର ହସ ଫୁଟି ଉଠୁଛି—

ନା—ନା, ସେ କଳକାରଖାନାର ଧ୍ୱଂସ ସାଧନ କରି ପାରିବ ନାହିଁ । ତେବେ ସାର୍ବଜନୀନ ମଙ୍ଗଳ ପାଇଁ ଜନବସତିଠାରୁ ଦୂରରେ କଳକାରଖାନା ପ୍ରତିଷ୍ଠିତ ହେଉ ଆଉ ଏହି ବିପଦ୍‌ଜନକ ଯନ୍ତ୍ର ନିକଟରେ ଶ୍ରମିକର ଜୀବନକୁ ନିରାପଦରେ ରକ୍ଷା କରିବାକୁ ଯଥେଷ୍ଟ ଯତ୍ନ ନିଆଯିବାହିଁ ସେ ଚାହିଁବ—

ହଠାତ୍ ମିଲ୍‌ରେ ହୋର କରି ଉଠିଲା ବିପଦ ସୂଚକ ଘଣ୍ଟି । ଯନ୍ତ୍ର ଗୁଡ଼ାକ ନିସ୍ତବ୍ଧ ହୋଇ ଗଲେଣି । ବାହାରେ ଠିଆ ହୋଇଛନ୍ତି ନାଲି ଛକ ଚିହ୍ନିତ ଗାଡ଼ି, ବୋଧହୁଏ କୌଣସି ଶ୍ରମିକ ଦୁର୍ଘଟଣାରେ ପଡ଼ିଲା... .

ବାସ୍ତବିକ୍ କେତେ ବିପଦ୍‌ଜନକ ସତେ ଏ ଶ୍ରମିକ ଜୀବନ, ନିତିଦିନିଆ ଜୀବନରେ ସେ ଏହିପରି ଦେଖି ଆସୁଛି । ଆମ୍ବୁଲାନ୍‌ସ ଏହିପରି ପ୍ରତିଦିନ କେତେ ଶ୍ରମିକଙ୍କୁ ବହି ନେଉଛି । କାହାର ହାତ କଟି ଯାଉଛି, କାହାର ଗୋଡ଼ କଟିଯାଇ ପଙ୍ଗୁ ହୋଇଯାଉଛି । ଆଉ କେହି ବା ଜୀବନ ହରେଇଛି । ଘରେ ଯୁବତୀ ସ୍ତ୍ରୀ...ପିଲାଛୁଆ, କିନ୍ତୁ ସେମାନଙ୍କର ବ୍ୟବସ୍ଥା...?

ଦୁଃଖିତ ହୋଇଛି ସେ—ସହାନୁଭୂତିରେ ତା'ର ହୃଦୟ ଭରି ଉଠିଛି । ତଥାପି ସେ କିଛି କରି ପାରିନି । କିନ୍ତୁ ଆଜି କାହିଁକି ତା' ମନ ଅସ୍ୱାଭାବିକ ରୂପେ ବିଦ୍ରୋହୀ ହୋଇ ଉଠିଲା । ନା—

Digitized by srujan ka@gmail.com

ମାଲିକ ନିଷ୍ଠୁର କ୍ଷତିପୂରଣ ଦେବ—ଅବସ୍ଥା ନେଇ ଯଥେଷ୍ଟ ପରିମାଣରେ ଦଗ୍ଧ....

ମନ୍ଦାରର ଜୀବନ ଶ୍ରମିକର ଜୀବନ...ବିପଦସଙ୍କୁଳ ଜୀବନ,—ଠିକ୍ ସାରୁପତ୍ର ଉପରେ ଟୋପାଏ ପାଣି ପରି । କେଉଁ ମୁହୂର୍ତ୍ତରେ ସେ ଖସି ପଡ଼ିବ ତାହା ସେ ଜାଣେନା, ତଥାପି ସେ ଯାଏ ସେଇ ଶ୍ରମିକଙ୍କ ଲାଗି । ପାଠ ବିଶେଷ ପଢ଼ିନି ମନ୍ଦାର, କେବଳ ନିଜ ନାମଟି ବଡ଼ ବଡ଼ କରି ଦସ୍ତଖତ କରି ଜାଣେ, ଆଉ ସେଇଥି ତାର ଯଥେଷ୍ଟ । ତଥାପି ତାକୁ ଖୁବ୍ ଭଲ ପାଏ ନିର୍ମଳ । ଆଜି ସେ ବି ପ୍ରତିଦିନ ଆସେ । ହୁଏତ ତାର ପରିଶ୍ରମି ଜୀବନରେ ଏହାହିଁ କ୍ଷଣିକ ଆନନ୍ଦ...ମୁକ୍ତି । ସନ୍ଧ୍ୟାର ଅନ୍ଧାରରେ ତାର ଦୁଃଖ ସୁଖ ନିର୍ମଳ ଆଗରେ କହେ—ଆଜି ସ୍ତ୍ରୀ ଦେହ ଭଲ ନାହିଁ···ଝିଅ ଦୁଇଟାକୁ ଜର, ଔଷଧ···ଔଷଧ ଆଣିବାକୁ ପଇସା ନାହିଁ ...କାମକୁ ନ ଗଲେ ତ ଚୁଲି ଉପରକୁ ହାଣ୍ଡି ଯିବନି...ଏହାପରି ଅନେକ କଥା । ନିର୍ମଳ ଶୁଣେ ଦରଦଭରା କାହାଣୀଗୁଡ଼ାକ...ଦୁଃଖିତ ହୁଏ ଆଉ ସେଇ ଉପାଦାନକୁ ନେଇ ଲେଖିବ ସେ ଗଳ୍ପ । ତାର ଲେଖାରେ ଏ ଗୁଡ଼ାକ ଖାଦ୍ୟ ଯୋଗାଏ ଯଥେଷ୍ଟ ··

·

ରବି ସେତେବେଳେ ଅନେକ ହୋଇ ଅପେ—"ବାବୁ ! ଆଜି ଗୋଟାଏ ଗପ ଶୁଣେଇଲେନି ?" ମନ୍ଦାରର ଅନୁରୋଧଟା ଏଡ଼ାଇ ଦେଇ ପାରେନା । ସେ ଦିନରେ ଲେଖା ହୋଇଥିବା ଗଳ୍ପଟି ପଢ଼େ, ଶୁଣି ଶୁଣି ଅସ୍ଥିର ହୋଇ ପଡ଼େ ମନ୍ଦାର । ସତେ—କେତେ ସୁନ୍ଦର ହୋଇଛି ବାବୁ ଏ ଗପଟି !! ବସ୍ତିରଟି ଠିକ୍ ମୋପରି ଦୁଃଖୀ···

Digitized by srujan ka@gmail.com

ନିର୍ମଳ ଖାଲି ହସେ—କିନ୍ତୁ ଉତ୍ତର ଦିଏନା—

ଆଜି ସେ ଲେଖିବ ପୁଂଜିବାଦ ବିପକ୍ଷରେ ବିପ୍ଳବ କରି, ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ବିପ୍ଳବ କରି । ଶ୍ରମିକ ନିକଟରେ ମୁଣ୍ଡ ନୋଇଁବ ମାଲିକ…ଆଉ ଦୁଃଖୀର ସମବେଦନା ଜଣେଇବ…. ଶ୍ରମିକର ଆଉ କିଛି ଦୁଃଖ ରହିବନି…ଜୀବନରେ ତାର ପାଇବ ଶାନ୍ତି… ବିପ୍ଳବ ବ୍ୟତିରେକେ ଶାନ୍ତିର ସ୍ଥିତି ଅସମ୍ଭବ । ନା— ବିପ୍ଳବ କରିବାକୁ ହେବ—

କ'ଣ କଲମ ମୁନରେ ବିପ୍ଳବ ? ! ?

"ଓ, ତାହାହେଲେ ବିଶ୍ୱାସ ଅଛୁନି । କିନ୍ତୁ ଜାଣ—ରକ୍ତାକ୍ତ ବିପ୍ଳବ ଅପେକ୍ଷା କଲମ ମୁନର ବିପ୍ଳବ ଅଧିକ ତୀକ୍ଷଣ…ଅଧିକ ଭୟଙ୍କର….

"କିନ୍ତୁ ପାଗଳର ପ୍ରଳାପ କହୁଛି ତ…

ବେଶ୍ ବେଶ୍— ତେବେ ଦେଖିବ । କଲମ ମୁନର ଶକ୍ତି ବିଷୟରେ ତୁମେ ଅଜ୍ଞ । ଦେଶର ସମସ୍ତ ଶକ୍ତି ଏହି କଲମ ମୁନରେ ନିହିତ । ସାମାନ୍ୟ କେତୋଟି ଅକ୍ଷର ଯାହା ତୁମ ନିକଟରେ ଅତି ହେୟ, ଜନତା ମଧ୍ୟରେ ଏକ ବିରାଟ ପ୍ରତିକ୍ରିୟା ସୃଷ୍ଟି କରିପାରେ ।

ଅପ୍ରତ୍ୟାଶିତ ଭାବରେ ଘର ଭିତରକୁ ପଶି ଆସିଲା ହରି—ମନ୍ଦିରାର ସହ ଶ୍ରମିକ । ଆଖିରେ ତାର ଲୁହ । ଥର ଥର କଣ୍ଠରେ କହିଲା—"ବାବୁ ! ମନ୍ଦିର କଳରେ କଟିଗଲା—"

" ଏଁ…"—ଏକ ଅସ୍ପଷ୍ଟ ଶବ୍ଦରେ ଆର୍ତ୍ତନାଦ କରି ଉଠିଲା ନିର୍ମଳ ।

"—ହଁ—ବାବୁ ! ଗତ ରାତିରେ ଅପଣ ତାକୁ ଯେଉଁ ଗପଟି ଶୁଣାଇ ଥିଲେ ସେ ଆମ ଆଗରେ କହୁଥିଲା । କେଡେ ସୁନ୍ଦର

Digitized by srujan ka@gmail.com

ଗପ ବାବୁ ! ଭଦ୍ରୁ ଭଦ୍ରୁ ମଝିରେ ମଝିରେ କପର ନିଜକୁ ଭୁଲି ଯାଉଥିଲା । ହଠାତ୍...”—ଆଉ କିଛି କହି ପାରିଲନି । କେବଳ ଆଖି ଦୁଇଟିରୁ ଲୁହ ବୋହିଚୁଥିଲା ।

ତା ପରେ...?

କଳରେ ଲଟିଯାଇ ଶୁଆମୂଳରୁ ହାତଟା କଟିଗଲା । ଏହି ଅଳ୍ପ ସମୟ ଭିତରେ ଯେଉଁ ଘଣ୍ଟାଟା ବାଜିଲା ସେତିକିବେଳେ “ବାବୁ !”

ତେବେ ତାର ଅବସ୍ଥା କପରି ହେଲା ? —ଉଦ୍‌ବିଗ୍ନ ହୋଇ ପଚାରିଲା ନିର୍ମଳ...

“ବହୁତ ରକ୍ତ ବୋହିଲା ! ଅଟେଁ ବନ୍ଦ ହେଲାନି, ଯେତେ ଚେଷ୍ଟା କଲେ ବି ଶେଷରେ...”—ଆଉ କହି ପାରିଲାନି ହରି । ଦୁଇଟା ଅଶ୍ରୁ ତା’ର ଲୁହରେ ଛଳ ଛଳ ହୋଇ ଆସୁଥିଲା ।

ଚଉକି ଉପରେ କପର ଅସହାୟ ଭାବରେ ବସି ପଡ଼ିଲା ନିର୍ମଳ । ତାର ଚକ୍ଷୁକୋଣରେ ଜକେଇ ଆସିଲା ଦୁଇବୁନ୍ଦା ଲୁହ । ତେବେ ବର୍ତ୍ତମାନ ମଦନର ସ୍ତ୍ରୀର ଅବସ୍ଥା ? ତା’ ପିଲାଙ୍କର ଅବସ୍ଥା ? ଏଣିକି ମୁଠାଏ ଖାଇବାକୁ ନ ପାଇ ମରିବେ କିନା, ନା,ନା—ରାମଲାଲ ତୁମକୁ ଯଥେଷ୍ଟ କ୍ଷତିପୂରଣ ଦେବାକୁ ହେବ...ମଦନର ସ୍ତ୍ରୀ ଓ ପିଲାମାନଙ୍କର ପ୍ରତିପୋଷଣର ସମସ୍ତ ଭାର ତୁମକୁ ବହନ କରିବାକୁ ହେବ, ନଚେତ ବିପ୍ଳବ କରିବାକୁ ହେବ । ଆଉ ବିପ୍ଳବ ହେବ, ଯେପରି ଶ୍ରମିକର ଜୀବନ କଳ କାରଖାନାରେ ନିରାପଦ ହୁଏ ।

ବିପ୍ଳବ !!!

କିନ୍ତୁ ତା’ର ଯେ ଶକ୍ତି ନାହିଁ ବିପ୍ଳବ କରିବାକୁ । ତେବେ ? ନା, ସେ କଲମ ମୁନରେ ବିପ୍ଳବ କରିବ । ଲୋକେ ହସିବେ, ଥଟ୍ଟା କରିବେ, ପାଗଳର ପ୍ରଳାପ ବୋଲି କହିବେ । ବେଶ—କହନ୍ତୁ, ସେଥିରେ ତା’ର

Digitized by srujan ka@gmail.com

ଯାଏ ବା ଅସେ କେତେ ? ଯେଉଁମାନେ ଭାବନ୍ତି ଯେ କଲମ ମୁନର ଶକ୍ତି ଖୁବ୍ କମ୍ ସେମାନଙ୍କର ସେ ବିଷୟରେ ଆଦୌ ଧାରଣା ନାହିଁ । ଯୁଗେ ଯୁଗେ ତ' ଲେଖକମାନେ ବିପ୍ଳବ କରି ଅସିଛନ୍ତି ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ । ଖାଲି ତ ବିପ୍ଳବ କରି ନାହାନ୍ତି—ବିପ୍ଳବର ତା'ର ଚୂଡାନ୍ତ ସମାଧାନ କରିବାକୁ ଛାଡ଼ି ନାହାନ୍ତି—ରୁଷୋ, ଭୋଲ୍‌ଟାୟାର....ସେମାନଙ୍କର କଲମ ମୁନରେ ସୃଷ୍ଟି କଲେ ଫରାସୀ ବିଦ୍ରୋହ...ମାର୍କିନ ଲେଖାରେ ଆରମ୍ଭ ହେଲା ରୁଷିଆରେ ବିଦ୍ରୋହ । ତେବେ କଲମ ମୁନର ଶକ୍ତି କଣ କମ୍ ଶକ୍ତିଶାଳୀ ! ନା, ତାକୁ ସ୍ୱତନ୍ତ୍ର ବିପ୍ଳବର ଆହ୍ୱାନ କରିବାକୁ ହେବ—

"—ଦେଖ ନିର୍ମଳ ! ତୁମେ ସେ ବାଜେ କଥାରେ ମୁଣ୍ଡ ଖେଳାଅନି । ନିଜ କାର୍ଯ୍ୟରେ ମନ ଦିଅ । ଯଥେଷ୍ଟ ଲେଖି ସାହିତ୍ୟର ସେବା କର । ମୁଁ ତମର ଦରକାର ଅନୁସାରେ ସମସ୍ତ ଅର୍ଥିକ ସାହାଯ୍ୟ ଦେବାକୁ ପ୍ରସ୍ତୁତ ଅଛି । ଆଜି ପ୍ରତିଶ୍ରୁତି ଦେଉଛି ଯେ ତୁମର ଲେଖା ଗୁଡ଼ିକ ଛପାଇ ଦେବାକୁ ଯାହା ଦରକାର ସମସ୍ତ ଦେବି । ତୁମେ ଅଯଥାରେ ଏହି କାଙ୍ଗାଳମାନଙ୍କ ପାଇଁ ମୁଣ୍ଡ ଖେଳାଇ ସମୟ ନଷ୍ଟ କରନା ।"

ହସିଲା ନିର୍ମଳ । ତାହାହେଲେ ଏବେ ଜାଣିଲ କଲମ ମୁନର ଶକ୍ତି । କିନ୍ତୁ ତୁମେ ଭୁଲ୍ କରୁଛ ସାମଲାଲ୍ ! ମୁଁ କାହାର ଅନୁଗ୍ରହର ପ୍ରାର୍ଥୀ ହେବାକୁ ଚାହେଁନା, ବରଂ ମୋ ପ୍ରତି ଯେତିକି ଅନୁଗ୍ରହ ଦେଖାଇବାକୁ ପ୍ରସ୍ତୁତ ତାକୁ ଏହି ଶ୍ରମିକମାନଙ୍କ ପ୍ରତି ଜଣାଇଲେ ଖୁସି ହେବି । ସେହିମାନଙ୍କର ଜୀବନ ସୁଖ, ସ୍ୱାଚ୍ଛନ୍ଦ୍ୟ ପ୍ରତି ଦୃଷ୍ଟି-ଦିଅ । କ'ଣ ପାରିବ...?

କିନ୍ତୁ ମୁଁ ସେଥିରେ ବର୍ତ୍ତମାନ ସମ୍ମତି ଦେଇ ପାରୁନି ନିର୍ମଳ—

Digitized by srujan ka@gmail.com

"ତା' ତ ମୁଁ ବହୁତ ଆଗରୁ ଜାଣେ । ଟଙ୍କାଦେଇ ଆଉ ବେଶୀ ଦିନ ଏହି ଶ୍ରମିକର ମୁଖ ବନ୍ଦ କରି ପାରିବନି । ଆଉ ତୁମେ ବି ଏତେ ସହଜରେ ସମାଧାନ ଗୁଝିବନା । ଉଚିତମତ ଶିକ୍ଷା ନ ପାଇବା ପର୍ଯ୍ୟନ୍ତ ତୁମପରି ଲୋକମାନଙ୍କର ସଦ୍‌ବୁଦ୍ଧି ଆସେନା—

ଟେବୁଲ୍ ଉପରୁ ଜୋର୍ କରି କଲମଟା ଉଠେଇ ଆଣିଲା ନିର୍ମଳ—

ମିଲ୍‌ର ଲୌହଚକ୍ର ଗୁଡ଼ିକ ଭୀଷଣ ଘର୍ଘର ଶବ୍ଦ କରି କାହାରି କେଉଁଠିର ଭିତରେ ହଜି ଯାଉଥିଲେ......

Digitized by srujan ka@gmail.com

ପ୍ରତିଶୋଧ

(ଏକ)

ରାତ୍ରୀ ଗମ୍ଭୀର ହୋଇ ଆସୁଥିଲା···

ଆରବ ଆକାଶ ତଳେ ଖଣ୍ଡି ଖଣ୍ଡି ତମ୍ବୁ ଥାଉ ଥରି ଶୋଇ ଯାଇଥିଲା । ଉପରେ ନୀଳ ଆକାଶ ବକ୍ଷରେ ଖଇ ଫୁଟି ହେଲା ପରି ଅସଂଖ୍ୟ ତାରକା କାହିଁ କେତେଦୂର ପର୍ଯ୍ୟନ୍ତ ବିସ୍ତୃତ ହୋଇ ପଡ଼ିଛନ୍ତି । ଚାହିଁଲେ ଅନ୍ତ ପାଉନି, ତଥାପି ସେଗୁଡ଼ିକ ଚାହିଁ ରହୁଥିଲେ ମିଟ୍ ମିଟ୍ କରି ନିସ୍ତବ୍ଧ ଚାହାଣୀରେ । ଆଉ ତଳେ ବାଲୁକାର ଶଯ୍ୟା । ଯେଉଁଆଡ଼େ ଦୃଷ୍ଟି ଯାଏ, ଖାଲି ବାଲି ଆଉ ବାଲି । ତା'ର ଭିତରେ ଏଇ ଧଳା ଧଳା ତମ୍ବୁର ଥାଉ ଗୁଡ଼ିକ ଦିନର ପରିଶ୍ରାନ୍ତ କ୍ଲାନ୍ତ ପଥିକ ପରି ନିଦ୍ରିତ ।

ପ୍ରାୟ ସମସ୍ତ ତମ୍ବୁର ଆଲୋକ ଲିଭିଗଲାଣି । ଯାଯାବର ଗୋଷ୍ଠୀ ବୋଧହୁଏ ଶୋଇ ଗଲେଣି । ତମ୍ବୁହିଁ ଏହି ଆରବୀୟ ଯାଯାବର ଜୀବନର ଶ୍ରେଷ୍ଠ ବାସସ୍ଥାନ । ଦିନର ଝାଞ୍ଜି ଖରା, ଭୁହା ପରେ ଭୁହା ବାଲିର ଝଡ଼ । ସବୁ ସହି ଯାଯାବର ଆଗେଇ ଚାଲେ, ଆଉ ଆଶ୍ରୟ ନିଏ ଗୋଟିଏ ତମ୍ବୁରେ—ଯାଯାବରର ପ୍ରିୟା, ଯାଯାବରର ଜୀବନ, ଯାଯାବରର ଉପଭୋଗର ସମ୍ଭାର, ସବୁ ଏହି ତମ୍ବୁ ।

ସାରିଟା ଜନଶୂନ୍ୟ ନିର୍ଜୀବ ହୋଇ ଉଠୁଥିଲା । ଦୂରରୁ ବହିର ନିସ୍ତବ୍ଧତା ଭେଦ କରି ଭାସିଆସୁଥିଲା ଓଟମାନଙ୍କର ଶବ୍ଦ···

Digitized by srujan ka@gmail.com

ଗୋଟିଏ ମନୁଷ୍ୟର ଛାୟାମୂର୍ତ୍ତି ଧୀରେ ଧୀରେ ଆସି ଗୋଟିଏ ତମ୍ବୁ ସମ୍ମୁଖରେ ଠିଆହେଲା । ତମ୍ବୁଟିରୁ ଆଲୋକ ଏ ପର୍ଯ୍ୟନ୍ତ ଲିଭି ନାହିଁ । ଫାଙ୍କ ଦେଇ ବାହାରକୁ ଆଲୋକ ରେଖା କେଇଟା ଲମ୍ବିଯାଇ ମୁନିଆ ଗାର ପରି ବାଲୁକା ରାଶି ମଧ୍ୟରେ ପଶିଯାଇଛି । ସେହି ଆଲୋକରେ ପାଦତଳର ବାଲୁକା ରାଶି ନୃଉଚ୍ଚ ସାମାନ୍ୟ ବାର ହୋଇ ପଡୁଛି । ଭିତରେ ଏବେ ବି କେହି ଜାଗ୍ରତ ଥିବା ପରି ମନେ ହେଉଥିଲା । ଛାୟାମୂର୍ତ୍ତି ତମ୍ବୁର ଦ୍ୱାର ପର୍ଯ୍ୟନ୍ତ ଆଗେଇ ଯାଇ ଖୁବ୍ ଚୁପାସ୍ୱରରେ ଗୋଟିଏ କ'ଣ ଶବ୍ଦ କଲା, କାହାକିକୁ ଡାକିଲା ବୋଧହୁଏ···

ଅଳ୍ପ ସମୟ ପରେ ତମ୍ବୁର ଦ୍ୱାର ଆପେ ଆପେ ଅପସାରିତ ହେଲା । ଜଣେ ବୃଦ୍ଧ ଅତି ଧୀର ପଦକ୍ଷେପରେ ଆସି ସମ୍ମୁଖସ୍ଥ ବାଲୁକା ରାଶି ମଧ୍ୟରେ ଠିଆ ହେଲେ । ଦେହର ପୋଷାକ ସାଧାରଣ ପରିମାଣଠାରୁ ମୂଲ୍ୟବାନ୍ ମନେ ହେଉଥିଲା, କିନ୍ତୁ ଅଯତ୍ନ ମୁଖମଣ୍ଡଳରେ ଲମ୍ବିତ ଶ୍ମଶ୍ରୁ । ମୁଣ୍ଡରେ ଗୋଟିଏ ପଗଡ଼ି ମୁଣ୍ଡର ଆକାରକୁ ଯଥେଷ୍ଟ ବଡ଼ କରି ପଛକୁ ଲମ୍ବି ଆସିଛି । ଠିକ୍ ତା'ର ତଳେ ସୁଦୀର୍ଘ କପାଳରେ ବୟସର କାଳି ବୁଣି ହେଲାପରି କେତେଗୁଡ଼ିଏ ରେଖା ଅତି ସ୍ପଷ୍ଟଭାବରେ ଛନ୍ଦ ହୋଇଯାଇଛି । ମଝିରେ ମଝିରେ ତାହା ଅଧିକ କୁଞ୍ଚିତ ହୋଇ ଉଠୁଥିଲା । କୌଣସି ବିଷୟରେ ସେ ଅତି ଚିନ୍ତିତ ଓ ଦୁଃଖାଭିଭୂତ ଥିବା ପରି ମନେ ହେଉଥିଲା । ସେ ହାତର ଦୀପଟିକୁ ଆଗନ୍ତୁକଙ୍କର ମୁଖ ନିକଟକୁ ଟେକି ଧରିଲେ । ଚର୍ବିର ଦୀପ ପବନର ଆକ୍ରମଣରେ ଅସ୍ଥିର ହୋଇ ପଡୁଥିଲା ।

ବାୟୁମଣ୍ଡଳକୁ ବିଦୀର୍ଣ୍ଣ କରି ଅଶ୍ୱଶାଳରୁ କର୍କଶ ଧ୍ୱନି ଭାସି ଆସିଲା । ଯୁବକଟି ସାମାନ୍ୟ ଚମକି ପଡ଼ିଲା । ଆଲୋକ ଦ୍ୱାରା ମନୁଷ୍ୟର ଇସାରା ପାଉଛି—ଇସାରା ଦେଉଛି ମଧ୍ୟ ।

Digitized by srujan ka@gmail.com

ପାଖ ତମ୍ବୁମାନଙ୍କରୁ ନିଶ୍ୱାସ ପ୍ରଶ୍ୱାସର ଶବ୍ଦ ଅତି ସ୍ପଷ୍ଟ ଭାବରେ ଶୁଣାଯାଉଛି । ବୃଦ୍ଧଙ୍କର କପାଳ ଆଉ ଥରେ କୁଞ୍ଚିତ ହୋଇ ଉଠିଲା । ସେ ଦୀପଟିକୁ ଆଗନ୍ତୁକ ଯୁବକର ମୁଖର ଖୁବ୍ ନିକଟରେ ଟେକି ଧରିଲେ । ତାପରେ ସାମାନ୍ୟ ହସି ଅତି ନରମ ସ୍ୱରରେ କହିଲେ, "ଦେଖୁଛ ! ଘୋଡ଼ାଟି ମୋର କେପରି ବିଶ୍ୱସ୍ତ ? ଅଟକଳରୁ ମୋର ଉପସ୍ଥିତି ଜାଣିପାରିଛି ଆଉ ତାର ଉପସ୍ଥିତି ଜଣେଇ ଦେଉଛି । ଆଲ୍ଲାଙ୍କର ଏଇ ସଂସାରରେ କି ଅସୀମ ଶକ୍ତି···!!" ବୃଦ୍ଧ ଆଗନ୍ତୁକ ଯୁବକଟି ସହିତ ଅତି ପରିଚିତ ପରି କଥାବାର୍ତ୍ତା ଆରମ୍ଭ କଲେ ।

ଯୁବକଟି ବୃଦ୍ଧଙ୍କର ଏପରି ବାକ୍ୟାଳାପରେ ବିଚଳିତ ହୋଇ ପଡ଼ିଲା । ହୁଏତ ସେ ବୃଦ୍ଧଙ୍କଠାରୁ ଏହା ଚାହିଁ ନ ଥିଲା । ପାଇବାର ମଧ୍ୟ ଯୋଗ୍ୟ ନୁହେଁ ବୋଲି ହୁଏତ ମନେ କରୁଥିଲା । ସେ ଅଧିକ ଅସ୍ଥିର ହୋଇ ପଡ଼ିଲା । ଯେପରି ଗୋଟିଏ ଭୟ ବିହ୍ୱଳ କଣ୍ଠରେ ପଚାରିଲା—"ଏଏ ଆରବ ସେକ୍ ଯୁସୁଫଙ୍କ ତମ୍ବୁ ନା··· ???"

"ହଁ"—ଖୁବ୍ ନରମ ସ୍ୱରରେ ବୃଦ୍ଧ ଉତ୍ତର ଦେଲେ, "ଦିନେ ଏହା ଆରବ ସେକ୍ ଯୁସୁଫଙ୍କର ଥିଲା, କିନ୍ତୁ ବର୍ତ୍ତମାନ ନୁହେଁ ।"

ଯୁବକ ଅଧିକ ଆଶ୍ଚର୍ଯ୍ୟ ହୋଇ କେଇପାଦ ପଛକୁ ଘୁଞ୍ଚିଗଲା । ଯେପରି ସେ ବୃଦ୍ଧଙ୍କୁ ଡାକି ଗୋଟାଏ ଗୁରୁତର ଭୁଲ୍ କରି ପକେଇଛି । ଅଧିକ ଉଦବେଗ୍ନ ହୋଇ ପଚାରିଲା—"ତେବେ ସେ ବର୍ତ୍ତମାନ କେଉଁଠି ବାସ କରୁଛନ୍ତି···???"

ବୃଦ୍ଧ ଉତ୍ତର ଦେଲେ, "ସେ ବର୍ତ୍ତମାନ ମଧ୍ୟ ଏଠାରେ ବାସ-କରୁଛନ୍ତି, କିନ୍ତୁ ବର୍ତ୍ତମାନ ଏ ତମ୍ବୁ ଆଉ ତାଙ୍କର ନୁହେଁ । ଆରବ ସେକ୍ ଯୁସୁଫଙ୍କର ନୁହେଁ, ସବୁ ବିଦ୍ୟମାନ ସ୍ରଷ୍ଟା ଆଲ୍ଲାଙ୍କର ।" ବୃଦ୍ଧ

Digitized by srujan ka@gmail.com

ଯୁବକଟିର ଉଦ୍‌ବିଗ୍ନତା କଥାବାର୍ତ୍ତା ମଧ୍ୟରେ ଲକ୍ଷ୍ୟ କରୁଥିଲେ । କୌଣସି କାରଣ ନେଇ ଯେ ଯୁବକ ନିତାନ୍ତ ଉଦ୍‌ବେଜିତ, ଏହା ସେ ଖୁବ୍ ଭଲ ଭାବରେ ଜାଣି ପାରୁଥିଲେ ।

ଯୁବକଟି ଆହୁରି ବ୍ୟଗ୍ର ହୋଇ ପଡ଼ିଲା । ଅନୁନୟ ଭରା କଣ୍ଠରେ କହିଲା—"ମୁଁ ସେହି ଯୁସୁଫଙ୍କୁ ଖୋଜେଁ । ତାଙ୍କ ନିକଟରେ ମୋର ଯଥେଷ୍ଟ ଆବଶ୍ୟକତା ଅଛି । ଦୟା କରି..."

"କହ—ମୁଁ ଯେ ସେହି ଯୁସୁଫ୍" ବୃଦ୍ଧ ଅତି ସହଜ ଭାବରେ ଉତ୍ତର ଦେଲେ ।

ଯୁବକର ମୁଖମଣ୍ଡଳ କ୍ଷଣକ ପାଇଁ ଉଜ୍ଜ୍ୱଳ ଉଠିଲା । ଯେପରି ସେ ତା'ର ଆଶା ଫେରିପାଇଛି । କଣ୍ଠସ୍ୱର ଟିକେ ସଜୀବ ହୋଇ ଉଠି ପୁଣି ଅଧେ ଅଧେ ସ୍ପଷ୍ଟ ହୋଇଗଲା । ସେ କହିଲା—"ସେଖ୍! ମୁଁ ଆଶ୍ରୟ ଖୋଜେଁ । ମୁଁ ଜଣେ ପଳାତକ, ଶାସକର ଶୃଙ୍ଖଳ ମୋର ପଛେ ପଛେ ବର୍ବର ହିଂସ୍ର ଜନ୍ତୁର ହିଂସ୍ର ଦୃଷ୍ଟି ଦେଇ ଲଗି ରହିଛି । ପ୍ରତି ମୁହୂର୍ତ୍ତରେ ମୋର ଜୀବନ ବିପଦାପନ୍ନ । ଆଜି କ୍ଷୁଧାରେ ମୋର ଅଙ୍ଗ ପ୍ରତ୍ୟଙ୍ଗ ଅବଶ ହୋଇ ପଡ଼ିଲାଣି । ଏହି ବାଲି ମଧ୍ୟରେ ଆଉ ବେଶୀ ଦୂର ଅଗ୍ରସର ହେବାର ଶକ୍ତି ନାହିଁ ରାତିକ ପାଇଁ କିଛି ଖାଦ୍ୟ ଓ ଆଶ୍ରୟ ଦେଇ ପାରିବେ, ସେଖ୍ ?

"ଏତେ ବିଚଳିତ କାହିଁକି ହୋଇ ପଡୁଛ ଯୁବକ ?" ଆଶ୍ୱାସନା ଭରା ସ୍ୱରରେ ବୃଦ୍ଧ ପଚାରିଲେ ।

ଯୁବକର ସେଥିପ୍ରତି ଆଦୌ ଦୃଷ୍ଟି ନ ଥିଲା । ଶୁଣି ନ ଶୁଣିଲା ପରି କହି ଚାଲିଲା ଯେ, ଆମ ଦଳର ଲୋକମାନେ କହନ୍ତି, ଯୁସୁଫ୍ ପରି ଏତେ ଭଲଲୋକ ଆଉ କେହି ନାହିଁ । ସେମାନେ ସବୁବେଳେ

Digitized by srujan ka@gmail.com

ତୁମର ପ୍ରଶଂସା କରନ୍ତି । ତୁମର ଦୟା ଓ ସ୍ନେହ ପାଇଁ ସେମାନେ ତୁମକୁ ବରବର ଭକ୍ତି କରନ୍ତି...''

ଦମକାଏ ମରୁ ପବନ ଆସି ଚର୍ବି ଦୀପ-ଶିଖାକୁ ବିଚଳିତ କରିଦେଲା । ଅନେକ ଲିଭିଯିବା ଆଶଂକା କରି ବୃଦ୍ଧ ଯୁବକକୁ ତମ୍ବୁ ଭିତରକୁ ଡାକିଲେ—"ବିଚଳିତ ହେବାର କୌଣସି କାରଣ ନାହିଁ ଯୁବକ ! ଜାତି, ଧର୍ମ ନିର୍ବିଶେଷରେ ସମସ୍ତଙ୍କର ଏଠାରେ ଆଶ୍ରୟ ପାଇବାର ହକ୍ ଅଛି । ଆଲ୍ଲାଙ୍କ ନିକଟରେ ସେ ସମସ୍ତ ଭେଦଭାବ ନାହିଁ । ତାଙ୍କଠାରୁ କେହି କୌଣସି ବିଷୟରେ କେବେ ନାସ୍ତି ବାଣୀ ଶୁଣି ନାହିଁ । ତୁମେ ନିଶ୍ଚିନ୍ତରେ ଆଶ୍ରୟ ନେଇପାର । ଆସ ଯୁବକ—ତମ୍ବୁ ଭିତରକୁ ଆସ...'' ।

ବୃଦ୍ଧ କିଛି ଅଙ୍ଗୁରରସ ଓ କିଛି ଖଜୁରି ଆଣି ଯୁବକର ସମ୍ମୁଖରେ ରଖିଲେ । ତା' ସହିତ କିଛି ଖଜୁରି ମଦ...ଏହା ଆରବୀୟ ଯାଯାବର ଜୀବନର ଶ୍ରେଷ୍ଠ ଖାଦ୍ୟ ଓ ପାନୀୟ । ଯୁବକ କ୍ଷଣକ ମଧ୍ୟରେ ସମସ୍ତ ନିଃଶେଷ କରି ଆତୃପ୍ତିର ଗୋଟିଏ ଲମ୍ବା ନିଃଶ୍ୱାସ ମାରିଲେ । ତା'ପରେ ବୃଦ୍ଧ ତାକୁ ଖଜୁରି ପତ୍ର-ବୁଣା ଗୋଟିଏ ଖଟିଆ ପ୍ରତି ନିର୍ଦ୍ଦେଶ କରି ଶୋଇବାକୁ ସଙ୍କେତ ଦେଲେ ।

ରାତିଟା ଯଥେଷ୍ଟ ଶୀତଳ ହୋଇ ଉଠିଥିଲା । ମରୁଭୂମି ଅଞ୍ଚଳରେ ଦିନରେ ଯେତିକି ଉତ୍ତାପ ବଢ଼ିଉଠେ, ରାତିରେ ଆର୍ଦ୍ରତା ମଧ୍ୟ ସେତିକି ବଢ଼େ—ବେଶ୍ ଆରାମଦାୟକ ମଧ୍ୟ, ସମୁଦ୍ର ସମୀପରେ ରାତିର ଆର୍ଦ୍ରତାର ମାତ୍ରା ଯଥେଷ୍ଟ ବଢ଼ିଉଠେ । ଅସହ୍ୟ କ୍ଷୁଧା ପରେ କିଛି ଅଙ୍ଗୁର ରସ ଓ ଖଜୁରି ମଦ ଯଥେଷ୍ଟ ଆରାମ ଦାୟକ ମନେ ହେଲା । ନିଶାଟା ବି ଧୀରେ ଆଖିପତା ଉପରେ ଆକ୍ରମଣ ଆରମ୍ଭ କରିଦେଲା । ଯୁବକ ବିନା ବାକ୍ୟବ୍ୟୟରେ ପାଖ ମେଣ୍ଢାଚମଡ଼ କମ୍ବଳଟା ଆଣି ଆତୃପ୍ତିର ନିଶ୍ୱାସ ମାରିବାକୁ ଲଗିଲା ।

Digitized by srujan ka@gmail.com

ବୃଦ୍ଧ ୟୁସୁଫ୍ ନିଃସହାୟ ହତଭାଗ୍ୟ ଯୁବକଟି ପ୍ରତି ଗୋଟିଏ ସମବେଦନାର ଦୃଷ୍ଟିପାତ କରି ତମ୍ବୁର ଅନ୍ୟ ଗୋଟିଏ ପ୍ରକୋଷ୍ଠକୁ—ଚାଲିଗଲେ ।

(ଦୁଇ)

ରାତ୍ରି ଗମ୍ଭୀରରୁ ଗମ୍ଭୀରତର ହୋଇ ଉଠୁଥିଲା—

ବୃଦ୍ଧ ୟୁସୁଫ୍ ତମ୍ବୁର ସେହି ନିର୍ଜନ ପ୍ରକୋଷ୍ଠଟିରେ ଏକାକୀ ବସି ରହିଥିଲେ । ଆଜି ନୂଆ ନୁହେଁ । ଏମିତି ବସି ବସି ସେ କେତେ ରାତି କଟେଇ ଦେଇଛନ୍ତି । ତମ୍ବୁର ଗୋଟିଏ କୋଣରେ ଜଳି ପୂର୍ଣ୍ଣ ଦୀପଟି ଶିଖାଟେକି ଅଶାନ୍ତ ହୋଇ ଉଠୁଥିଲା । ସେଇଠା ମଧ୍ୟ ସମୁଦ୍ରର ଭଙ୍ଗା ଜାହାଜ ପରି ସ୍ଥିତିହୀନ ଓ ଚଞ୍ଚଳ ହୋଇ ଉଠୁଥିଲା । ବୃଦ୍ଧ ୟୁସୁଫ୍‌ଙ୍କର ଚକ୍ଷୁକୋଣରୁ କେଇ ବୁନ୍ଦା ଗରମ ଲୁହ ବୋହି ଆସି ଶୁଖିଯାଇଥିଲା—

ଏହି କେତେ ଦିନ ଧରି ୟୁସୁଫ୍‌ଙ୍କର ଏହି ପରିବର୍ତ୍ତନ ବରାବର ଦେଖାଯାଉଛି । ବାହାରର ପରିବେଶ ସହିତ ତାଙ୍କର ଆଦୌ ସମ୍ପର୍କ ନ ଥାଏ କହିଲେ ଚଳେ । ଦିନ ହୁଏ, ତମ୍ବୁର ଫାଙ୍କ ଦେଇ ଆଲୋକ ଝରିପଡ଼େ ଅଲ୍ଲାଙ୍କର ମର୍ଜିପରି । ଆଜାନ୍‌ର ଶବ୍ଦ ଦୂରରୁ ଦୂରକୁ ଭାସିଯାଏ । ବୃଦ୍ଧ ୟୁସୁଫ ଅଣ୍ଟୁମାଡ଼ି ପ୍ରାର୍ଥନା କରନ୍ତି । ଦିନର ଅଧିକାଂଶ ସମୟ ପ୍ରାୟ ସେ ଅଲ୍ଲାଙ୍କ ପ୍ରାର୍ଥନା କରି କଟେଇ ଦିଅନ୍ତି । ସନ୍ଧ୍ୟା କ୍ରମଶଃ ନଇଁ ଆସେ । ଦିନର ଆଲୋକ ଫିକାରୁ ଫିକା ପଡ଼ି ଆସେ । ଦୂରରେ ଅସ୍ତଗାମୀ ସୂର୍ଯ୍ୟଙ୍କର ଶେଷ ରଶ୍ମି ମସ୍‌ଜିଦ୍‌ର ଭଙ୍ଗା ଭଙ୍ଗା ଗୁମ୍ବଜକୁ ଲାଲ କରି ପକାଏ । ମାଇଲ୍ ମାଇଲ ଧରି ବାଲିର ସେହି ଉଷ୍ମର ସ୍ପର୍ଶରେ ଲାଲ ହୋଇ ଉଠେ । ତା' ମଝିରେ ଝୁଲି ଝୁଲି ଆଗେଇ ଚାଲିଥାଏ ପଥଶ୍ରାନ୍ତ

Digitized by srujan ka@gmail.com

ପଥିକର କେତେଟା ଓଠ—ଲମ୍ବା ଲମ୍ବା ବେକ, ନୃତ୍ୟଶୀଳ ଗତି, ଖାଲି ଆଶାର ସ୍ଫୁରଣ, ବାଲି ଶେଷ ହେବ, ଏଇ ଅଗରେ ବିଶ୍ରାମ—ଅଗରେ ସଜୀବର ଆଶ୍ରୟ । ଚାହିଁ ଚାହିଁ ଚଞ୍ଚଳ ହୋଇ ଉଠନ୍ତି ବୃଦ୍ଧ ୟୁସୁଫ । ନା ମୂଲ୍ୟହୀନ ଏ ପ୍ରତୀକ୍ଷା । ବିଶ୍ରାମ ବା ଆଶ୍ରୟରେ ଅବଶ୍ୟଂଭତା ନାହିଁ । ସେ ବିଶ୍ରାମ ଚିର ବିଶ୍ରାମ—ଏ ଆଶ୍ରୟ ଚିର ଆଶ୍ରୟ ·· ଚିର ଶାନ୍ତି । କିନ୍ତୁ ଏ କ'ଣ ଶାନ୍ତି ପାଇ ପାରନ୍ତି ? ଅଜାଣତରେ ବୃଦ୍ଧ ୟୁସୁଫ୍‌ଙ୍କ ଆଖିକୋଣରେ ଅପେ ଅପେ ଲୁହର ଧାର ବହୁ ଆସି ଘଞ୍ଚ ଦାଢି ମଧ୍ୟରେ ଶୁଖିଯାଏ । ଛାତିର ପଞ୍ଜରା ଗୁଡାକ ଲମ୍ବା ଲମ୍ବା ନିଶ୍ୱାସର ଆଘାତରେ ଦୋହଲି ଯାଏ କ୍ଷଣକ ପାଇଁ ।

ବୃଦ୍ଧଙ୍କର ଅଜାଣତରେ ହଠାତ୍ ପାଟିରୁ ବାହାରି ପଡ଼ିଲା—'ରହିମ୍ ··· ! ରହିମ୍— !!!' ଶବ୍ଦଟା ଖେଳି ଖେଳି ତମ୍ବୁ ଭିତରେ ମିଳେଇ ଯିବା ପୂର୍ବରୁ ବୃଦ୍ଧ ୟୁସୁଫ୍ ଚମକି ଉଠି ପଡ଼ିଲେ । ତମ୍ବୁର ଦ୍ୱାର ନିକଟକୁ ଯାଇ ପରଦା ଟେକି ବାହାରକୁ ଚାହିଁଲେ । ରାତିର ଗଭୀର ଘନତା ମଧ୍ୟରେ ଚତୁର୍ଦ୍ଦିଗ କିପରି ଭୀଷଣ ହୋଇ ଉଠୁଛି । ମଝି ମଧ୍ୟେ କ୍ଷଣିକ ଶବ୍ଦ ନିଶବ୍ଦତା ମଧ୍ୟରେ ପେଚା ବିକଟ ଆର୍ତ୍ତନାଦ କରି ଉଠୁଛି । ବୃଦ୍ଧ ପୁଣି ଫେରି ଆସିଲେ ।

ହଠାତ୍ ବୃଦ୍ଧ ଗୋଟିଏ ବାକ୍ସ ନିକଟରେ ଅଟକି ଗଲେ । କମ୍ପିତ ହସ୍ତରେ ବାକ୍ସର ଘୋଡଣିଟି ଟେକି ଧରିଲେ । ଅନେକ ମୂଲ୍ୟବାନ ବିଭିନ୍ନ ଧରଣର ପୋଷାକରେ ବାକସଟି ଭରପୂର । ହଁ—ଦିନେ ସେ ଏ ଗୁଡ଼ିକୁ ଖୁବ୍ ଭଲ ପାଉଥିଲା, ଆଦର କରୁଥିଲା, ଯତ୍ନ ନେଉଥିଲା ମଧ୍ୟ, ଆଜି ହୁଏତ ଭଲ ପାଉଥିବ । କିନ୍ତୁ ଲିପ୍ସା ମେଣ୍ଟାଇ ପାରୁନି, ମେଣ୍ଟାଇବାକୁ ସମ୍ପୂର୍ଣ୍ଣ ଅକ୍ଷମ ହୁଏତ—

Digitized by srujan ka@gmail.com

ସେ ଦିନର ଚିତ୍ର ଏଇପରି ଗୋଟିଏ ରାତି, ଅଶ୍ରୁ ଛୁଟେଇ ଚାଲିଗଲା ରହିମ୍ । ହଁ, ହଁ— ତାଙ୍କର ପ୍ରଥମ ପୁଅ ରହିମ୍ । ଏହି ପୋଷାକଟି ତା'ର ପହିଲି ଜନ୍ମଦିନ ପାଇଁ ତିଆରି ହୋଇଥିଲା । କେତେ ଛୋଟିଆ ଜାମାଟିଏ, କିନ୍ତୁ ସେଦିନ କି ଆନନ୍ଦରେ ସେ ଅସ୍ଥିର ହୋଇ ପଡ଼ି ନ ଥିଲେ ସତେ !! ରହିମ ର ସେଇ ଛୋଟିଆ ଦେହ, ସରଳ ଚାହାଣୀ, ଚଞ୍ଚଳ ଅଙ୍ଗ ଚାଳନା ଦେଖି ଦେଖି ବାଉଳା ହୋଇ ପଡ଼ୁଥିଲେ । ଏଇ ହାତରେ ତାକୁ ଧୋଇ ଦେଇ ମଣିଷ କରିଥିଲେ । କେତେ ସ୍ନେହ ତା' ଉପରେ ଅଜାଡ଼ି ଦେଇଥିଲେ । ଆଜି—ଆଜି ସେହି ରହିମ୍ ଆଜି ଫେରିଆସି ନାହିଁ । ଫେରି-ଆସିବାର ଆଶା ନେଇ ସେ ଏଇ ତମ୍ବୁର ମାଙ୍କ ବାଟେ କେତେ ରାତି ଅପେକ୍ଷାରେ କଟେଇ ଦେଇଛନ୍ତି, କିନ୍ତୁ ସେ ଫେରେନା, ତାକୁ ହତ୍ୟା କରିହୋଇଛି···

ଅଶ୍ରୁର ଅବାରିତ ବନ୍ୟା ତାଙ୍କର କୁଞ୍ଚିତ ଗଣ୍ଡଦେଶକୁ ପ୍ଲାବିତ କଲା—

ତମ୍ବୁର ଗୋଟିଏ କୋଣରେ ଚର୍ବି ଦୀପର ଶିଖା ଅଶାନ୍ତ ହୋଇ ଉଠୁଛି—ଦୂରରୁ ମସଜିଦ୍‌ରୁ ପ୍ରାତଃକାଳୀନ 'ଅଜାନ୍' ଶୁଣା-ଗଲାଣି ।

ବୃଦ୍ଧ ୟୁସୁଫ୍ ଚଟାଣ ଉପରେ ଅଣ୍ଠୁ ମାଡ଼ି ପ୍ରାର୍ଥନା କଲେ— "ରହିମ୍ ର ଆତ୍ମାକୁ ସଦ୍‌ଗତି ଦିଅ, କାଫେର୍ ର ସ୍ପର୍ଶରେ ରହିମ୍ ର ଆତ୍ମା ଅତୃପ୍ତ । ହତ୍ୟାକାରୀର ଉଚିତ ପ୍ରାୟଶ୍ଚିତ୍ତ କରି ତା'ର ଆତ୍ମାକୁ ଶାନ୍ତି ଦିଅ···।"

ଯୁବକଟି ବେଶ୍ ଶାନ୍ତିରେ ନିଘୋଡ଼ ନିଦରେ ଶୋଇଯାଇଛି । ନିଶ୍ୱାସ ପ୍ରଶ୍ୱାସର ଶବ୍ଦ ସ୍ପଷ୍ଟ ଶୁଣାଯାଉଛି ।

Digitized by srujan ka@gmail.com

ବୃଦ୍ଧ ଯୁଯୁତ୍ସୁ ତୁବ୍ କୃପା ସ୍ୱରରେ ଯୁବକଙ୍କୁ ଡାକଲେ—'ଯୁବକ ! ଏଇ ନିଅ ସୁନାର ଥଳି, ଆଉ ତୁମର ବେଗଗାମୀ ଅଶ୍ୱ ପ୍ରସ୍ତୁତ, ରାତି ପ୍ରାୟ ଶେଷ ହୋଇ ଆସୁଛି । ତା' ପୂର୍ବରୁ ଦେଶର ସୀମା ପାରହୋଇ ନିଜ ଜୀବନକୁ ନିରାପଦ କର ।'

ଯୁବକଟି କ'ଣ ଭାବିବାକୁ ଲାଗିଲା । ମୁଖମଣ୍ଡଳରେ ବିଷାଦର କାଳିମା, ହଠାତ୍ ନୂତନ ଆଲୋକ ପାଇଲା ପରି ଯୁବକର ମୁଖମଣ୍ଡଳ ଉଜ୍ଜ୍ୱଳ ଉଠିଲା । ବୃଦ୍ଧ ଯୁଯୁତ୍ସୁଙ୍କର ଦୁଇହାତ ପାପୁଲି ମଧ୍ୟରେ ମୁହଁ ରଖି କାନ୍ଦି କାନ୍ଦି ହୋଇ ଅତି କରୁଣ ଭାବରେ କାନ୍ଦି ଉଠିଲା—"ସେକ୍, ମୋତେ ଶାସ୍ତି ଦିଅ, ସେକ୍..."

ଆଶ୍ଚର୍ଯ୍ୟ ହୋଇ ବୃଦ୍ଧ ପଚାରିଲେ—"ତୁମର କ'ଣ ହୋଇଛି ଯୁବକ...?"

"—ମତେ କ୍ଷମାକର ସେକ୍ ! ମତେ ଶାସ୍ତି ଦିଅ..."

" ବରଂ ମତେ କ୍ଷମାକର ଯୁବକ, ଯେଣୁ ରାତିରେ ମୋର ଅତଥିର ଅଭାବ ହେତୁ ତୁମେ ଶାନ୍ତିରେ ଶୋଇପାରି ନାହଁ...।"

"—ନା, ନା—ତା' ଠିକ୍ ନୁହେଁ ସେକ୍ ! ବରଂ ଅନେକ ଦିନ ଧରି ମୁଁ ଆପଣଙ୍କୁ ଶାନ୍ତିରେ ଶୁଆଇ ଦେଇନାହିଁ । ମୁଁ ଆପଣଙ୍କର ପ୍ରାଣ ପ୍ରତିମା ପ୍ରଥମ ପୁଅ ରହିମ୍‌କୁ ଗୁପ୍ତରେ ହତ୍ୟା କରିଛି । ମତେ ଉଚିତ୍ ଦଣ୍ଡ ଦିଅ, ରହିମ୍‌ର ଆତ୍ମାର ସଦ୍‌ଗତି ହେଉ..."

ହଠାତ୍ ବୃଦ୍ଧ ଯୁଯୁତ୍ସୁ କପର ଗୋଟିଏ ଅସ୍ପଷ୍ଟ ଆର୍ତ୍ତନାଦ କରି ଉଠିଲେ । ତାଙ୍କର ପୁଅର ଯେଉଁ ହତ୍ୟାକାରୀକୁ ସେ ଆଜି ପର୍ଯ୍ୟନ୍ତ ଖୋଜୁଥିଲେ, ସେ ଆଜି ଆପେ ଆପେ ଆସି ଧରା ଦେଇଛି । ବେଶ୍ —ହଁ, ସେ ତାକୁ ଶାସ୍ତି ଦେବେ, ନିଷ୍ଠୁର ଉଚିତ ଶାସ୍ତି ଦେବେ ।

ବୃଦ୍ଧ ତମ୍ବୁ ମଧ୍ୟରେ ଅସ୍ଥିର ପଦଚାରଣ କରିବାକୁ ଲାଗିଲେ । ଯୁବକଟି ଅତି ବିମର୍ଷ ଭାବରେ ବିମୁଖ ହୋଇ ବସି ରହିଥିଲା ।

Digitized by srujan ka@gmail.com

"—ହଁ, ମୁଁ ତୁମକୁ ଦଣ୍ଡ ଦେବ ଯୁବକ !" —ବୃଦ୍ଧ ଗୋଟିଏ ବାକସ ଖୋଲି ଦୁଇମୁଣ୍ଡ ଯୁନା ଆଣି ଯୁବକକୁ ଦେଲେ ? " ଆଜି ମୋର ଆଦେଶ, ଯୁବକ ! ତୁମେ ଏହି ରାତି ମଧ୍ୟରେ ଏହି ଦେଶର ସୀମା ତ୍ୟାଗକରି ନିଜକୁ ନିରାପଦ କର···"

ଯୁବକ ଆଶ୍ଚର୍ଯ୍ୟରେ କହିଲା, "ମୁଁ ଅର୍ଥ ଚାହେଁନା ସେକ୍; ମୁଁ ଶାସ୍ତି ଚାହେଁ । ମୋତେ ଶାସ୍ତି ଦେଇ ଶାନ୍ତ ଦଅ···"

"—ଅବାଧ ତୁଅନା ଯୁବକ, ସେ ବସ୍ତୁର ଶାସ୍ତିଦାତାର, ଶାନ୍ତି ଗ୍ରହୀତାର ନୁହେଁ । ହଁ, ତୁମେ ତ ଜାଣ ଯୁବକ ! ମୋର ସୈନ୍ୟମାନେ ତୁମକୁ ବସରେ ଖୋଜି ବୁଲୁଛନ୍ତି ଏବଂ ତୁମର ଜୀବନ ସବୁବେଳେ ବିପନ୍ନ । ଯେପର୍ଯ୍ୟନ୍ତ ରାତ୍ରୀ ଶେଷ ହେବା ପୂର୍ବରୁ ତୁମେ ଏଇ ଦେଶର ସୀମା ତ୍ୟାଗକର, ଏହା ମୋର ଆଦେଶ ଏବଂ ଆଉ କେବେ ଏ ଦେଶର ସୀମା ସ୍ପର୍ଶ ନ କର···।"

ମସ୍‌ଜିଦରୁ ପ୍ରାତଃକାଳୀନ 'ଅଜାନ୍' ଶୁଣାଯାଉଛି । ବାଲିଚର ଉପରେ ଶୋଇଯାଇଥିବା ଯନ୍ତ୍ର ଦାଗବାଳାଯ ସଫେଦ୍ ପଡ଼ି ଅଛି । ଅମୃତ ଦ୍ରୁତ ଝାପ୍ସା ଶବ୍ଦ ଦୂରକୁ ଭାସିଯାଇଥିଲା······

ବୃଦ୍ଧ ସୁଲ୍‌ତାନ୍ ଅଣ୍ଟୁ ମାଡ଼ି ପ୍ରାର୍ଥନା କଲା । ମୁଖମଣ୍ଡଳରେ ତୃପ୍ତିର ଛାୟା ସ୍ପଷ୍ଟ ଯେ, ସେ ତାଙ୍କର ପୁତ୍ରହନ୍ତାର ମହତ୍ ପ୍ରତିଶୋଧ ନେଇ ପାରିଛନ୍ତି । ଏଥର ରହମ୍ନର ଅତୃପ୍ତ ଆତ୍ମା ତୃପ୍ତ ହେବ । *

---

* (ଗୋଟିଏ ଇଂଲିଶ କବିତାର ଅବଲମ୍ବନରେ)

Digitized by srujan ka@gmail.com

ପ୍ରତିଫଳନ

ଆମ୍ର କୁଞ୍ଜ ତଳର ପ୍ରାର୍ଥନାରତ କୁଣ୍ଡଳାୟିତ ଛାତ୍ରମଣ୍ଡଳୀକୁ ମୁଁ ନିରୀକ୍ଷଣ କରୁଥିଲି । ବେଶ୍ ଶାନ୍ତ, ସ୍ନିଗ୍ଧ, ସୌମ୍ୟ ଓ ସ୍ଫୁର୍ତ୍ତି । ସେପରି ମନ ଓ ହୃଦୟ ଆଧ୍ୟାତ୍ମିକ ଭାବଧାରରେ ପ୍ଲୁତ । ଆନନ୍ଦ ଲାଗେ—

ମୁଁ ନାସ୍ତିକ କି ଆସ୍ତିକ, ଏ ପର୍ଯ୍ୟନ୍ତ ସ୍ଥିର କରି ପାରିନାହିଁ । ସେପରି ଏ ପ୍ରଶ୍ନଟି ଯେତିକି ଜଟିଳ ସେତିକି ଦୁରଗମ୍ୟ ମଧ୍ୟ ; ତଥାପି ଛାତ୍ରମାନଙ୍କର ଧାରଣା ଯେ ମୁଁ ଜଣେ ପକ୍କା ନାସ୍ତିକ । କାରଣ ପ୍ରାର୍ଥନା କ୍ଲାସରେ ଅନେକ ସମୟରେ ଯୋଗ ଦେବାର ସ୍ପୃହା ଦେଖାଏ ନାହିଁ । ତାହାର ମୂଲ୍ୟ ଯେପରି ମୋ ନିକଟରେ ସମ୍ପୂର୍ଣ୍ଣ ଅସମାଦୃତ ରହିଯାଇଛି । ତଥାପି ମୁଁ ଯୋଗଦିଏ । ଶିକ୍ଷକୀ ଜୀବନରେ ଆଇନ ମାନିବାକୁ ପଡ଼େ —

ଆମ୍ର କୁଞ୍ଜର ଶୀତଳ ଛାୟାତଳେ ପ୍ରାର୍ଥନାର ଝଙ୍କାର ଧୀରେ ଧୀରେ ମୂର୍ଚ୍ଛିତ ହୁଏ । ପଲ୍ଲବିତ ଶାଖା ତଳେ ଯେପରି ସର୍ବଶକ୍ତିମାନଙ୍କର ଅଦୃଶ୍ୟ ଆଶୀର୍ବାଦ ଝରି ଝରି ପଡ଼ୁଛି । ପ୍ରକୃତିର କୋଳରେ ପ୍ରକୃତ ଶିଶୁର ପ୍ରକୃତ ଉପଦେଶ ସଙ୍ଗେ ସଙ୍ଗେ ଶିକ୍ଷା ଆଗେଇ ନେବାର ଯେଉଁ ଅମୂଲ୍ୟ କଳ୍ପନା, ସେପରି ତାର ଗୋଟିଏ ଛାୟାପାତ ଏଠାରେ ଘଟିଛି ।

Digitized by srujan ka@gmail.com

ସୁରେନ୍ଦ୍ର ମଧ୍ୟ ପ୍ରାର୍ଥନାରତ । ସର୍ବୋଚ୍ଚ ଶ୍ରେଣୀର ଛାତ୍ର ସୁରେନ୍ଦ୍ର । ସୁଛାତ୍ର, ସୁବ୍ୟବହାର, ଶିଷ୍ଟ, ଶାନ୍ତ ଓ ବାଧ୍ୟ । ଖାଲି ସୁରେନ୍ଦ୍ର ନୁହେଁ, ସେହି ଶ୍ରେଣୀର ଛାତ୍ରମାନେ ମଧ୍ୟ ଏହି ବିଶେଷଣରେ ଅଳଙ୍କୃତ ହେବା ଯୋଗ୍ୟ । ଅବଶ୍ୟ କେତେକଙ୍କୁ ବାଦ ଦିଆଯାଇ ପାରେ । ତେଣୁ ସେମାନେ ପ୍ରାୟ ସମସ୍ତ ଶିକ୍ଷକମାନଙ୍କର ସ୍ନେହ ଓ ଶ୍ରଦ୍ଧା ପାଇ ଆସିଛନ୍ତି ।

ଆଦର୍ଶବାଦହିଁ ଏ ଅନୁଷ୍ଠାନର ବିଶେଷତ୍ୱ । କେବଳ ଯେ ପ୍ରଗୁର ଦୃଷ୍ଟିକୋଣ ଏହାର ଉଦ୍ଦେଶ୍ୟ ତାହା ନୁହେଁ—ଯେତେଦୂର ବାସ୍ତବ ହୋଇପାରେ ତାହା ଚେଷ୍ଟା କରାଯାଏ । ସୂର୍ଯ୍ୟକାନ୍ତ ଠିକ୍ ସେହି ଆଦର୍ଶବାଦରେ ଛାତ୍ରମାନଙ୍କୁ ଗଢ଼ିବାକୁ ଅକ୍ଳାନ୍ତ ଚେଷ୍ଟା କରିଛନ୍ତି । ସଫଳ ହୋଇ ପାରିଛନ୍ତି ମଧ୍ୟ । ଶିକ୍ଷକ ସୂର୍ଯ୍ୟକାନ୍ତ । ସର୍ବୋଚ୍ଚ ଶ୍ରେଣୀର ଛାତ୍ରମାନେ ପ୍ରାୟ ସମସ୍ତେ ତାଙ୍କ ଏ ଦିଗରେ ହାର୍ଦ୍ଦିକ ସ୍ୱାଗତ ଜଣାଇଛନ୍ତି । ସହାନୁଭୂତି ଓ ଭକ୍ତି ଦେଖାଇଛନ୍ତି । ଆଉ ସେଥିପାଇଁ ବିଶେଷ ଅଗ୍ରଣୀ ହୋଇ ପାରିଛି ସୁରେନ୍ଦ୍ର ।

ସୂର୍ଯ୍ୟକାନ୍ତ ଅନେକ ସମୟରେ ଉପଦେଶ ଦିଅନ୍ତି । ଭୁଲ ପାଇଁ ଦଣ୍ଡ ଦିଅନ୍ତି । ଅତି ନମ୍ର ଭାବରେ ବିନା ପ୍ରତିବାଦରେ ସେମାନେ ଗ୍ରହଣ କରି ନିଅନ୍ତି । ଚା’ ଖାଇବା ଖରାପ, ସିଗାରେଟ୍, ପାନ ଇତ୍ୟାଦି ମାଦକଦ୍ରବ୍ୟ । ଛାତ୍ର ଜୀବନରେ ଏହା ସମ୍ପୂର୍ଣ୍ଣ ବର୍ଜ୍ଜନୀୟ । ସାଧାରଣ ଗୃହଚର୍ଯ୍ୟାଠାରୁ ଦୂରରେ ରହି ସରଳ ଓ ସୁନ୍ଦର ଜୀବନ ଗଠନ କରିବାରେ ଯଥେଷ୍ଟ ବିଶେଷତ୍ୱ ଅଛି । ସେମାନେ ଗ୍ରହଣ କରନ୍ତି । ଅକ୍ଷରେ ଅକ୍ଷରେ ପାଳନ କରନ୍ତି ମଧ୍ୟ—

ସେ ଦିନ ଅନ୍ୟ ଗୋଟିଏ ଅନୁଷ୍ଠାନର ଛାତ୍ରମାନେ ଆସିଥିଲେ । ଠିକ୍ କରି ମନେ ପଡୁନି ନାଁ’ ଟା । ତଥାପି ସେମାନେ

Digitized by srujan ka@gmail.com

ଶିକ୍ଷକଙ୍କ ଆଗରେ ସିଗାରେଟ୍ ଟାଣିଲେ, ପାନ ଚୋବେଇଲେ, କପ୍ ପରେ କପ୍ ଚା’ ଖତମ କରି ଦେଲେ । ଶିକ୍ଷକ ଓ ଛାତ୍ରର ସମ୍ପର୍କ କେବଳ ସ୍କୁଲରେ । ଅନ୍ୟ ସମୟରେ ନୁହେଁ । ମତେ ସେଦିନ ଆଶ୍ଚର୍ଯ୍ୟ ଲାଗିଥିଲା । ଆମର ବାୟୁମଣ୍ଡଳ ସମ୍ପୂର୍ଣ୍ଣ ଓଲଟା । ତାଙ୍କ ଶିକ୍ଷକ ମଧ୍ୟ ଆଶ୍ଚର୍ଯ୍ୟ ହୋଇଥିଲେ । ଆମ ଛାତ୍ରମାନଙ୍କ ବ୍ୟବହାରରେ ଅତ୍ୟଧିକ ପ୍ରୀତ ହୋଇଥିଲେ—

ଶୁଦ୍ଧୋଦନ୍ ଯେପରି ଏହି ଆଦର୍ଶବାଦକୁ ଠିକ୍ ନିଖି ଭରି ପାଳନ କରି ଆସିଛୁ । ଚାଣକ୍ୟଙ୍କ ନୀତିବାକ୍ୟ ସମ୍ଭବତଃ ସେପରି ଏହାକୁ ପ୍ରବନ୍ଧ ସାମିଲ କରି ନେଇଛନ୍ତି । ଶିକ୍ଷକଙ୍କ ଆଗରେ ସିଧା ହୋଇ ଚାଲେନା । ପ୍ରାୟ ପାଞ୍ଚ ଛ’ ଫୁଟର ବ୍ୟାସାର୍ଦ୍ଧ ନେଇ ଚାଲିଯାଏ । ଭୂମି ପ୍ରଣାମ କରେ । ଗୁରୁର ଅବ୍ୟକ୍ତ ଆଦେଶ ସଙ୍ଗେ ସଙ୍ଗେ ପାଳନ କରନିଏ ନିତାନ୍ତ ବାଧ୍ୟ ଛାତ୍ର ପରି—

ଆଜି ନସ ଦିନ ସବେଇ ଗୁଡ଼ାଖୁ ଟିକିଏ ଘଷି ଦେଲା । ଅନେକ ସମୟରେ ସେ ଆଇନ ଭାଙ୍ଗିବାକୁ ଚେଷ୍ଟାକରେ । ଛାତ୍ରାବାସରେ ଗଣ୍ଡଗୋଳ କରେ । ଯେଉଁଠି ବେଶୀ ଆଇନ ସେଠି ଆଇନ ଭାଙ୍ଗିବାର ପ୍ରବୃତ୍ତି ବଢ଼ୁଛି—ଏହାହିଁ ତାର ମତାମତ । ଶିକ୍ଷକଙ୍କୁ ମଧ୍ୟ ଥଟ୍ଟା କରେ । ତେଣୁ ସେ କାହାର ସ୍ନେହର ପାତ୍ର ହୋଇ ପାରେନା । ଆଉ ଆଜିର ଏ ନିୟମର ରୂପା ମଧ୍ୟରେ ଦୋକାନ ବଜାରରେ ଅକବର ଖାଁଙ୍କ କଡ଼ା ଦାନ୍ତଘଷା ଗୁଡ଼ାଖୁର ଉପକାରିତା ଓ ଶସ୍ତା ନାଲି ନେଳାର ବିଜ୍ଞାପନ ପଢ଼ି ସେ ନିଜକୁ ସଞ୍ଜିତ କରି ପାରିଲାନି । ଏହା ମଧ୍ୟ ତାର ଗୋଟିଏ ଅଭ୍ୟାସ । ନିତ୍ୟପଦ ସ୍ଥାନ ପାଇଖାନାରେ ତାର ସଦ୍-ବ୍ୟବହାର କଲା । ଅକବର ଖାଁଙ୍କ କଡ଼ା ଗୁଡ଼ାଖ୍ ଦାନ୍ତକୁ ସଫେଦ ଓ ସୁନ୍ଦର କରେ । ଆକର୍ଷଣୀୟ ମଧ୍ୟ । ସୂର୍ଯ୍ୟକାନ୍ତ ଜାଣିଲେ । ଅନଶନ କଲେ । ବେଶ୍ ସେହିଦିନଠାରୁ ଆଉ କେବେ ସବେଇ

Digitized by srujan ka@gmail.com

ଆଇନ ଭାଙ୍ଗିବାର ଚେଷ୍ଟା କରନ୍ତି । ସମସ୍ତଙ୍କ ସାଙ୍ଗରେ ମିଶେଇ ନିଜକୁ ସେହି ଗ୍ରାଉଁରେ ଗଢ଼ିବାକୁ ଚେଷ୍ଟା କରନ୍ତି ।

ଦୀର୍ଘ ଗୁରୁବର୍ଷ । ଦିନ ପରେ ଦିନ ଅଗେଇ ଯାଇଛି । ଦଶଟାରେ ଘଣ୍ଟା ବାଜିଛି । ପ୍ରାର୍ଥନା କ୍ଲାସ ଆରମ୍ଭ ହୋଇଛି । କ୍ଷଣକାଳୀନ ଗ୍ରହମଣ୍ଡଳୀକୁ ନେଇ ଆମ୍ରକୁଞ୍ଜ ତଳର ବାୟୁମଣ୍ଡଳ ପୂତ ହୋଇ ଉଠିଛି । ଏଇ ଆମ୍ରକୁଞ୍ଜ ଦେବ ପ୍ରକୃତ ଆଦର୍ଶବାଦର ସନ୍ଧାନ, ଏଇ ଆମ୍ରକୁଞ୍ଜ ଦେବ ପ୍ରକୃତ ଜୀବନର ଗୁପ୍ତ ଅଦୃଶ୍ୟ ଶକ୍ତିର ଅମୋଘ ଆଶୀର୍ବାଦ···

କ୍ଲାସରେ ସେ ଦିନ ଶୁଭେନ୍ଦୁ ପ୍ରଶ୍ନ ପଚାରିଥିଲା—"ସାର୍ ! ଆପଣ ନାସ୍ତିକ ନା ଆସ୍ତିକ···?"

—ମୁଁ ଯେ ବାସ୍ତବ୍ୟ ବିଷୟର ବିଚାର କରିବାର ଅବସର ଏବେ ବି ପାଇନି ଶୁଭେନ୍ଦୁ ! ଅନ୍ତତଃ ମୋ ମତରେ ଏହାର ସମାଧାନ ନିତାନ୍ତ ସହଜ ନୁହେଁ···

—କିନ୍ତୁ ଆପଣ ତ ଭଗବାନଙ୍କ ଉପରେ ବିଶ୍ୱାସ କରନ୍ତି ନାହିଁ···?

—'ଭଗବାନ ଯେ କିଏ ଏବଂ ତାହାକୁ ବିଶ୍ୱାସ କରିବ ତାହା ମୁଁ ଜାଣେ ନା' ତଥାପି ମୁଁ ଯେଉଁ ଭଗବାନଙ୍କୁ ବିଶ୍ୱାସ କରେ ସେଥିରେ ଆସ୍ତିକ ହେବାର ଯଥେଷ୍ଟ କାରଣ ଥିଲେ ମଧ୍ୟ ଅନେକ ସମୟରେ ନାସ୍ତିକ ହେବାକୁ ବାଧ୍ୟ ହୁଏ ।

—ତେବେ ଆପଣ ତାହାକୁ ବିଶ୍ୱାସ କରନ୍ତି···?

—ଠିକ୍ ସମୟରେ ମୁଁ ତାହାର ଉତ୍ତର ଦେବି ।

ତାହାହିଁ ମୋର ପ୍ରଥମ ଦିନର ପ୍ରାର୍ଥନା କ୍ଲାସରେ ମନେ ପଡ଼େ । ଶୁଭେନ୍ଦୁ ପ୍ରାର୍ଥନା କରୁଛି । ଅନ୍ୟମାନେ ମଧ୍ୟ । ସମସ୍ତେ ପ୍ରାର୍ଥନାରତ ।

Digitized by srujan ka@gmail.com

ମୁଦ୍ରିତ ନୟନରେ ଭକ୍ତିର ପୂର୍ଣ୍ଣ ଅଭିବ୍ୟକ୍ତି । ଯୁଗ୍ମ କରପୁଟରେ ପ୍ରାଣର ପ୍ରଣତି । ମୋର ସ୍ୱତଃ ମନ ହୁଏ—ଏହି ଆଦର୍ଶହିଁ ଏମାନଙ୍କ ଜୀବନର ସମ୍ବଳ ହେଉ ।

ପୁରସ୍କାର ବିତରଣୀ ସଭାରେ ଠିଆ ଶୁଭେନ୍ଦୁ, ପୁରସ୍କାର ପାଉଛନ୍ତି । ଆଦର୍ଶ ଛାତ୍ର, ନୀତିବାନ ଓ ସୁପ୍ରକୃତ ଛାତ୍ର ହିସାବରେ ପୁରସ୍କାର । ସୂର୍ଯ୍ୟକାନ୍ତଙ୍କ ହୃଦୟ ଆନନ୍ଦରେ ଅଧୀର ହୋଇଯାଉଛନ୍ତି । ଆଜି ଯେପରି ତାଙ୍କ ଆଦର୍ଶର ଜୟ ହୋଇଛନ୍ତି ଆଜି ସେହି ଆଦର୍ଶର ଏକ ଜୀବନ୍ତ ଅବତାର ଏଇ ଶୁଭେନ୍ଦୁ । ସେ ଦିନ ଅନ୍ତରର ଆଶୀର୍ବାଦ ବାଢିଦେଇ ଥିଲେ ତାର ଭବିଷ୍ୟତ ମଙ୍ଗଳ କାମନା କରି···

ଶିକ୍ଷକଙ୍କ ସମ୍ମୁଖରେ ସାଇକେଲ୍ ଚଢ଼ିଯିବା ଅସମ୍ମାନ ସୂଚକ । ତାହାହିଁ ସେମାନେ ଯେପରି ବରାବର କାର୍ଯ୍ୟକାରୀ କରି ଆସିଛନ୍ତି । କେତେଥର ସେ ଦିନ ଓହ୍ଲାଇ ପଡ଼ି ପଡ଼ି ହୁଏତ ବସ୍ ତଳେ ଶୁଭେନ୍ଦୁ ଚୁପା ପଡ଼ିଯାଇଥାନ୍ତା । ତଥାପି ସେ ଆନନ୍ଦିତ ହୋଇଥିଲେ ଯେ, ସେ ଯଥାରୀତି ପାଳନ କରନ୍ତି । ଅବଶ୍ୟ ମୁଁ ଏହାକୁ ସମର୍ଥନ କରିପାରେ ନା । କି ତାଙ୍କ ଚରମ ଗୁରୁଭକ୍ତି ବାଞ୍ଛିତ ଏହା ଆଉ କିଛି ନୁହେଁ ।

ଆଉ ଯେଉଁ ଦିନ ସେମାନେ ସ୍କୁଲରୁ ବିଦାୟ ନେଇଗଲେ ସେ ଦିନ ସୂର୍ଯ୍ୟକାନ୍ତଙ୍କର ବାକ୍ ରୁଦ୍ଧ ହେଲା । କେବଳ ସୂର୍ଯ୍ୟକାନ୍ତଙ୍କର ନୁହେଁ—ଅନ୍ୟ ଶିକ୍ଷକମାନଙ୍କର ମଧ୍ୟ । ସୂର୍ଯ୍ୟକାନ୍ତଙ୍କର ଆଶା ଆକାଂକ୍ଷାର ସମ୍ମିଳିତ ଉଚ୍ଛ୍ୱାସ ଉଦ୍ଗମ ହୋଇଥିଲା—ଜୀବନରେ ସେମାନେ ଗୋଟିଏ ନୂଆ ଆଦର୍ଶର ସନ୍ଧାନ ଦେବେ ।

ବିଶ୍ୱବିଦ୍ୟାଳୟ ପରୀକ୍ଷା ପରେ—

ସ୍କୁଲ ଜୀବନରେ ଅବସାନ ଘଟିଛି ଛାତ୍ର ଶୃଙ୍ଖଳା ଶିକ୍ଷାର ବାସ୍ତବ କ୍ଷେତ୍ର ଏଇଠାରେ । ତା' ପରେ ନୂତନ ଜୀବନର କ୍ଷେତ୍ର ।

Digitized by srujan ka@gmail.com

ନୂତନ ଦୃଷ୍ଟିକୋଣ । ସମସ୍ତ ଶିକ୍ଷାର ପରୀକ୍ଷା ଶେଷ ହେଉ । ତାର ଭିତରକୁ ସେମାନେ ଆଉଗଇ ଯିବେ । ପରୀକ୍ଷା ପରେ ପରୀକ୍ଷା । ଉତ୍ତୀର୍ଣ୍ଣ ଓ ଅବତୀର୍ଣ୍ଣର ତାଲିକା ବାହାର ଲାଗି ରହିଛି···

ପ୍ରବୋଧ ଗୁଡ଼ାଖୁ ଘଷୁଛି । ଅକବର ଖାଁଙ୍କର ବାସନା ଗୁଡ଼ାଖୁର ଗୋଟିଏ ଟିଣ କିଣି ଆଣିଛି । ଦାନ୍ତକୁ ତାର ପାଞ୍ଚଥର ଘଷିବାକୁ ଆରମ୍ଭ କରିଛି । ଆଜି ଭୟ କରିବାର କାରଣ ନାହିଁ । ବନ୍ଧନରୁ ମୁକ୍ତପରେ ବଲ୍‌ଗା ଧଟେଣରେ ଗଡ଼ ନେଇ ଦୌଡ଼ିଯିବାର ପ୍ରୟାସ । ଦର୍ପଣ ବହୁତ ପାନ ଚୋବାଇଛି, ଖୁବ୍ ମନଇଚ୍ଛା । ଦାନ୍ତ ଗୁଡ଼ାକ ଲାଲ ପଡ଼ି ଆସିଲଣି । ପକେଟରେ ସିଜରସ୍ ସିଗାରେଟର ପ୍ୟାକେଟ୍ । ଅନ୍ୟ ଦେଢଜଣ ମଧ୍ୟ ସେଥିରୁ ବାଦ ପଡ଼ି ନାହାନ୍ତି ।

ଆଜି ଯେ ଦିନ ମନେ ସୂର୍ଯ୍ୟକାନ୍ତ ଶୁଭେନ୍ଦୁଙ୍କୁ ଆବିଷ୍କାର କଲେ । ମୁଁ ଖୋଜୁଛି ଶୁଭେନ୍ଦୁ । ସୂର୍ଯ୍ୟକାନ୍ତଙ୍କୁ ଦେଖି ମଧ୍ୟ ସେମାନେ ଭୟ ବିହ୍ୱଳ ହେବାର କୌଣସି ପ୍ରଶ୍ନ ଉଠିଲନି । ତାହାଙ୍କ ବା ବିଦ୍ରୂପ ହେବ ? ଅଶେଷ ଦମ୍ଭରେ ବ୍ରୁକବଣ୍ଡ୍ ମୁଁ'ର ମୁହ୍ୱାଦା କ୍ଳାନ୍ତିପୂର୍ଣ୍ଣ ଜୀବନର ନୂଆ ସଞ୍ଜୀବନୀ ।

ସୂର୍ଯ୍ୟକାନ୍ତ ଚିନ୍ତିତ···

ମୁଁ ମଧ୍ୟ ଭାବିଲି—ସତେ କ'ଣ ଆଦର୍ଶର ପରାଜୟ ଘଟେ ? ହୃଦୟର ପରିବର୍ତ୍ତନ ପାଇଁ କଣ ଆଇନର କୌଣସି ଆବଶ୍ୟକତା ଅଛି ? ? ନା କେବେ ନୁହେଁ । ତଥାପି ଏ' ଛଳନା କାହିଁକି ? ଏ ବାହାବା ନେବା ପ୍ରୟାସର ମୂଲ୍ୟ କ'ଣ ?? ଆଦର୍ଶର ମୂଲ୍ୟ ଚିରଦିନ ରହିଛି । କେବଳ ପାପ ଓ ଅପରାଧରେ ତାର ମୂଲ୍ୟ ଅଟେ ତଳକୁ ହୁଏ ।

Digitized by srujan ka@gmail.com

ଧୀରୁ ସରୋଜ···ଆସିଲ, ଅଭୂମି ପ୍ରଣାମ ହେଲା। କୌଣସି ପରିବର୍ତ୍ତନ ଲକ୍ଷ୍ୟ କରି ପାରିଲନି। ଛଳନାର କୌଣସି ଛାୟା ଯେପରି ତା' ଠାରେ ନାହିଁ। ଠିକ୍ ସେହି ପୂର୍ବର ସରୋଜ ଅପରିବର୍ତ୍ତିତ··· ଅବ୍ୟକ୍ତ···

ସରୋଜଙ୍କୁ କୁଣ୍ଡେଇ ପକେଇ ବାସ୍ପକୁଳ କଣ୍ଠରେ କହିଲେ ସୂର୍ଯ୍ୟକାନ୍ତ—ମୋର ଆଦର୍ଶବାଦ ଆଜ ହାର ମାନି ନାହିଁ ସରୋଜ। ତୁହି ମୋର ଆଦର୍ଶକୁ ବଞ୍ଚେଇ ଦେଇଛୁ।

ସରୋଜ ବୁଝିଲ କି ନାହିଁ ଜାଣେନା ତଥାପି ମୁଁ ବୁଝିଲି। ଆଉ ଜାଣେନା—ଶୁଭେନ୍ଦୁ ସେଦିନର ତା'ର ପ୍ରଶ୍ନର ଉତ୍ତର ପାଇବାକୁ ଚେଷ୍ଟା କରିଛି କି ନାହିଁ। ତଥାପି ମୁଁ ଜାଣେ ସେ ତାର ଉତ୍ତର ପାଇ ପାରିଥିବ—ମୁଁ ଆସ୍ତିକ କି ନାସ୍ତିକ।

ଗୃହିଁଲି—

ସୂର୍ଯ୍ୟକାନ୍ତଙ୍କ ଆଖିରେ ଲୁହ।

Digitized by srujan ka@gmail.com

ତୀକ୍ଷ୍ଣ ତୀର

ତାଙ୍କ ସହିତ ମୋର ଦେଖାହୁଏ ପ୍ରାୟ ପ୍ରତିଦିନ । ସେଥିପାଇଁ ଯେ ଗୋଟାଏ କୌଣସି ଧରାବନ୍ଧା ସମୟ ଥାଏ ବା କୌଣସି ବିଶେଷ କାର୍ଯ୍ୟ ଥାଏ, ତାହା ନୁହେଁ । ଅତି ମାମୁଲି—ଅବସର ବିନୋଦନର କେତୋଟି ମନଖୋଲା କଥା ମାତ୍ର । ତଥାପି ଖଣ୍ଡେ ସିଗାରେଟ୍‌ର ଉପଭୋଗ ପରି ନିହାତି ମାମୁଲି ନୁହେଁ । ତେଣୁ ମୁଁ ପ୍ରତିଦିନ ଯାଏ ଆଉ ସେ ବି ମୋ ଉପସ୍ଥିତିଟା ବେଶ୍ ପସନ୍ଦ କରନ୍ତି । ଶିକ୍ଷକତାରେ ଏହି ଅଳ୍ପ କେତୋଟି ଦିନ ମଧ୍ୟରେ ତାଙ୍କ ସହିତ ମୋର ଘନିଷ୍ଠତା ଖୁବ୍ ଘନେଇ ଉଠିଛି । କାରଣ ବିଶ୍ଳେଷଣ କରିବା କେବେ ଆବଶ୍ୟକ ପଡ଼ିନି । ତାଙ୍କର ସ୍ନେହ ଓ ମୋହ ଅବସର ସମୟରେ ମୋତେ ତାଙ୍କ ନିକଟକୁ ଟାଣି ଆଣୁଥିଲା—

ସହରର ଦୂରା ସୀମାନ୍ତରେ ଯେଉଁ ଛୋଟ ଉପର ଘରଟି ପ୍ରଥମ ଦୃଷ୍ଟିରେ ଆପେ ଆପେ ଆକର୍ଷିତ ହୁଏ, ତାହା ରାମନାରାୟଣ ବାବୁଙ୍କ ଘର । ଘରଟି ଖୁବ୍ ଚିତ୍ରିତ, ସୁସଜ୍ଜିତ, ପରିଷ୍କାର ଓ ପରିଚ୍ଛନ୍ନ । ଭିତର ଘରକୁ ଛୁଇଁଦେଲେ ଏଇଟା ତାଙ୍କ ବୈଠକଖାନା । କାନ୍ଥ ଦେହରେ ଗାନ୍ଧିଜୀ, ନେତାଜୀ, ବିଶ୍ୱକବି, ଭକ୍ତକବି, ଉତ୍କଳମଣି, ରାଧାନାଥ ଓ ସରସ୍ୱତୀ ଶିବାନନ୍ଦ ପ୍ରଭୃତିଙ୍କ ତୈଳଚିତ୍ର ଝୁଲୁଛି ଅତି ସୁନ୍ଦର ଭାବରେ ଖଟା । ପ୍ରକୋଷ୍ଠର କେନ୍ଦ୍ରରେ ଗୋଟିଏ ଗୋଲାକାର ଟେବୁଲ୍ ଓ ତା' ଚତୁପାର୍ଶ୍ୱରେ ଗୁଡ଼ିଏ ଚଉକି । ଠିକ୍ ଟେବୁଲ୍‌ର କେନ୍ଦ୍ର ବିନ୍ଦୁକୁ

Digitized by srujan ka@gmail.com

ମାଧ୍ୟାକର୍ଷଣ ଭର ଉପରେ ଝୁଲୁଛି ସୁନ୍ଦର କାଚର ଝାଡ଼ଟିଏ । ସୁନ୍ଦର ଏଇ ଅଧୂନିକ ରୁଚି...

ଗୋଧୂଳି ଅବସରରେ ଯେତେବେଳେ ଦେବାଳୟର ଆରତି ଘଣ୍ଟା ଶ୍ୟାମାୟିତ ସନ୍ଧ୍ୟାକୁ ସ୍ୱାଗତ କଣାଏ, ସେତେବେଳେ ମୁକ୍ତ ବାତାୟନ ଦେଇ ବହୁଦୂର ପର୍ଯ୍ୟନ୍ତ ତାଙ୍କର ଦୃଷ୍ଟିର ସୀମାରେଖା ଲମ୍ବି ଯାଇଥାଏ । ଧୂମ୍ର ଆକାଶ ତଳେ ବକ ପକ୍ଷୀ ପତ୍ର ଧବଳିତ ପ୍ରାସାଦମାଳ ଝାପ୍ସା ହୋଇ ଉଠେ । ଦୂର ମହାବନାୟିକ ଓ କଳିଙ୍କା ପର୍ବତର ନୀଳିମା ସେହି ଶ୍ୟାମଳିମା ମଧ୍ୟରେ ମିଶିଯାଏ । ଶସ୍ୟ କେଦାରର ଶ୍ୟାମଳ ଯୌବନଶ୍ରୀ ତାର ମଧ୍ୟରେ ଅତି ସଙ୍ଗୋପନରେ ଲୀନ ହୋଇ ଆସେ । ସେତେବେଳେ ସେ ଅନ୍ଧାରିତ ପୃଥିବୀ ମଧ୍ୟରୁ ଦୃଷ୍ଟି ଫେରାନ୍ତି । ଆମ ମଧ୍ୟରେ କୌଣସି ବିଷୟ ନେଇ ଗୋଟାଏ ଆଲୋଚନା ଆରମ୍ଭ ହୁଏ, ତଥାପି ଆଜି ମୋର ବେଶ୍ ମନେ ପଡ଼େ—କାହାର କୁତ୍ସାରଟନା ବା ଭ୍ରାନ୍ତ ବଜନୀତ ଦଳେ ବି ଆମ ଆଲୋଚନାରେ ସ୍ଥାନ ପାଇ ନ ଥିଲା......

ସେ ଅନେକ ବିଷୟ କହନ୍ତି—ତାଙ୍କ ଜୀବନର ଢକ୍ତ ଅନୁଭୂତି, ପାର୍ଶ୍ୱପାର୍ଶ୍ୱିକ ଅବସ୍ଥା, ମନୁଷ୍ୟ ଜୀବନର ଘାତ, ପ୍ରତିଘାତ ...ଝଡ଼, ଝଞ୍ଜା...ଏହିପରି ଅନେକ ବିଷୟ । ସେ କବି ନୁହନ୍ତି କିନ୍ତୁ ତାଙ୍କ କଥାରେ କବିତ୍ୱ ଥାଏ—ଶୁଣିବାକୁ ବେଶ୍ ଚମତ୍କାର...

ସେ ଦିନ......

ବନ୍ୟା ଅଞ୍ଚଳ ଘର ଘର ସନ୍ଧ୍ୟାରେ ଫେରିଥାଉ । ରିଲିଫ୍ କାର୍ଯ୍ୟ, ଆଉ ବସାକୁ ନ ଆସି ସିଧାସିଧା ତାଙ୍କ ବସାକୁ ଗଲି । ଗୋଟିକ ପରେ ଗୋଟିଏ ଖବର ଶୃଙ୍ଖଳ୍ୟ ଖେଳେଇ ଆସି ପହଞ୍ଚି ଯାଉଥାଏ । କେତେକର ସତ୍ୟତା ଥାଏ, କେତେ ଅର୍ଦ୍ଧସତ୍ୟ ଓ କେତେକ

Digitized by srujan ka@gmail.com

ଜନରବର କିଂଭୂତକିମାକାର କିମ୍ବଦନ୍ତୀ । ତଥାପି ଶୃଙ୍ଖଳ୍ୟ ଖେଳା ଯାଉଥାଏ—ଖେଳିବାର ବି କଥା । ମନଷ୍ଟା ବିପଦ ଓ କାରୁଣ୍ୟକୁ ନେଇ ଭାରାକ୍ରାନ୍ତ ହୋଇ ଉଠିଥାଏ । ସେ ଦିନ ଅଉ ମାମୁଲି ଆଲୋଚନାର ସମୟ ନଥିଲା—ସମୟ ନୁହେଁ ମଧ୍ୟ·····

ସନ୍ଧ୍ୟା ନଇଁ ଯାଇଥିଲା ଅନେକ ବେଳୁ । ବର୍ଷା ଝରୁ ନଥିଲେ ବି ବର୍ଷାର ଅଭିଯାନ ସୁଦ୍ଧା ଅପସାରିତ ହୋଇ ନଥିଲା । ଚନ୍ଦ୍ର ବାଦଲ ଖଣ୍ଡ ଭିତରୁ ଯେଉଁ ଆଲୋକ ଦେଉଥିଲା ତାହା ନିତାନ୍ତ ମଳିନ ନ ଥିଲେ ବି ନିତାନ୍ତ ପରିଷ୍କାର ନଥିଲା ।

ବାହାରେ କିଛି ସମୟର ପରିବର୍ତ୍ତନ ପାଇଁ ସମ୍ମୁଖସ୍ଥ ସେଇ ବିସ୍ତୀର୍ଣ୍ଣ ପ୍ରାନ୍ତର ମଧ୍ୟକୁ ବାହାରି ପଡ଼ିଲୁ । ତାଙ୍କ ଦେହରେ ଅତି ପରିଚିତ ସେହି ଗୈରିକ ପଞ୍ଜାବୀ, ହାତରେ ଖଣ୍ଡେ ବେତ ବାଡ଼ିକୁ ଘାସ ଉପରେ ମୃଦୁ ଆଘାତ ଦେଇ ସେ ଆଗେଇ ଚାଲିଥିଲେ, ତାଙ୍କ ସହିତ ଏକ ଶହ ଅଶୀ ଡ଼ିଗ୍ରୀର ଗୋଟିଏ କୋଣ ସୃଷ୍ଟି କରି ମୁଁ ଆଗେଇ ଚାଲିଥିଲି ।

ଆମ ମଧ୍ୟରେ ଅନେକ କିଛି ଆଲୋଚନା ହୋଇ ଥିଲା । ସେ ମୁହୂର୍ତ୍ତକ ଅଳ୍ପ ସେହି ରାତ୍ରିର ବୃକ୍ଷ ଛାୟା ପରି ଅସ୍ପଷ୍ଟ । ନିଷ୍ଠୁର ଯେ ବନ୍ୟା ବିପନ୍ନକୁ କେନ୍ଦ୍ର କରି ଆମର ସେ ଦିନର ଆଲୋଚନାର ଅର୍ଦ୍ଧବୃତ୍ତ ଅଙ୍କିତ ହୋଇ ଉଠିଥିଲା ବୋଲି ମନେପଡ଼େ । ମୁଁ ଅନୁଭବ କରୁଥିଲି—ଦିନର ସେହି ଅତି ହାହାକାର ଓ କାରୁଣ୍ୟ ଯେପରି ରାତିର ଏଇ ଶାନ୍ତ ଆବେଷ୍ଟନୀ ମଧ୍ୟରେ ସେ ଅତି ନିବିଡ଼ ଭାବରେ ଅନୁଭବ କରୁଥିଲେ ।

ହଠାତ୍ ବର୍ଷା କେଇ ଟୋପା ଝରି ପଡ଼ିଲା । ମୁଣ୍ଡ ଉପରର କଳୀୟୂବାସ୍ତ ପୁଞ୍ଜ କଳା ବାଦଲ ଖଣ୍ଡେ ଅତି ମନ୍ଥର ଗତିରେ ଭାସି

Digitized by srujan ka@gmail.com

ଯାଉଥିଲା । ପ୍ରାନ୍ତରଟି ଘୁଞ୍ଚି କେତେବେଳେ ଯେ ଆମେ ନଈବନ୍ଧ ଉପରେ ଏତେ ଦୂର ଚାଲି ଆସିଥିଲୁ —ଆଦୌ ଜାଣିଲୁନା ।

ସେଇଠୁ ଫେରିଲୁ । ଆର ପାରି ବନରେ ଲୋକ ଗହଳି ସହ କେତେଟା ଆଲୁଅ ଦେଖା ଯାଉଥିଲା, ସେଇଠି ବନ୍ଧ ଭାଙ୍ଗିବାର ଆଶଙ୍କା ଥିଲା……

ମନର ଶୃଙ୍ଖଳ୍ୟ ଯୋଗୁଁ ରାସ୍ତାରେ ଆଉ ବିଶେଷ କିଛି ଆଲୋଚନା ହୋଇ ନଥିଲା, ତଥାପି ସେହି ମଝିରେ ମୁଁ ମୋର ଆସନ୍ତା କାଲିର କାର୍ଯ୍ୟକ୍ରମଟା ତାଙ୍କୁ ଜଣାଇ ଦେଲି । ହୁଏତ ସାତ ଦିନ ପାଇଁ ମୁଁ ବନ୍ୟାଞ୍ଚଳରୁ ଫେରି ନପାରେ । ଏହାହିଁ ସେବା ଓ ସାହାଯ୍ୟର ପ୍ରକୃଷ୍ଟ ସମୟ ।

ମୁଁ ଜାଣିଥିଲି, ସେ ମୋର ପ୍ରସ୍ତାବଟା ପୂର୍ଣ୍ଣପ୍ରାଣରେ ଅନୁମୋଦନ କରିବେ । ଅଳ୍ପ ସମୟ ନୀରବରେ ଗମ୍ଭୀର ହୋଇ ସେ କ'ଣ ଭାବିଲେ । ତା' ପରେ ଧୀରେ ଧୀରେ ଆରମ୍ଭ କଲେ— ଏହା ମଧ୍ୟ ଗୋପବନ୍ଧୁଙ୍କର ଆଦର୍ଶ ଥିଲା । କାହାର ଠାରୁ ବାହାବା ନେବା, ନିଜକୁ ସୁଖ୍ୟାତ କରିବା ବା ପ୍ରଚାର କରିବା ତାଙ୍କର ଲକ୍ଷ୍ୟ ନ ଥିଲା; ତଥାପି ମୋର ଗୋଟିଏ ଉପଦେଶ ରମେଶ୍ ! ନିଜର ସ୍ୱାସ୍ଥ୍ୟ ପ୍ରତି ନିତାନ୍ତ ଯତ୍ନବାନ ହେବା ଏକାନ୍ତ ଆବଶ୍ୟକ । ସେବା ଓ ସାହାଯ୍ୟହିଁ ତାର ମୂଳରେ ନିହିତ ।

ବାସ୍ତବିକ୍ ନିଜର ସ୍ୱାସ୍ଥ୍ୟ ବିଷୟରେ ସେ ସର୍ବଦା ଯତ୍ନବାନ୍ । ବୟସ ଚାଳିଶରୁ ଅଧିକ ହେବ, କିନ୍ତୁ ଦେଖିଲେ ଅନୁମାନ କରି ହୁଏନା । ସତେ ଯେପରି ସୁନ୍ଦର ସ୍ୱାସ୍ଥ୍ୟ ନିକଟରେ ବୟସ ପ୍ରାୟ ଦଶ ବର୍ଷ ପଛେଇ ଯାଇଛି । ଏ ଉପଦେଶଟା ଆଜି ମୋ ପକ୍ଷରେ ନୂତନ ନୁହେଁ । ଏହିପରି ଉପଦେଶ ତାଙ୍କଠାରୁ ଅନେକ ଥର

Digitized by srujan ka@gmail.com

ଶୁଣିଛି । ସମସ୍ତ ସ୍ୱପ୍ନରେ ସେ ସ୍ୱାମୀ ଶିବାନନ୍ଦଙ୍କ ତୈଳଚିତ୍ର ପ୍ରତି ମୋ ଦୃଷ୍ଟି ଆକର୍ଷଣ କରନ୍ତି । ସୁଠାମ, ସ୍ୱାସ୍ଥ୍ୟବାନ୍, ସୌମ୍ୟ ଦର୍ଶନ ଯୋଗୀ ଶିବାନନ୍ଦ ଯୋଗାସନରେ ଅବସ୍ଥିତ...ମୁଖମଣ୍ଡଳରେ ଏକ ଅପୂର୍ବ ଜ୍ୟୋତିର ସ୍ଫୁରଣ...ସୁନ୍ଦର ସ୍ୱାସ୍ଥ୍ୟ ନିକଟରେ ଯେପରି ବାର୍ଦ୍ଧକ୍ୟ ସମ୍ପୂର୍ଣ୍ଣ ହାର୍ ମାନିଛି । ମୁଁ ତନ୍ମୟ ହୋଇ ଚାହିଁ ରହିଛି...ସେ ବି ଉପଦେଶ ଦେଉଛନ୍ତି......

ସିକ୍ତ ଘାସର ପ୍ରାନ୍ତର ଉପରେ ଚାଲି ଚାଲି ଆମେ ବସା ନିକଟରେ ପହଞ୍ଚି ଯାଉଥିଲୁ । ରାତ୍ରୀ ଗଭୀରରୁ ଗଭୀରତର ହୋଇ ଉଠୁଥିଲା । ଦୂର ବଡ଼ ବରଗଛଟାରେ କେଉଁଠି ନିଶାଚର ପକ୍ଷୀ କେଁ କେଁ କରି ଚିତ୍କାର ମାରୁଥିଲେ । ବିଦାୟ ନେଇ ହଷ୍ଟେଲ୍‌କୁ ଫେରି ଆସିଲି......

— ଦୁଇ —

ହଠାତ୍ ଦିନେ କ୍ଲାସର ବ୍ଲାକବୋର୍ଡ ପ୍ରତି ମୋର ଦୃଷ୍ଟି ଆପେ ଆପେ ଆକର୍ଷିତ ହେଲା । ବ୍ଲାକ୍‌ବୋର୍ଡରେ କେତୋଟି ସଂକ୍ରମାନ୍ତ-ଲିପିକା ରୂପ ନେଇ ଲିଖିତ । ସମସ୍ତ ଗମନାବହୃଣ ବାବୁଙ୍କୁ ଲକ୍ଷ୍ୟ କରି । କେତୋଟି କଥା ହେଉଛି—ବୁଢ଼ା ଶିକ୍ଷକ ପଠା ଉପିଳ ସାଜିଲେ...ରସିକ ହେବାକୁ ମନ ହାଉଁ ପାଉଁ...ଇତ୍ୟାଦି । କ୍ଲାସରେ ଏହିପରି ଲେଖା ହେବା ଆଜି ଆଦୌ ନୂତନ ନୁହେଁ । କାନ୍ଥ ବାଡ଼ ସହ ରାସ୍ତା ପାର୍ଶ୍ୱର ଭଙ୍ଗା ପ୍ରାଚୀର, ବୃକ୍ଷ, ବସ୍ ପ୍ରଭୃତିରେ ଦିନେ ଏହା ବେଶ୍ ବିଜ୍ଞାପିତ ହେଉଥିଲା । ଅବଶ୍ୟ ତାହା ସଂପୂର୍ଣ୍ଣ ବନ୍ଦ ହୋଇ ଯାଇଥିଲା । ପୁଣି ତାର ନବ ପରିସ୍ଫୁରଣ ନୁହେଁତ...!! ସ୍ୱାଧୀନ ଯୁଗରେ ଏକ ପ୍ରଚୁର ମନୋବୃତ୍ତି......

Digitized by srujan ka@gmail.com

ଏହି ରେଡ଼ିଓଗାନର କାର୍ଯ୍ୟକ୍ରମରେ ଛାତ୍ରମଣ୍ଡଳୀ ମଧ୍ୟରେ ଏପରି ଅସଂଯତ ଦେଖି ମୁଁ ଅତ୍ୟନ୍ତ ବିସ୍ମିତ ହେଲି । ଅନ୍ୟ କାହାର ମନରେ ହୁଏତ ସନ୍ଦେହ ହୋଇ ନ ପାରେ । ପୁଣି ସମନାୟିତ୍ୱ କାହାଙ୍କ ନାମରେ !! ଶିକ୍ଷକର ଦାୟିତ୍ୱ ନେଇ ଛାତ୍ରଙ୍କ ଦାୟିତ୍ୱବୋଧ ବୃଦ୍ଧିରୁ ମୁଁ ସାମାନ୍ୟ ଗମ୍ଭୀର ହୋଇ ପଚାରିଲି—"ବ୍ଲାକ୍‌ବୋର୍ଡରେ କିଏ ଲେଖିଛ ଠିଆ ହୁଅ···" । କ୍ରମେ ହସର ଗୋଟିଏ ଲହରୀ ଖେଳିଗଲା । ସାଙ୍ଗେ ସାଙ୍ଗେ ମୋ ମୁଖ ମଣ୍ଡଳରେ କ୍ରୋଧର ରୁକ୍ଷତା ମଧ୍ୟ ଫୁଟି ଉଠିଲା । ତା'ପରେ ନୀରବ···ନିସ୍ତବ୍ଧ । ପ୍ରକୋଷ୍ଠ ମଧ୍ୟରେ ସାମାନ୍ୟ ଶବ୍ଦ ମଧ୍ୟ ଅତି ସ୍ପଷ୍ଟ ଭାବରେ ଶୁଣିହେବ । କିନ୍ତୁ ମୋ ସମ୍ମୁଖରେ ଠିଆ ହେବାର ସତ୍‌ସାହସ କାହାର ନ ଥିଲା···

ସେ ଦିନ ଏହିପରି ଅଶାନ୍ତ ବାୟୁମଣ୍ଡଳକୁ ନେଇ ପିରିଅଡ୍ ଶେଷହେଲା । ସେହି ଛୋଟିଆ ପଂକ୍ତି ମୋ ମନରେ ବିଶେଷ ଆନ୍ଦୋଳନ ସୃଷ୍ଟି କରୁଥିଲା । ସେ ଦିନ ମୁଁ ଆଉ ତାଙ୍କ ବସାକୁ ଗଲି ନାହିଁ ।

ମନୁଷ୍ୟ ଯେଉଁ ବିଷୟରେ ଅତି ସତର୍କତା ଅବଲମ୍ବନ କରି ଭାବେ ତାହାହିଁ ନାଇନ୍‌ଟିନାଇନ୍ ପର୍ସେଣ୍ଟ ଅଜାଣତରେ ଘଟେ । ମୁଁ ମଧ୍ୟ ଏହା ମଧ୍ୟରେ କେତେଗୁଡ଼ିଏ ନୂତନ ବିଷୟ ଶୁଣିବାକୁ ପାଇଛି··· କେତେକ ଲକ୍ଷ୍ୟ କରିଛି ମଧ୍ୟ । ଏହି କେତେଦିନ ଧରି ପ୍ରତିଦିନ ସକାଳେ ଦାନ୍ତ ପରିଷ୍କାର କରିବା ତାଙ୍କର ଗୋଟାଏ ପ୍ରଧାନ କାର୍ଯ୍ୟ ହୋଇ ଉଠିଛି । ତା' ସହିତ ବାର୍ଦ୍ଧକ୍ୟର ନିଶାଣ ପକ୍ୱ କେଶଗୁଡ଼ିକର ଉତ୍ପାଟନ ଅନ୍ୟ ଗୋଟାଏ କାର୍ଯ୍ୟ ।

ଏଥିରେ ଭାବିବାର ଅବଶ୍ୟ ମୋର ବିଶେଷ କିଛି ନ ଥିଲା, ତଥାପି ମୁଁ ଭାବିଥିଲି । ମୋର ଅଜ୍ଞାତରେ କାହିଁକି ଟିକେ ସେଇ

Digitized by srujan ka@gmail.com

ଭାବନାଃ। ଅନେକ ସମୟରେ କଲାବତର ଭୂତ ସବୁ ମୋତେ ଆକ୍ରାନ୍ତ କରୁଥିଲା । ଅବଶ୍ୟ କି ଭାବରେ ମୁଁ ମଧ୍ୟ ଜାଣିବାକୁ ପାଇଲି ଯେ ଏବେ ବି ସେ ଅବିବାହିତ···

ତାଙ୍କ ବୈଠକଖାନାରେ ବସି ଅନେକ ସମୟରେ ସେହି ନୀଳ ପରଦାକୁ ଚାହିଁ ରହେ, ପବନରେ ଯେତେବେଳେ ପରଦାଟା ଥରେ ଅରେ ଉଡ଼ି ଉଠେ ସେତେବେଳେ ମୋର ଦୃଷ୍ଟି ଅବାଧ ହୋଇ ତା' ଭିତରକୁ ଗଳିପଡ଼ି ଯାଏ, ପୁଣି ଫେରିଆସେ ନିରାଶ ହୋଇ, ଅଉ ଭିତର ଗୃହର ଏ ଗୁପ୍ତରକ୍ଷୀ କାହିଁକି·· ???

ଏହା ମଧ୍ୟରେ ତାଙ୍କ ସହିତ ମୋର ସାକ୍ଷାତ କାହିଁକି ଅପେ ଅପେ ଶିଥିଳ ହୋଇ ଉଠିଛି । ବହୁ ଦିନେ ବିରକ୍ତ ଭାବନାରେ ଫେରି ଆସିଛି ମଧ୍ୟ ।

ସେ ଏହା ମଧ୍ୟରେ ସମସ୍ତ ଶୁଣିବାକୁ ପାଇଲେ । ତଥାପି ତାଙ୍କ ଠାରେ ମୁଁ କୌଣସି ପରିବର୍ତ୍ତନ ଲକ୍ଷ୍ୟକରି ପାରିଲି ନାହିଁ, ବରଂ ସେ ମୋର ଏ ପରିବର୍ତ୍ତନକୁ ଲକ୍ଷ୍ୟକରି ପାରିଛନ୍ତି । ମୁଁ ସତ୍ୟଟା କାହିଁକି ପ୍ରକାଶ କରି ପାରେନା, ଇତସ୍ତତଃ ହୋଇ ମୋତେ ଶାରୀରିକ ଅସୁସ୍ଥତାର ମିଥ୍ୟା ଆଶ୍ରୟ ନେବାକୁ ପଡ଼ୁଛି ମଧ୍ୟ···

ବର୍ଷଟା ଆଗୁରି ଆଗେଇ ଚାଲିଛି । ସ୍କୁଲ, କଲେଜ, ହଟା, ସୁନ୍ଦର ପାର୍ଶ୍ୱ ପାଚେରୀ, ରାସ୍ତା ଉପର ଟେବୁଲ ପ୍ରଭୃତିରେ ଏହା ବେଶ୍ ଚଳିପିତ ହୋଇ ଗଲାଣି—କାର୍ଯ୍ୟ ମଧ୍ୟ ଆଗେଇ ଚାଲିଛି ଦିନକୁ ଦିନ

ଦିନେ ବିଶ୍ରାମ ଘଣ୍ଟା ପରେ—ରାମନାରାୟଣ ବାବୁ ଓ ମୁଁ କଥାବାର୍ତ୍ତା ହୋଇ କ୍ଲାସକୁ ଯାଉଥିଲୁ । ହଠାତ୍ ଜଣେ ଛାତ୍ର ସେହି

କେତୋଟି ପଦ ଆବୃତ୍ତି କଲି । ଅବଶ୍ୟ ସେ ଆମ ଉପସ୍ଥିତି ଜାଣେ ନା, ମୁଁ ହଠାତ୍ ରାଗି ଉଠିଲି । ନିତାନ୍ତ କଠିନ ଦଣ୍ଡ ଦେବାକୁ ମନେ ମନେ ବଦ୍ଧପରିକର ହୋଇଗଲି । ଏ ଉଦ୍ଦେଶ୍ୟ ସାଧ୍ୟ କରିବା ମୋ କ୍ରୋଧ ସୀମାର ସମ୍ପୂର୍ଣ୍ଣ ବାହାରେ ଥିଲା । କିନ୍ତୁ ସେ ପୂର୍ବ ପରି ଅଚଞ୍ଚଳ । ଗ୍ଲସଟିକୁ ଅତି ଶାନ୍ତ ଭାବରେ ପାଖକୁ ଡାକି ହସି ହସି କହିଲେ—"ବାପ ! ଚରିତ୍ରହିଁ ମାନବ ଜୀବନର ଶ୍ରେଷ୍ଠ ସମ୍ପଦ । ପିଲା ଦିନରୁ ଚରିତ୍ର ଗଠନ କର । କପଟ ତ୍ୟାଗ କରି ଭଲ ଶିକ୍ଷା କର । ଅନ୍ୟଙ୍କୁ କୁଭାଷା ପ୍ରୟୋଗ କରିବା ପୂର୍ବରୁ ଜାଣିବା ଉଚିତ ଯେ ପ୍ରଥମେହିଁ ତୁମେ ଚରିତ୍ରରେ ଗୋଟାଏ କାଳିମା ନିଜେ ନିଜେ ବୋଳି ଦେଇଛ ।"

ଗ୍ଲସଟି ନିତାନ୍ତ ଲଜ୍ଜିତ ହୋଇ ପଡ଼ିଥିଲା । ଅତି ନୀରବରେ ସେ ଆମ ସମ୍ମୁଖରୁ ଅପସାରିତ ହେଲା କ୍ଷୁଧାର୍ତ୍ତ ହିଂସ୍ର ବନ୍ୟଜନ୍ତୁ ସମ୍ମୁଖରୁ ମୁକ୍ତ ଦୁର୍ବଳ ପଶୁଟି ପରି । କିନ୍ତୁ ମୁଁ ତାଙ୍କର ଏ ନୀତିକୁ ପସନ୍ଦ କରି ପାରୁ ନଥିଲି । ପୁନଶ୍ଚ ସେ ହସି ହସି କହିଲେ—"କାୟିକ ଦଣ୍ଡ ଦ୍ୱାରା ମନୁଷ୍ୟକୁ ପରିବର୍ତ୍ତିତ କରାଯାଇ ପାରେନା । ମାନସିକ ଦଣ୍ଡହିଁ ଶ୍ରେଷ୍ଠ । ଆମେ ଭୁଲ ବୁଝୁଛେ । ହିଂସ୍ର ବନ୍ୟ ଜନ୍ତୁଙ୍କୁ ମଧ୍ୟ କାୟିକ ଦଣ୍ଡରେ ଶାସନ କରାଯାଉଛି । ତେବେ ଶ୍ରେଷ୍ଠଜୀବ ମନୁଷ୍ୟର ବନ୍ୟପଶୁ ଠାରୁ ଆଉ ପ୍ରଭେଦ ରହିଲା କେଉଁଠି ? କାୟିକ ଦଣ୍ଡରେ ମନ୍ଦ ପ୍ରବୃତ୍ତିକୁ ଦମନ କରାଯାଏ କିନ୍ତୁ ପରିବର୍ତ୍ତନ କରାଯାଇ ପାରେନା ....।"

ତାଙ୍କ ଯୁକ୍ତି ଅବଶ୍ୟ ମୁଁ ଅନୁମୋଦନ କଲି । କିନ୍ତୁ ବାସ୍ତବ କ୍ଷେତ୍ରରେ ଏହାର ପ୍ରତିକ୍ରିୟା ଉପରେ ମୁଁ ବରାବର ସନ୍ଦିହାନ ଥିଲି .....

Digitized by srujan ka@gmail.com

—ତିନି—

ମୋତେ ସ୍କୁଲ ଛାଡ଼ିବାକୁ ହେଲା । ଟ୍ରେନିଂ ପଢ଼ିବାକୁ ହେବ । ଟ୍ରେନିଂ ବ୍ୟତୀତ ଶିକ୍ଷକତାରେ ସାର୍ଥକତା ନାହିଁ । ଅଧିକନ୍ତୁ ମଧ୍ୟ ଦରମା ବେଶୀ । ମୁଁ ମଧ୍ୟ ଏ ସୁଯୋଗ ଛାଡ଼ିବାକୁ ଆଦୌ ପ୍ରସ୍ତୁତ ନ ଥିଲି । ଠିକ୍ ସ୍କୁଲ ଛାଡ଼ିବା ପୂର୍ବ ଦିନ······

ସନ୍ଧ୍ୟା···ବିଛଣାପତ୍ର ସଜାଡ଼ି ନେଉଥିଲି । ସାମୟିକ ବିଦାୟ ଯୋଗୁଁ କେତେଜଣ ଛାତ୍ର ଆସି ପ୍ରକୋଷ୍ଠ ମଧ୍ୟରେ ଉପସ୍ଥିତ ହୋଇ ଠିଆ ହୋଇଥିଲେ । ଏହା ଅବଶ୍ୟ ଗତାନୁଗତିକ ହେଲେ ମଧ୍ୟ ନିହାତି ବାସ୍ତବ । ହଠାତ୍ ମୋ ପ୍ରକୋଷ୍ଠ ମଧ୍ୟକୁ ସତ୍ୟନାରାୟଣବାବୁ ପଶି ଆସିଲେ । ଏହି କେତେଦିନ ଧରି ଯେ ତାଙ୍କ ସହିତ ମୋ ସମ୍ପର୍କଟା ତାହାଙ୍କ ମୋ ତରଫରୁ କୋହଳ ହୋଇ ଯାଇଛି ଭାବି ଟିକିଏ ଅପ୍ରତିଭ ହୋଇ ପଡ଼ିଲି; ତଥାପିତ ତାହାଙ୍କ ସତ୍ୟନାରାୟଣ-ବାବୁ ସେଥିପାଇଁ ଦୁଃଖିତ ନୁହନ୍ତି । କିନ୍ତୁ ତାଙ୍କଠାରେ ମୁଁ କୌଣସି ପରିବର୍ତ୍ତନ ଲକ୍ଷ୍ୟ କରି ପାରୁ ନଥିଲି । ମୁଖମଣ୍ଡଳରେ ପୂର୍ବର ସେହି ସୌମ୍ୟତା ଯେପରି ଅପରିବର୍ତ୍ତନୀୟ···

ଅନୁରୋଧରେ ତାଙ୍କ ବସାଆଡ଼େ ଗଲି, ଆଜିର ବି ଏ ଅନୁରୋଧଟା ଏଡ଼ାଇ ଦେଇ ହୁଏନା । ଛୋଟ ଚାକରଟା ଦୁଇକପ୍ ଚା' ଓ ଜଳଖିଆ ଆଣି ଟେବୁଲ ଉପରେ ରଖି ଦେଇଗଲା, ହୁଏତ ଏହା ପୂର୍ବରୁ ଆୟୋଜିତ, ଛୋଟ ଚାକରଟି ସହିତ ପରିହାସ ଆରମ୍ଭ କଲି, ଏହା ପ୍ରାୟ ପ୍ରତିଦିନର ମୋର ଗୋଟାଏ ବାଣି ଥିଲା । ପିଲାଙ୍କ ସହିତ ଚପଳତା ଆଣିବା ମୋର ଗୋଟାଏ ଅଭ୍ୟାସ···

ସନ୍ଧ୍ୟା ଘନେଇ ଆସିଥିଲା···

ଆଜିର ଏ ସନ୍ଧ୍ୟାରେ ଯେପରି ଗୋଟାଏ ଶୂନ୍ୟତା ଅନୁଭବ କରୁଥିଲି । ଦୀର୍ଘ ସମୟ ପରେ ଏହାହିଁ ଶେଷ ଦେଖା—ହୁଏତ ଏହା

Digitized by srujan ka@gmail.com

ସମ୍ପୂର୍ଣ୍ଣ ଶେଷଦେଖା ହୋଇପାରେ । ନେତ୍ରନିଂ ଶାଶ୍ ପରେ ଅଉ ଏ ସ୍କୁଲକୁ ଆସି ନପାରେ । ତେଣୁ ଆଜିର ଏ ମିଳନରେ ଯେପରି ଯଥେଷ୍ଟ ହାର୍ଦ୍ଦିକତା ଥିଲା···ଆନ୍ତରିକତା ଥିଲା ମଧ୍ୟ ।

ଅନେକ ବିଷୟ କଥାବାର୍ତ୍ତା ହେଲୁ—ଅବଶ୍ୟ ଆଜି ସେଗୁଡ଼ିକ ଆଉ ମନେ ନାହିଁ, ତଥାପି ମୋର ଭବିଷ୍ୟତ ଜୀବନ ମଙ୍ଗଳ ପାଇଁ ଯେପରି ତାଙ୍କର ଉପଦେଶ ଭରି ରହିଥିଲା···

ଶେଷରେ ସେ ମୋତେ ଭିତର ଘରକୁ ଡାକିଲେ । ବେଶ୍ ସୁସଜ୍ଜିତ ପ୍ରକୋଷ୍ଠଟିଏ, ଦରଜାର ପରଦାରେ କୋଣାର୍କର ସୁନ୍ଦର ପ୍ରତିଛବି । କାନ୍ଥ ଦେହରେ ଅନେକଗୁଡ଼ିଏ ସୁନ୍ଦର ସୁରୁଚିପୂର୍ଣ୍ଣ ଛବି··· କୋଣାର୍କର ଲାସ୍ୟମୟୀ ନାରୀର ନୃତ୍ୟଚପଳ ଭଙ୍ଗୀ···ଭାଲେ ଭାଲେ ଯୌବନର ଅଦମନୀୟ ଆବେଦନ···ଆଉ ବାହାର ଘରେ ଗୈରିକ ରଙ୍ଗର ପରଦା···କାନ୍ଥରେ ସ୍ୱାମୀ ଶିବାନନ୍ଦ !!! ତା' ମଧ୍ୟରେ କେତେଗୁଡ଼ିଏ ଫ୍ରେମ ମଧ୍ୟରେ ତନ୍ୱୀ ତରୁଣୀଙ୍କର ଅବକ୍ଷ ଫଟୋ, ଯାହାକି ବିଶେଷ କରି ମୋର ଦୃଷ୍ଟି ଆକର୍ଷଣ କଲା, ଫଟୋଗୁଡ଼ିକ ସ୍ୱଳ୍ପ ପରିଚିତ ପରି ମନେ ହେଉଥିଲା···

ତା' ପରେ ସେ ଆଡ଼କୁ ମୋର ଦୃଷ୍ଟି ଆକର୍ଷଣ କରି ସେ ହସି ହସି କହିଲେ—"କଣ ଦେଖୁଛ ରମେଶ ! ସେମାନଙ୍କୁ ଚିହ୍ନିଛ ବୋଧେ···ଇଏ ଅଧ୍ୟାପିକା ବାଣୀଶ୍ରୀ···ଇଏ ଲେଡ଼ି ଡକ୍ଟର ସୁକାନ୍ତି···ଇଏ ହେଡ୍ ମିଷ୍ଟ୍ରେସ ସୌମିନୀ···ଇଏ ନେତ୍ରୀ ସଂକଳ୍ପିନୀ ···ଆଉ···ହଁ...ନା···ସେମାନେ ସମସ୍ତେ ଦିନେ ଥିଲେ ମୋର ସହପାଠିନୀ । ଶେଷ ଫଟୋଟି ନିକଟରେ ନସ କ'ଣ କହିବାକୁ ଯାଇ ପୁଣି ନୀରବ ରହିଲେ—ବୋଧହୁଏ କୌଣସି ଅପତ୍ତି ଥିଲା, ତଥାପି ଗୃହିଁଲି—ତରୁଣୀ ଜଣକ ଆଧୁନିକା ହେଲେ ମଧ୍ୟ ଉଗ୍ର ଅତ୍ୟାଧୁନିକା ନୁହନ୍ତି । ମୁଖରେ ବେଶ୍ ଶାନ୍ତ କମନୀୟତାର ପ୍ରତିଲିପି···

Digitized by srujan ka@gmail.com

ମନେ ମନେ ଭାବୁଥିଲି—ବେଶ୍ ଗୋଟିଏ ବ୍ୟବସାୟୀ... ଏକ ପାର୍ଶ୍ୱରେ ରୂପର ପ୍ରକୃତ ପୂଜାରୀ ଏବଂ ଅନ୍ୟ ପାର୍ଶ୍ୱରେ ଗାନ୍ଧିଜୀ, ଶିବାନନ୍ଦ...ଅଦ୍ଭୁତ...!!!

ତଥାପି ସେ ମୋ ନିକଟରେ ଏତେ ମୁକ୍ତ କାହିଁକି ? ମନୁଷ୍ୟ କ'ଣ କେବେ ନିଜର ଦୁର୍ବଳତାକୁ ଅନ୍ୟ ନିକଟରେ ପ୍ରକାଶ କରିବାକୁ ଇଚ୍ଛା କରେ ? କେତେବେ...!!!

ଅଥଚ—କୁହତ ଦେଖି ରମେଶ ! ଉପହାରର ଗୋଟିଏ ମୂଲ୍ୟ ଅଛି କି ନା ? ସ୍ନେହର ନିଦର୍ଶନ ଉପହାର—ପ୍ରେମର ମଧ୍ୟ । କିନ୍ତୁ ସେହି ଅନ୍ତରର ନିଦର୍ଶନକୁ କ'ଣ ଫେରାଇଦେଲେ ଅବମାନନା କରାଯାଇ ପାରେ ?

ତା' ପରେ ସେ ଗୋଟିଏ ସୁନ୍ଦର ସଫାରେ ସମ୍ପାଦିତ ବାକ୍ସ ଆଣି ମୋ ସମ୍ମୁଖରେ ରଖିଲେ । ଅନେକ ଗୁଡ଼ିଏ ସୁସମ୍ପାଦିତ ରଙ୍ଗୀନ ଲଫାପା । ଫଗ୍ଲାଣ୍ଟ ସୁବାସିତ ଏସେନ୍ସ୍ ର ଗନ୍ଧ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନଷ୍ଟ ହୋଇନି...

ତା' ପରେ ସେ ଅନେକ କ'ଣ କହିଲେ । କିନ୍ତୁ ସେ ସମସ୍ତ ଶୁଣିବାର ଧୈର୍ଯ୍ୟ ଆଉ ମୋର ନଥିଲା । ତଥାପି ଭାବୁଥିଲି ଯେପରିକି ସେ...ଙ୍କ ଅତନୁ ପୂଜାର ପଦ୍ଧତି ସମ୍ଭାର । ଅନୁଭବ କରୁଥିଲି— ଯେପରି ନାଟକର ଅଙ୍କ ପରେ ଅଙ୍କ ଚାଲିଯାଉଛି ବେଶ୍ ସରଳ ଗତିରେ, ଆଉ ସେ ଜଣେ ନୀରବ ଦର୍ଶକ—ଯାଦୁକରୀର ନିଶା ଯେପରି ସଂପୂର୍ଣ୍ଣ ପ୍ରଭାବ ବିସ୍ତାର କରିଥିଲା—

ତା' ପରେ ଆମେ ପୁଣି ସେହି ସବୁଜ ପ୍ରାନ୍ତର ଉପରେ ପଦପାତ କରି ଫେରିଲୁ । କିଛିଦୂର ଆସି ସେ ଆରମ୍ଭ କଲେ—"କହି ପାରିବ ରମେଶ ! ମନୁଷ୍ୟର ଏହି କୃଷ୍ଣ କଜ୍ଜ୍ୱଳ କଳାକେଶ ଓ ଶ୍ମଶ୍ରୁ ଗୁଡ଼ିକ କାହିଁକି ଦିନେ ଧୂସର ହୋଇ ଆସେ...?

"—ତା'ତ ବାର୍ଦ୍ଧକ୍ୟର ନିଶାଣ...

Digitized by srujan ka@gmail.com

“ହଁ, ଠିକ୍...ବାର୍ଦ୍ଧକ୍ୟ ଆସେ...ସୁନ୍ଦର ଶରୀର ଉପରେ ଶ୍ଳଥତା ପଡ଼ିଆସେ...ଯୌବନର ସବୁଜିମା କ୍ରମେ ମରି ମରିଯାଏ । ବାସ୍ତବିକ ପ୍ରକୃତି ନିକଟରେ ମନୁଷ୍ୟ ସବୁଦା ପରାଜିତ । ସଂଗ୍ରାମ କରି କେହି କେବେ ବିଜୟୀ ହୋଇପାରିନି...”

“—ମାନେ...?” ଆଶ୍ଚର୍ଯ୍ୟ ହୋଇ ପଚାରିଲି,

“—ସେ କଥା ନୁହେଁ—ତଥାପି ମୁଁ ମୋର ଅତୀତକୁ ଉପହାସ କରୁଥିବା ଏହି ପକ୍ୱ କେଶ ଓ ଶ୍ମଶ୍ରୁରାଶିର ମୂଳୋତ୍ପାଟନ କରିବାକୁ ବରାବର ସଂଗ୍ରାମ କରେଁଛି, କିନ୍ତୁ ପ୍ରକୃତି ବିଜୟୀ ଆଉ ମୁଁ ବରାବର ବିଜିତ...”

ଭାରି ହସ ଲାଗିଲା, କି ଆଶ୍ଚର୍ଯ୍ୟ ଏ ମନୁଷ୍ୟ !! ପାଗଳ ନହେଲେ ବି ପାଗଳ ଠାରୁ ତେଷର କୌଣସି ଗୁଣରେ କମ୍ ନୁହନ୍ତି ।

ରାତ୍ରୀ ଗମ୍ଭୀର ହୋଇ ଉଠୁଥିଲା । ଶେଷ ବିଦାୟ ନେଇ ଫେରି ଆସିଲି.....

× × ×

ତା’ ପର ଦିନ......

ଛାତ୍ରମାନଙ୍କ ସହ ସେ ମୋତେ ବିଦାୟ ଦେବାକୁ ବସ୍ ଷ୍ଟାଣ୍ଡକୁ ଆସିଥିଲେ । ମୁଁ ପରିସ୍ଥିତି ମଧ୍ୟରେ ଯଥେଷ୍ଟ ଦୁଃଖ ଅନୁଭବ କରୁଥିଲି, ତା’ ସହିତ ତାଙ୍କର କ୍ରମାଗତ ମାୟା ମୋତେ ଦୁଃଖର ଆଧିକ୍ୟ ମଧ୍ୟରେ ମଧ୍ୟ ମାୟାକ୍ରାନ୍ତ କରି ଦେଉଥିଲା.....

ବସ୍ ଛାଡ଼ିଲା । ସେ ବାଷ୍ପାକୁଳ କଣ୍ଠରେ କହିଲେ—“ମୁଁ ତୁମର ସାଫଲ୍ୟ କାମନା କରେ.....।” ତାଙ୍କ ଚକ୍ଷୁ ଦୁଇଟି ଲୁହରେ ଛଳ ଛଳ ହୋଇ ଉଠିଥିଲା ...

ବସ ଟା ଅପେକ୍ଷା ନକରି ଆଗେଇ ଚାଲିଲା.....

Digitized by srujan ka@gmail.com

ମୋ ଚକ୍ଷୁରୁ ମଧ୍ୟ ଦୁଇବୁନ୍ଦା ଲୁହ ଝରି ପଡ଼ିଲା ଅତି ଅବାଧ ଭାବରେ......

—ଗ୍ଣର—

ଦୁଇବର୍ଷ ପରେ...

ବାସ୍ତବ ଜୀବନର ସତ୍ୟତା ଓ ଅବାସ୍ତବ ଜୀବନର କଳ୍ପନାକୁ ନେଇ ମୋତେ ପୁଣି ସେହି ସ୍କୁଲକୁ ଫେରି ଆସିବାକୁ ହେଲା । କିନ୍ତୁ ଏଥର ସାଧାରଣ ଶିକ୍ଷକ ଭାବରେ ନୁହେଁ— ପ୍ରଧାନ ଶିକ୍ଷକ ଭାବରେ ନିଯୁକ୍ତି ପାଇ । ପରିସ୍ଥିତିର ବାସ୍ତବତା ମଧ୍ୟରେ ଏଥରକ ମୁଁ ଦାୟିତ୍ୱର ଗଦା ଭିତରେ ଯଥେଷ୍ଟ ପୋତି ହୋଇ ପଡ଼ିଥିଲି । ପୂର୍ବର ସେହି ମୁକ୍ତ ଜୀବନ ଓ ସରଳ ପରିବେଶ ଯେପରି ମୋ ଠାରୁ ବହୁତ ଦୂରେଇ ଯାଇଥିଲା । କାର୍ଯ୍ୟର ଆଧିକ୍ୟ ମଧ୍ୟରେ ମନଟା ସମୟ ସମୟରେ ଅସ୍ୱାଭାବିକ ରୂପେ ବିକ୍ତ ହୋଇ ଉଠୁଥିଲା ।

ଅବେକ୍ଷଣୀ ମଧ୍ୟ ଯଥେଷ୍ଟ ଫରକ୍ । ଅଳ୍ପ କେତୋଟି ଦିନ ତଳେ ଯେଉଁମାନଙ୍କ ସହିତ ଅତି ମୁକ୍ତ ଭାବରେ ମିଳାମିଶା କରି ପାରୁଥିଲି , ଆଜି ଯେପରି ସେମାନେ ଦୂରରେ ରହିବାକୁ ଚେଷ୍ଟିତ ! କିନ୍ତୁ ସେ ବିଷୟ ଭାବି ମୁଁ ଯେତେ ବିବ୍ରତ ହେଉ ନଥିଲି, ବିଶେଷ ବିବ୍ରତ ହେଉଥିଲି ରାମନାରାୟଣ ବାବୁଙ୍କ ବିଷୟ ଭାବି । ତାଙ୍କର ସେହି ରୂପ, ସେହି କାନ୍ତି, ସେହି ଭାଷା, ସେଇ ବ୍ୟବହାର ମୋତେ ବିଶେଷ ଚିନ୍ତିତ କରି ପକାଉଥିଲା । ଏଇ ବର୍ଷକ ତଳେ...ଠିକ୍ ସେଇ ଯେଉଁ ଘରଟିରେ ବସି ରାମନାରାୟଣବାବୁ ଓ ମୁଁ ମୁକ୍ତଭାବରେ ଆଲୋଚନାରେ ନିମଗ୍ନ ରହୁଥିଲୁ···ହୁଏତ ଆଜି ସେହି କାନ୍ଥ ଦେହରେ ସେହି ଚିତ୍ରପଟ ଗୁଡ଼ିକ ଝୁଲି ରହିଥିବ··କିନ୍ତୁ...କିନ୍ତୁ

କଲିଂ ବେଲ୍ ଟା ଉପରେ ମୋ ହାତଟା ସକ୍ରିୟ ହୋଇ ଉଠିଲା...

Digitized by srujan ka@gmail.com

—ସାର୍...

ସସବ୍ୟସ୍ତେ ଚେଆର୍ ଛାଡ଼ି ଉଠି ପଡ଼ିଲି । ତାଙ୍କ ହାତଟା ଧରି ପକେଇ କହିଲି—" ମୋତେ କ୍ଷମା କରିବେ । ଆପଣ ଆଜି 'ସାର୍' ଡାକି ଯେପରି ମୋତେ ଅପଦସ୍ତ ନ କରନ୍ତୁ । ଯେତେ ହେଲେ...

"କିନ୍ତୁ ତାହାତ ଆଦୌ ଅସଂଗତ ନୁହେଁ । ବୟସ ନିର୍ବିଶେଷରେ ହିଁ ଏହି 'ଚେଆର୍'ର ସେ ସମ୍ମାନ ଦାବୀ..."

"ସେ ଗତାନୁଗତିକତା ମୁଁ ଆଦୌ ପସନ୍ଦ କରେନା । ସେପରି ଗୋଟାଏ ଭେଦ ମନୋବୃତ୍ତି ରହିବା ଦ୍ୱାରା କି ଅନୁଷ୍ଠାନ ମଧ୍ୟରେ ଏକତା ସମ୍ଭବ ? ମୁଁ ତାହାର ହିଁ ଗୋଟାଏ ପରୀକ୍ଷା କରୁଛି......"

"ତା' କି ସମ୍ଭବ... ?

" ତଥାପି ଅସମ୍ଭବ ନୁହେଁ ବୋଲି ମୋର ମନେହୁଏ...

ହଠାତ୍ ବେଲ୍ ଶୁଣି ଦପ୍ତରୀ ଘର ଭିତରକୁ ପଶି ଆସିଲା...

ମୁଁ ଚେଆର ଉପରେ ବସି ପଡ଼ିଲି । ରାମନାରାୟଣବାବୁ ମଧ୍ୟ ଆଉ ଗୋଟିଏ ଚେଆର୍ ନେଇ ବସିଲେ......

× × ×

ସେ ଦିନର ସଂଧ୍ୟା......

ମୁଁ ରାମନାରାୟଣ ବାବୁଙ୍କ ଘରଆଡ଼େ ବାହାରି ପଡ଼ିଲି । ମନେ ପଡ଼ିଲା ଅତୀତର ସେହି ତ୍ରିକୋଣ...ସେହି ଦିଗନ୍ତ ମେଖଳା ଶସ୍ୟଶ୍ୟାମଳା କ୍ଷେତ ଆଉ ସେହି ନାତିଦୀର୍ଘ ଆଲୋଚନା...ଦୀର୍ଘ ସମୟ ପରେ ଆଜିର ଆଲୋଚନାଟା ନିଶ୍ଚୟ ଉପଭୋଗ୍ୟ ହେବ ।

ଆମେ ଠିକ୍ ସେହି ବୈଠକ ଖାନାରେ ବସି ଅଳ୍ପ ସମୟ ମାମୁଲି ଗଳ୍ପ କରିବା ପରେ ହଠାତ୍ ଭିତରୁ ନାରୀ କଣ୍ଠର ଆର୍ତ୍ତଡାକ୍

Digitized by srujan ka@gmail.com

ଶୁଣାଗଲା । ଆଶ୍ଚର୍ଯ୍ୟ ହେଲି—ଏ ପୁଣି କିଏ ? ପ୍ରକୋଷ୍ଠଟିରେ ମଧ୍ୟ ଯଥେଷ୍ଟ ପରିବର୍ତ୍ତନ ଲକ୍ଷ୍ୟ କରୁଥିଲି । ସେହି ଗୈରିକ ପରଦା ସ୍ଥାନରେ ଗୋଟିଏ ବେଶ୍ ଦାମିକା ନୀଳପରଦା ପବନର ମୃଦୁ ଆଘାତ ପାଇ ଦୋହଲି ଦୋହଲି ଉଠୁଛି । ତା' ସହିତ ରାମନାରାୟଣ ବାବୁଙ୍କ ବେଶଭୂଷା ମଧ୍ୟ ଆଉ ସେ ଗୈରିକ ପରିଧାନ ନାହିଁ । ଦେହରେ ବେଶ୍ ମଖ୍‌ମଲ୍ ପଞ୍ଜାବୀ ।

ଆଜି ମଧ୍ୟ ସେହି ବିଷୟ ଆଲୋଚନା ହେଲା...ବିଗତ ଏକ ବର୍ଷର ପେପର୍‌ର ଗୋଟିଏ ସଂକ୍ଷିପ୍ତ ଆଲୋଚନା । କିନ୍ତୁ ଆଜିର ଆଲୋଚନା ମୋର ଉପଭୋଗ୍ୟ ହୋଇ ପାରୁ ନଥିଲା । ଆଜିର ରାମନାରାୟଣ ବାବୁଙ୍କ କଣ୍ଠରେ ପୂର୍ବର ସେହି ମାଧୁର୍ଯ୍ୟପୂର୍ଣ୍ଣ ବ୍ୟବହାର ଥିଲେ ମଧ୍ୟ ମୁକ୍ତପର ମନେ ହେଲା ନାହିଁ । ଏ କ'ଣ ତାଙ୍କର ପରିବର୍ତ୍ତନ ନା ମୋର ପଦର ପ୍ରତିକ୍ରିୟା......!!!

ଛାତ୍ରମାନଙ୍କ ବିଷୟ ମଧ୍ୟ ଆଲୋଚିତ ହେଲା । କିନ୍ତୁ ତାହା ଆଦୌ ବୁଝିପାରିଲି ନାହିଁ । ତଥାପି ମୁଁ ଲକ୍ଷ୍ୟ କରୁଛି—ପୂର୍ବର ସେହି ଦୂଷିତ ବାୟୁମଣ୍ଡଳ ଆଉ ନାହିଁ । ଯେପରି ବର୍ତ୍ତମାନ ଛାତ୍ରମାନେ ତାଙ୍କୁ ବିଶେଷ ଭକ୍ତି କରୁଛନ୍ତି । ତେବେ କ'ଣ ଏହା ତାଙ୍କର ଆଦର୍ଶ... ? ହଁ, ବାସ୍ତବିକ ହିଂସା, ଦ୍ୱେଷ, ସମସ୍ତ ଆଗରେ ଆଦର୍ଶ ହିଁ ଆଦର୍ଶ......

ହଠାତ୍ ଜଣେ ତନ୍ୱୀ ତରୁଣୀ ହାତରେ ଦୁଇକପ୍ ଚା' ଆଣି ଟେବୁଲ୍ ଉପରେ ରଖିଦେଇ ଗଲେ । ତରୁଣୀ ନହେଲେ ବି ପ୍ରୌଢ଼ା ନୁହନ୍ତି—ତଥାପି ଉତ୍ତର ତ୍ରିଂଶତ । ଏ କ'ଣ ରାମନାରାୟଣ-ବାବୁଙ୍କର କେହି ସଂପର୍କୀୟା ? ତେବେ ଏ ମହିଳା ଆଉ ବା କିଏ ହୋଇ ପାରନ୍ତି ? ବେଶରେ ସେ ମୋର କୌଣସି ଅଧୁନାର

Digitized by srujan ka@gmail.com

ଗୃହଦ୍ୱାରେ ନାହିଁ, ତଥାପି ମହିଳାଙ୍କୁ କେଉଁଠି ଦେଖିଥିବା ପରି ମନେହେଲା......

ମୁଁ ଦୁଇ ଢୋକ ମଧ୍ୟରେ ନିଃଶେଷ କରିଦେଲି । ଶୂନ୍ୟ କପ ଦୁଇଟିକୁ ଟେବୁଲ୍ ଉପରେ ରଖିଦେଇ ପୁଣି ବସ୍ତୀର୍ଣ୍ଣ ପ୍ରାନ୍ତର ଉପରକୁ ଫେରିଲି । ସବୁଜ ଘାସ ଉପରେ ଅଷ୍ଟମୀର ଜ୍ୟୋତ୍ସ୍ନା ପଡ଼ି ଚକ୍‌ଚକ୍ ଦେଖା ଯାଉଥିଲା । ଅମେ ଅସି ପ୍ରାନ୍ତରର ଘାସ ଉପରେ ଠିଆ ହେଲୁ । ଘାଇ ଦୁଇଟି ପଛକୁ ହଁଲି ପଡ଼ିଥିଲା ସିଲ୍‌ହୁଟ୍ ଛବି ଅଙ୍କନ କରି ।

ମୁଁ ପଚାରିଲି—"ମହିଳା ଜଣକ ବୋଧହୁଏ ଅପଣଙ୍କର କୌଣସି ସଂପର୍କୀୟା ହେବେ ? କେଉଁଠି ଦେଖିଲା ପରି ମୋର ମନେହେଉଛି । କିନ୍ତୁ......

ସେ ସାମାନ୍ୟ ହସି ଅରମ୍ଭ କଲେ—"ହଁ, ଅଚ୍ଛା...ସେ ଦିନର ସନ୍ଧିରେ ମୁଁ ତୁମକୁ ଯେଉଁ ଫଟୋଗୁଡ଼ିକ ଭିତରେ ଦେଖାଇଥିଲି ମନେ ଅଛି ତ...... ? "

"—ହଁ..."

"—ସେମାନେ ଦିନେ ଅସିଥିଲେ ପ୍ରତ୍ୟେକ ମନରେ ରୂପ, ରଙ୍ଗ, ଗନ୍ଧ ଓ ମଧୁକ ନେଇ ଅଜି ଫେରି ଯାଇଥିଲେ କେବଳ ଗୋଟିଏ ଗୋଟିଏ ପ୍ରତିଛବି ଛାଡ଼ି......"

"—ହଁ, ହଁ...ମୋର ଠିକ୍ ମନେଅଛି...ତଥାପି ସେ ବୋଧହୁଏ ଆପଣଙ୍କର କୌଣସି ସଂପର୍କୀୟା ହେବେ... ନୁହେଁ... ? "

"—ନିତାନ୍ତ ଭୁଲ୍ ନୁହେଁ । ତଥାପି ମନେ ପଡୁନି— ନୁହେଁ ? ଅଚ୍ଛା ସେ ଫଟୋ ମଧ୍ୟରେ ଗୋଟିଏ ଫଟୋ ଦେଖି ନ ଥିଲେ ଯାହାର କି ମୁଁ ଅପଣଙ୍କୁ ପରିଚୟ ଦେଇ ନ ଥିଲି..."

Digitized by srujan ka@gmail.com

"—ହଁ, ହଁ… ମନେ ପଡ଼ିଲା……

"—ବେଶ୍, ସେ ହିଁ ମୋର ସ୍ତ୍ରୀ……

"—ଏଁ, ଆପଣ ବିବାହ କଲେ, ଭୋଜି ନଦେଲେ ତ ନାହିଁ, କିନ୍ତୁ ନିମନ୍ତ୍ରଣ ପତ୍ର ଖଣ୍ଡେ ବି ମିଳିଲାନି…"

ସେ କେବଳ ସାମାନ୍ୟ ହସିଦେଲେ…

"—ଯାହାହେଉ ଆପଣ ତେବେ ବିବାହ କଲେ—ଭଲ …ମୋର ଅଭିନନ୍ଦନ…"

"—କିନ୍ତୁ ଏ ମୋର ଅଜର ବିବାହ ନୁହେଁ ରମେଶ ବାବୁ! ଅତି ପୁରୁଣା—ପ୍ରାୟ ଦୀର୍ଘ ପାଞ୍ଚବର୍ଷର ବନ୍ଧନ। ଯେଉଁଠି ହୃଦୟର ମିଳନ ଅଛି ସେଇଠି ବନ୍ଧନ—ଅନ୍ୟାନ୍ୟ କେବଳ ଗୋଟିଏ ପ୍ରହସନ୍।"

"—ତାହି—କେବେତ କହୁ ନାହାନ୍ତି……"

"—ଆବଶ୍ୟକ ନ ଥିଲା। ଟିକିଏ ଭିତର ଯନ୍ତ୍ରଣା ସହ୍ୟ କରୁଥିଲି ମାତ୍ର। ଯେତେବେଳେ ଆପଣମାନଙ୍କ ପରି ଲୋକ ସନ୍ଦେହ କରିପାରନ୍ତି, ସେତେବେଳେ କହିବାଟା କି ଆବଶ୍ୟକ ଥିଲା ଅବା……"

ଲଜ୍ଜାରେ ମୋର ମୁଣ୍ଡ ନଇଁ ଆସିଲା, ସତେ ମୁଁ ବି ତ ଦିନେ ତାଙ୍କୁ ସନ୍ଦେହ କରିଥିଲି!! ଆଜି ସେ ଠିକ୍ ତାର ପ୍ରତିଶୋଧ ନେଇ ପାରିଛନ୍ତି……

ଆକାଶରେ ଅଷ୍ଟମୀର ଚନ୍ଦ୍ର ଉପରକୁ ଉଠି ଯାଇଥିଲା…

—୪୦୪—

ସ ମା ପ୍ତ

ମୁଦ୍ରାକର—ଶ୍ରୀ ଘନଶ୍ୟାମ ଶତପଥୀ, ନବଯୁଗ ପ୍ରେସ୍, କଟକ

Digitized by srujan ka@gmail.com